ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 8/2025 | Page 14 | ₹ 7.00

୫୨ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 15 | ମୂଲ୍ୟ ₹୭/-



କଟକର ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଙ୍ଗଳବାର ହେବାକୁ ଥିବା ପ୍ରଥମ ଟି୨୦ ମ୍ୟାଚ୍ ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ପେସର ଅର୍ଶଦୀପ ସିଂଙ୍କୁ ହୋଟେଲରେ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ସେ ସାଲ୍ୟୁଟ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ଗୋଆ ନାଇଟ୍ କ୍ଲବ୍‌ରେ ନିଆଁ: ୨୫ ମୃତ

'ବର୍ଚ ବାଇ ରୋମିଓ ଲେନ୍' ଦ୍ୱାରା ପରିଚାଳିତ ଗୋଆର ଏକ ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଏତେ ବଡ଼ ଘଟଣା ଘଟିଯାଇଥିବା କୁହାଯାଉଛି। କ୍ଲବ୍ ମ୍ୟାନେଜର ଓ ଇଭେଣ୍ଟ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓ କଂଗ୍ରେସ ଏହି ଅଘଟଣ ପାଇଁ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

**ପଣଜୀ,୭।୧୨(ପି.ଟି/ଏଜେନ୍ସି)**

ଗୋଆ ରାଜଧାନୀ ପଣଜୀରୁ ୨୫ କି.ମି. ଦୂରରେ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍ ଅବସ୍ଥିତ। ବେଆଇନ ଭାବେ ନିର୍ମିତ ଏହି କ୍ଲବ୍‌କୁ ଭାଙ୍ଗିବା ପାଇଁ ପୂର୍ବରୁ ନୋଟିସ ଦିଆଯାଇଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଯୋଗୁ ଉଚ୍ଛେଦ ବନ୍ଦ ରହିଥିଲା। ଡିସେମ୍ବର ମାସ ହୋଇଥିବାରୁ ଗୋଆକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଥିବାବେଳେ ରବିବାର ରାତିରେ ଉକ୍ତ କ୍ଲବ୍‌ରେ ଶତାଧିକ ଟୁରିଷ୍ଟ ନାଚଗୀତରେ ମସ୍‌ଗୁଲ ଥିଲେ। ୧୯୭୦ ଦଶକର ହିନ୍ଦୀ ଫିଲ୍ମ 'ଶୋଲେ'ର ମେହବୁବା ଓ ମେହବୁବା ଗୀତର ତାଳେ ତାଳେ ପର୍ଯ୍ୟଟକମାନେ ଝୁମୁଥିଲେ। ବଲିଉଡ୍ ବ୍ୟାଙ୍ଗର ନାଇଟ୍ ବେଳେ ଡିଜେ କନ୍‌ସୋଲ ନିକଟରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁଚାହୁଁ ନିଆଁ ସିଲିଂରେ ଲାଗିବା ପରେ ଚତୁର୍ଦ୍ଦିଗକୁ ଚହଟିଥିଲା। ପ୍ରାଣବିକଳରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିବାବେଳେ ମାତ୍ର କିଛି ମିନିଟ୍ ଭିତରେ ହିଁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଗଲା। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୧୪ ଜଣ ନାଇଟ୍ କ୍ଲବ୍ କର୍ମଚାରୀ ହୋଇଥିବାବେଳେ ୪ ପର୍ଯ୍ୟଟକ ରହିଛନ୍ତି। ଅନ୍ୟ ୭ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିବାରୁ ନିଆଁ ☞ପୃଷ୍ଠା-୪

## 'ବର୍ଚ ବାଇ ରୋମିଓ ଲେନ୍'

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ଚେନ୍ ଅଫ୍ ରେଷ୍ଟୁରାଣ୍ଟର ଅବ୍ୟବସ୍ଥାକୁ ନେଇ ବିତର୍କ ସୃଷ୍ଟି ହୋଇଛି। 'ବର୍ଚ ବାଇ ରୋମିଓ ଲେନ୍' ହେଉଛି ରୋମିଓ ଲେନ୍ ଚେନ୍ ଅଫ୍ ରେଷ୍ଟୁରାଣ୍ଟର ଏକ ଅଂଶ। ଭୁବନେଶ୍ୱର ପଟିଆସ୍ଥିତ ରଘୁନାଥପୁର ଅଞ୍ଚଳରେ ଏହାର ଏକ ରେଷ୍ଟୁରାଣ୍ଟ ୨୦୨୫ ମାର୍ଚ୍ଚରେ ଖୋଲିଛି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏହାର ଏକାଧିକ ରେଷ୍ଟୁରାଣ୍ଟ ଓ ନାଇଟ୍ କ୍ଲବ୍ ରହିଛି। ମିରଟ୍, ☞ପୃଷ୍ଠା-୪

# 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ ହେବ ଘଟଗାଁ ତାରିଣୀପୀଠ'

**କେନ୍ଦୁଝର ଜିଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ମା' ତାରିଣୀଙ୍କ ପୀଠକୁ ବିଶ୍ୱସ୍ତରୀୟ ଧର୍ମକସ୍ଥଳ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ରବିବାର କେନ୍ଦୁଝରର ଆରାଧ୍ୟା ଦେବୀ ଘଟଗାଁସ୍ଥିତ ମା' ତାରିଣୀଙ୍କ ପୀଠରେ ୩୧୨ କୋଟି ଟଙ୍କା ବ୍ୟୟ ବରାଦରେ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୧୮ମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଛି। ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତୀକରଣ କାର୍ଯ୍ୟ ସମାପ୍ତ ହେବ। ଓଡ଼ିଶାକୁ କେନ୍ଦୁଝର ବହୁତ ଦେଇଛି, ପାଇଛି କମ୍। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀରେ ପରିଣତ ହେବ। ସୁନାର କେନ୍ଦୁଝର ଗଢ଼ିବାର ପ୍ରକ୍ରିୟା ଏବେଠାରୁ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।**

- **୩୧୨ କୋଟି ଟଙ୍କାର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**
- **ଇସ୍ପାତ ନଗରୀରେ ପରିଣତ ହେବାକୁ ଯାଉଛି କେନ୍ଦୁଝର**

**କେନ୍ଦୁଝର/ ଘଟଗାଁ/ ଢେଙ୍କିକୋଟ, ୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର/ ରାଜେନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)**

ମୁଖ୍ୟମନ୍ତ୍ରୀ ଘଟଗାଁଠାରେ ପହଞ୍ଚିବା ପରେ ଆର୍‌ସି ପ୍ରାଥମିକ ବିଦ୍ୟାଳୟଠାରୁ ମା' ତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ' ଜରିଆରେ ଘଟଗାଁବାସୀ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ମା' ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେହିଠାରେ ହିଁ ଘଟଗାଁ ମା' ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ସାଧାରଣସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ, ମା'ଙ୍କ ପୀଠର ଉନ୍ନତୀକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ। କାରଣ ଏହି ଉନ୍ନତୀକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ପ୍ରାୟ ୬୦ଏକର ଜମିରେ ପରିବ୍ୟାପ୍ତ ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ, ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ୍, ପୋଷାକ କୋଠରି, ଜୋତା ଷ୍ଟାଣ୍ଡ, ଟିକେଟ୍ କାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ, ଡ୍ରାଇଭରଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ, ପାର୍କିଂ, ୪ଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟକାରୀ କରାଯିବ। ଏଥିସହ ଆଗାମୀ ଏକ ବର୍ଷ ମଧ୍ୟରେ ଅଞ୍ଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ। ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ାଯାଇ ମନ୍ଦିରର ଦେହୁରୀଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ। ଏ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗକୁ କହିବା ସହ ଜିଲାପାଳଙ୍କୁ ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିଥିଲେ।

କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଣ୍ଟ୍ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ ହେବ। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀଭାବେ ☞ପୃଷ୍ଠା-୪



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ଏସ୍‌ଏସ୍‌ବି ଯବାନ ସମେତ ୨ ଗିରଫ

**ଭୁବନେଶ୍ୱର, ୭।୧୨ (ତ୍ରିନାଥ ମହାନ୍ତି)**

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

- **ଓପିଆର୍‌ବିର ଆଉ ୫ କର୍ମଚାରୀଙ୍କୁ ପଚରାଉଚରା**
- **ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଲା ସିବିଆଇ**
- **ରିମାଣ୍ଡ ପରେ ଜେଲ ଗଲେ ବିରଞ୍ଚି**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇଥିବା ବିରଞ୍ଚି ନାରାୟଣଙ୍କ ଦୁଇଦିନିଆ ରିମାଣ୍ଡ ଅବଧି ଶେଷ ହୋଇଛି। ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି ସିବିଆଇ। ରବିବାର ମେଡିକାଲ ପରୀକ୍ଷା କରିବା ପରେ ତାଙ୍କୁ ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ବିରଞ୍ଚିଙ୍କ ତଥ୍ୟ ଆଧାରରେ ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଆଉ ୨ଜଣଙ୍କୁ ଉଠାଇ ଆଣି ସିବିଆଇ ଅଟକ ରଖି ପଚରାଉଚରା ପରେ ଗିରଫ କରିଛି। ସେମାନେ ହେଲେ ଏସ୍‌ଏସ୍‌ବି ଯବାନ ଅର୍ଜୁନ ନାୟକ ଏବଂ ବିରଞ୍ଚିର ଅତି ଘନିଷ୍ଠ ସହଯୋଗୀ ନିମାଇଁ ସାହୁ। ଏହି ଦୁଇ ଅଭିଯୁକ୍ତ ବିରଞ୍ଚିଙ୍କୁ ପିଲା ଯୋଗାଡ଼କରି ଦେଉଥିଲେ ଓ ବିରଞ୍ଚି ଟଙ୍କା ଡିଲ୍ କରିବା ପରେ ସେମାନଙ୍କୁ ମାଷ୍ଟରମାଇଣ୍ଡ୍ ଶଙ୍କର ପୃଷ୍ଟିଙ୍କ ନିକଟରେ ପହଞ୍ଚାଉଥିଲେ। ପରବର୍ତ୍ତୀ ସମୟରେ ଅଗ୍ରୀମ ଆକାରରେ ୧୦ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ଆଣିବାରେ ସହାୟତା କରୁଥିଲେ। ସିବିଆଇ ଅର୍ଜୁନ ଏବଂ ନିମାଇଁଙ୍କ ବିରୋଧରେ ଏଭଳି ଏକାଧିକ ପ୍ରମାଣ ପାଇଛି। ସେହିଭଳି ସିବିଆଇ ସ୍କାନରରେ ଆଉ ୭ଜଣ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ସିବିଆଇର ଅଧିକାରୀମାନେ ଉଠାଇନେବେ ବୋଲି ଜଣାପଡ଼ିଛି।

କିନ୍ତୁ ବିରଞ୍ଚି ଗିରଫ ହେବା ପରେ ତାଙ୍କ ଲିଙ୍କ୍‌ରେ ଥିବା ଦଲାଲମାନେ ଲୁଚିବା ସହ ଫୋନ୍ ସୁଇଚ୍‌ଅଫ୍ କରିଦେଇଛନ୍ତି। ସିବିଆଇ ସେମାନଙ୍କ ନମ୍ବରକୁ ଟ୍ରେସ୍ କଲେ ମଧ୍ୟ ତାହା ବନ୍ଦ ଥିବା ଦେଖାଉଛି।

ଅନ୍ୟପକ୍ଷରେ ଏହି ପରୀକ୍ଷା ଜାଲିଆତି ର୍‍ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ଟିମ୍ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ଏନେଇ ସିବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ମିଳିଥିବା ସୂଚନା ଅନୁସାରେ, ଉକ୍ତ ବିହାରୀ ଯୁବକ ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଶଙ୍କର ପୃଷ୍ଟିଙ୍କ ସହ ମଧ୍ୟସ୍ଥ କରୁଥିଲେ। ପ୍ରଶ୍ନପତ୍ର କେମିତି ଆସିବ ଓ କାହାକୁ ଦିଆଯିବ - ସବୁ କିଛି ବୁଝୁଥିଲେ ଏହି ବିହାରୀ ଯୁବକ। ସିବିଆଇ ତାଙ୍କୁ ପଚରାଉଚରା କରୁଥିବାବେଳେ ଗିରଫ କରିପାରେ ବୋଲି କୁହାଯାଉଛି। ଏଥିସହ ଓପିଆର୍‌ବିର ୫ଜଣ କର୍ମଚାରୀଙ୍କୁ ପଚରାଉଚରା ☞ପୃଷ୍ଠା-୪

## ଜାନୁଆରୀରେ ଭାରତ ଆସିପାରନ୍ତି ଜେଲେନ୍‌ସ୍କି



ଭୋଲୋଡିମିର ଜେଲେନ୍‌ସ୍କି

**ନୂଆଦିଲ୍ଲୀ,୭।୧୨**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୨୦୨୬ ଜାନୁଆରୀରେ ଭାରତ ଆସିପାରନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗସ୍ତ ପରେ ନୂଆଦିଲ୍ଲୀ ପକ୍ଷରୁ କୂଟନୈତିକ ସନ୍ତୁଳନ ଉଦ୍ୟମ ଚାଲିଥିବାରୁ ଦେଶରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ୟୁକ୍ରେନ୍ ଯୁଦ୍ଧ ବନ୍ଦ ସହ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ଭାରତ ସହାୟକ ହୋଇପାରେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏକଚାଟିଆ ବ୍ୟବସାୟ**

# ପୋଖରୀରେ ବୁଡ଼ିଗଲେ ୨ ନାବାଳିକା ସାଙ୍ଗ, ଜଣେ ମୃତ

**ଦିଗପହଣ୍ଡି,୭।୧୨ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡୁଙ୍ଗପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀକୁ ଗାଧୋଇବାକୁ ଯାଇ ୨ ନାବାଳିକା ସାଙ୍ଗ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ଆର୍. ଘନ ପାତ୍ରଙ୍କ ଝିଅ ଆର୍. ସାଲୋନୀ ପାତ୍ର(୮)। ଅନ୍ୟ ଜଣେ ଉଦ୍ଧାର ହୋଇଥିବା ନାବାଳିକା ହେଲେ ଏନ୍. ସୁଦାମ ପାତ୍ରଙ୍କ ଝିଅ ଏନ୍. ରାଜେଶ୍ୱରୀ ପାତ୍ର। ଉଭୟଙ୍କ ଘର ଚୁଡୁଙ୍ଗପୁର କରଣସାହିରେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି।

ଖବରରୁ ପ୍ରକାଶ, ଗାଁ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ୨ ସାଙ୍ଗ ଆର୍.ସାଲୋନୀ ଓ ଏନ୍. ରାଜେଶ୍ୱରୀ ରବିବାର ପୂର୍ବାହ୍ନ ୧୦ଟାରେ ଗାଁର ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଆର୍.ସାଲୋନୀ ପୋଖରୀ ୱାଲ ଖସଡ଼ାରେ ଖସିଯାଇ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଏନ୍. ରାଜେଶ୍ୱରୀ ପାଣିରେ ବୁଡ଼ି ଯାଇଥିଲେ। ସେ ସମୟରେ ପୋଖରୀରେ ଗାଧୋଉଥିବା କେତେ ଜଣ ବ୍ୟକ୍ତି ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଖୋଜାଖୋଜି କରିବା ସତ୍ତ୍ୱେ ସାଲୋନୀଙ୍କ ସନ୍ଧାନ ମିଳି ନ ଥିଲା। ଖବରପାଇ ଦିଗପହଣ୍ଡି ଅଗ୍ନିଶମବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ସାଲୋନୀଙ୍କୁ ଉଦ୍ଧାର କରିଥିଲେ। ପରେ ସାଲୋନୀ ଓ ରାଜେଶ୍ୱରୀଙ୍କୁ ଦିଗପହଣ୍ଡି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସାଲୋନୀଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଏନ୍. ରାଜେଶ୍ୱରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ☞ପୃଷ୍ଠା-୪

## ଉଦ୍ଧାର ନାବାଳିକାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

# ଗାଜିଆବାଦ ଦେଶର ପ୍ରଦୂଷିତ ସହର

## ୪ର୍ଥ ସ୍ଥାନରେ ଦିଲ୍ଲୀ

**ଚଣ୍ଡିଗଡ଼,୭।୧୨**

ଗତ ନଭେମ୍ବରରେ ଜାତୀୟ ରାଜଧାନୀ ଦିଲ୍ଲୀ ଦେଶର ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର ଥିଲା। ସବୁଠୁ ଅଧିକ ପ୍ରଦୂଷିତ ସହର ତାଲିକାର ଶୀର୍ଷରେ ଗାଜିଆବାଦ, ନଏଡା ଓ ବାହାଦୁରଗଡ଼ ରହିଥିଲା। ଦିଲ୍ଲୀ ତଳକୁ ହାପୁର, ଗ୍ରେଟର ନଏଡା, ବାଘପତ୍, ସୋନିପତ୍, ମିରଟ ଓ ରୋହତକ୍ ରହିଥିବା ଏକ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି।

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ପକ୍ଷରୁ ପ୍ରକାଶିତ 'ନଭେମ୍ବର ୨୦୨୫ ମନ୍ଥଲି ଏୟାର କ୍ୱାଲିଟି ସ୍ନାପ୍‌ଶଟ୍' ଶୀର୍ଷକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ ନଭେମ୍ବରରେ ଦେଶର ସର୍ବାଧିକ ପ୍ରଦୂଷିତ ସମସ୍ତ ୧୦ଟି ଯାକ ସହରରେ ପର୍ଟିକୁଲେଟ୍ ମ୍ୟାଟର (ପିଏମ୍) ସ୍ତର ପୂର୍ବବର୍ଷ ତୁଳନାରେ ୨.୫ ଅଧିକ ରହିଥିଲା। ନଡ଼ାମୂଳି ଜାଳିବା ଅନେକ ମାତ୍ରାରେ ବନ୍ଦ ହୋଇଥିଲେ ମଧ୍ୟ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ରହିଥିବା ୨୯ ସହର ମଧ୍ୟରୁ ୨୦ ସିଟିରେ ପ୍ରଦୂଷଣସ୍ତର ପୂର୍ବବର୍ଷ ଅପେକ୍ଷା ଏଥର ଅଧିକ ରହିଛି। ଅତୀତରେ ନଡ଼ାମୂଳି ପୋଡ଼ି ଯୋଗୁ ପଞ୍ଜାବ ଓ ହରିୟାଣାକୁ ଏନ୍‌ସିଆର୍‌ରେ ପ୍ରଦୂଷଣ ପାଇଁ ଦାୟୀ କରାଯାଉଥିଲା। ଏହି ଦୁଇ ରାଜ୍ୟ ଗତ ୪ ବର୍ଷ ମଧ୍ୟରେ ନଡ଼ାମୂଳି ପୋଡ଼ି ୮୦-୯୦% ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଉକ୍ତ ରିପୋର୍ଟରେ ପ୍ରଦତ୍ତ ତଥ୍ୟ ସାରା ଦେଶରେ ବାୟୁ ଗୁଣବତ୍ତା ଖରାପ ଆଡ଼କୁ ଗତି କରୁଥିବା ସୂଚାଉଛି। ତେବେ ସର୍ବାଧିକ ପ୍ରଦୂଷିତ ୧୦ ସହର ମଧ୍ୟରୁ ୬ଟି ଉତ୍ତର ପ୍ରଦେଶରେ ରହିଥିବାବେଳେ ହରିୟାଣାର ୩ଟି ରହିଛି। କେବଳ ଦିଲ୍ଲୀକୁ ଛାଡ଼ି ଅନ୍ୟ ୯ ସହରରେ ଏବର୍ଷ ପୂର୍ବାପେକ୍ଷା ଅଧିକ ବାୟୁ ପ୍ରଦୂଷଣ ରେକର୍ଡ କରାଯାଇଛି। ସିଆର୍‌ଇଏ ବିଶ୍ଳେଷକ ମନୋଜ କୁମାର କହିଛନ୍ତି, ପରିବହନ, ଶିଳ୍ପ, ଶକ୍ତି ପ୍ରକଳ୍ପ ଓ ଅନ୍ୟ ନିର୍ମାଣଗୁଡ଼ିକ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି। ନିର୍ଦ୍ଦିଷ୍ଟ ଭାବେ ସେକ୍ଟରୱାଇଜ୍ ନିର୍ଗମନ ହ୍ରାସ ନ ହେଲେ ଆଗକୁ ସ୍ଥିତି ଆହୁରି ଖରାପ ହୋଇପାରେ।

ରାଜ୍ୟସ୍ତରରେ ଅନୁଧ୍ୟାନ କଲେ ରାଜସ୍ଥାନର ସର୍ବାଧିକ ୨୩, ହରିୟାଣାର ୨୨, ୟୁପିର ୧୪, ମଧ୍ୟପ୍ରଦେଶର ୯, ଓଡ଼ିଶାର ୯ ଓ ପଞ୍ଜାବର ୭ ସହରରେ ପ୍ରଦୂଷଣ ସାନ୍ଦ୍ରତା ଗତ ନଭେମ୍ବରରେ ଅଧିକ ରହିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



**ଘାଟିରାସ୍ତାରେ କାର୍ ଖସି ପରିବାରର ୬ ମୃତ**

ମହାରାଷ୍ଟ୍ରର ନାଶିକ୍ ଜିଲାରେ ରବିବାର ଏକ କାର୍ ୮୦୦ ଫୁଟ୍ ଗଭୀର ଉପତ୍ୟକା ମଧ୍ୟକୁ ଖସିପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ପରିବାର ନାଶିକର ସପ୍ତଶୃଙ୍ଗୀ ମାତା ମନ୍ଦିର ଅଭିମୁଖେ ଯାଉଥିବାବେଳେ ଭାବରୀ ଜଳପ୍ରପାତ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣା ଘଟିଥିଲା।

# ନାଇଟ୍ କ୍ଲବ୍ ନିଆଁ ଆପରାଧିକ ଅବହେଳା: କଂଗ୍ରେସ

**ନୂଆଦିଲ୍ଲୀ/ପଣଜୀ,୭।୧୨**

ଗୋଆର ଆରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍ ' ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଶାସକ ଭାଜପାର ଅବହେଳାକୁ ଦାୟୀକରି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୋକବ୍ୟକ୍ତ କରିବା ସହ କହିଛନ୍ତି, ଅପୂରଣୀୟ କ୍ଷତି ଘଟିଥିବା ଏଭଳି ଅଘଟଣକୁ ଏଡ଼ାଯାଇ ପାରିଥାଆନ୍ତା। କେଉଁ କାରଣରୁ ନିଆଁ ଲାଗିଲା ଓ ଏଥିପାଇଁ କିଏ ଦାୟୀ ତାହା ସ୍ପଷ୍ଟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ। ଉତ୍ତରଦାୟିତ୍ୱ ସ୍ଥିର କରି ତତ୍କାଳ ପଦକ୍ଷେପ ନିଆଗଲେ ହିଁ ଆଗକୁ ଏଭଳି ଘଟଣାର ପୁନରାବୃତ୍ତିକୁ ଏଡ଼ାଇହେବ। ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଘଟଣାକୁ ନେଇ ଗଭୀର ଶୋକବ୍ୟକ୍ତ କରିଛନ୍ତି। ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି, ଏହା ଏକ ଦୁର୍ଘଟଣା ନୁହେଁ। ନିରାପତ୍ତା ଓ ଶାସନର ଆପରାଧିକ ବିଫଳତା ଯୋଗୁ ଏତେ ବଡ଼ ଅଗ୍ନିକାଣ୍ଡ ଘଟିଛି। ବିସ୍ତୃତ ଭାବେ ସ୍ୱଚ୍ଛତାର ସହ ତଦନ୍ତ କରାଯାଉ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଅବହେଳାକୁ ଦାୟୀକରି ଅଗ୍ନି ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଫୋନ୍‌ରେ କଥା ହୋଇଛନ୍ତି। ମୋଦି ସ୍ଥିତି ଉପରେ ତାଙ୍କୁ ପଚାରି ବୁଝିବା ସହ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେଉଥିବା ବିଷୟ କହିଛନ୍ତି।





ଅଗ୍ନିକାଣ୍ଡରେ ଭସ୍ମୀଭୂତ ଉତ୍ତର ଗୋଆର ଅରପୋରାସ୍ଥିତ 'ବର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ୍।

# ପ୍ରାକ୍ ବିବାହୋତ୍ସବରେ ଗୁଳି: ୨ ନାବାଳକ ମୃତ

**ନୂଆଦିଲ୍ଲୀ,୭।୧୨**

ଉତ୍ତରପ୍ରଦେଶର ଇଟାହ ଜିଲା ଅନ୍ତର୍ଗତ ଉମାଇ ଆସାଦନଗର ଗ୍ରାମରେ ଶନିବାର ରାତିରେ ଏକ ପ୍ରାକ୍ ବିବାହୋତ୍ସବରେ ଗୁଳିକାଣ୍ଡ ଘଟି ୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇଛି। ଉତ୍ସବରେ ନାଚଗୀତ ଚାଲିଥିବାବେଳେ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଘଟଣାସ୍ଥଳରେ ୧୨ ବର୍ଷୀୟ ସୁହେଲଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଶାହଖାଦଙ୍କୁ ଆଲିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପରେ ଉତ୍ସବସ୍ଥଳ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହା ସେଲିବ୍ରେଟୋରିଂ ଫାୟାରିଂ ହୋଇପାରେ ବୋଲି କହିଛନ୍ତି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ଏବଂ ଏଥିପାଇଁ କିଏ ଦାୟୀ ଜଣାପଡ଼ି ନାହିଁ। ଉତ୍ସବରେ ଉପସ୍ଥିତ ଥିବା ଲୋକମାନଙ୍କୁ ପୋଲିସ ପଚରାଉଚରା କରୁଛି। ତଦନ୍ତ ପରେ ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ୬୧୦ କୋଟି ଫେରାଇଲା ଇଣ୍ଡିଗୋ

**ନୂଆଦିଲ୍ଲୀ,୭।୧୨**

ଇଣ୍ଡିଗୋ ବିମାନ ଉଡ଼ାଣ କ୍ରମାଗତ ୫ ଦିନ ଧରି ଗୁରୁତର ବାଧାପ୍ରାପ୍ତ ହେବା ପରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ଉକ୍ତ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଉଡ଼ାଣ ବାତିଲ ଓ ଅତ୍ୟଧିକ ବିଳମ୍ବ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ରବିବାର ଇଣ୍ଡିଗୋ ମୋଟ ୬୧୦ କୋଟି ଟଙ୍କା ଫେରସ୍ତ କରିଛି। ଏଥିସହିତ ୩,୦୦୦ ବ୍ୟାଗେଜ୍‌କୁ ଯାତ୍ରୀମାନଙ୍କୁ ହସ୍ତାନ୍ତର କରାଯାଇଥିବା ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। ପ୍ରଭାବିତ ଯାତ୍ରୀମାନଙ୍କୁ ରବିବାର ରାତି ୮ଟା ସୁଦ୍ଧା ଟିକେଟ ମୂଲ୍ୟ ଫେରସ୍ତ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ନିର୍ଦ୍ଦେଶ ଦେଇଥିଲା। ଏଥିସହିତ ୨ ଦିନ ମଧ୍ୟରେ ଯାତ୍ରୀମାଙ୍କୁ ସେମାନଙ୍କ ଲଗେଜ୍ ଫେରାଇଦେବାକୁ କୁହାଯାଇଥିଲା।

ରବିବାର ୧,୬୫୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ କରିଥିବାବେଳେ ୬୫୦ ଉଡ଼ାଣ ବାତିଲ ହୋଇଛି। ଶନିବାର ୧,୫୦୦ ବିମାନ ଉଡ଼ାଣ କରିଥିଲା। ଦେଶର ଏହି ସର୍ବବୃହତ୍ ଏୟାରଲାଇନ୍ସର ୧୩୮ଟି ରୁଟ୍ ମଧ୍ୟରୁ ୧୩୭ଟିରେ ଠିକ୍ ସମୟରେ ଉଡ଼ାଣ ଶନିବାର ୩୦ ପ୍ରତିଶତ ଥିବାବେଳେ ରବିବାର ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ୧୦ ତାରିଖ ସୁଦ୍ଧା ନେଟ୍‌ୱର୍କରେ ସ୍ଥିରତା ଆସିବ ବୋଲି ଇଣ୍ଡିଗୋ ଆଶାବ୍ୟକ୍ତ କରିଛି। ବାତିଲ ହୋଇଥିବା ଉଡ଼ାଣ ପାଇଁ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଭଡ଼ା ଫେରସ୍ତ କରାଯିବ ବୋଲି ଏୟାରଲାଇନ୍ସ ଦୋହରାଇବା ସହ ପୁନଃ ନିର୍ଦ୍ଧାରଣ ଅନୁରୋଧ ଉପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୁକିଂ ଜାରି ରହିବ ବୋଲି କହିଛି। ଟିକେଟ ଭଡ଼ା ଫେରସ୍ତ ପ୍ରକ୍ରିୟା ଦ୍ରୁତବେଗରେ ଚାଲିଛି। ସେବାକୁ ସ୍ୱାଭାବିକ କରିବା ପାଇଁ ଏୟାରଲାଇନ୍ସ କର୍ମଚାରୀମାନେ ଦିନରାତି କାମ ଚଳାଇଥିବା କହିଛନ୍ତି। ଇଣ୍ଡିଗୋର ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ଶୁକ୍ରବାର ବାତିଲ ହୋଇଥିବାବେଳେ ଶନିବାର ମଧ୍ୟ ୮୦୦ରୁ ଅଧିକ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏଥିସହିତ ଅନେକ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଫଳରେ ବିଭିନ୍ନ ଏୟାରପୋର୍ଟରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଉତ୍ତେଜନା ବୃଦ୍ଧି ପାଇଥିଲା।

## ସ୍ୱାଭାବିକ ସ୍ଥିତିକୁ ଫେରୁଛି ବିମାନସେବା




ଟିକେଟ୍ ଅର୍ଥ ଫେରିପାଇବା ପାଇଁ ଲୋକେ କାଉଣ୍ଟରରେ ଅପେକ୍ଷା କରିଛନ୍ତି।

## ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ସମନ କରିବ ସଂସଦୀୟ କମିଟି

**ନୂଆଦିଲ୍ଲୀ,୭।୧୨(ପି.ଟି.)**

ଇଣ୍ଡିଗୋର ଅନେକ ଶହ ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବ ଯୋଗୁ ସାରା ଦେଶର ବିମାନବନ୍ଦରଗୁଡ଼ିକରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏକ ସଂସଦୀୟ କମିଟି ଉକ୍ତ ଏୟାରଲାଇନ୍ସର ଶୀର୍ଷ ଅଧିକାରୀ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ସମନ ଜାରି କରିବ ବୋଲି ଜଣାପଡ଼ିଛି। ଜେଡିୟୁ ନେତା ସଞ୍ଜୟ ଝା'ଙ୍କ ଅଧ୍ୟକ୍ଷତାରେ ଗଠିତ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ସଂସଦୀୟ ସ୍ଥାୟୀ କମିଟି ବିମାନସେବା ବ୍ୟାଘାତ ନେଇ ଇଣ୍ଡିଗୋ କର୍ତ୍ତୃପକ୍ଷ, ଡିଜିସିଏ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀମାନଙ୍କଠାରୁ ସ୍ପଷ୍ଟୀକରଣ ମାଗିପାରେ। ଇଣ୍ଡିଗୋ ବିମାନସେବାରେ ସଙ୍କଟ ଯୋଗୁ ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ କମିଟି ଏହାକୁ ଗମ୍ଭୀରତାର ସହ ନେଇଛି। ଶୀତ ଅଧିବେଶନ ଚାଲିଥିବାବେଳେ ବିମାନ ବାତିଲ ଏବଂ ବିଳମ୍ବ କାରଣରୁ ଅନେକ ଏମ୍‌ପି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଘଟଣାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବା ପାଇଁ ଶନିବାର ସିପିଆଇ(ଏମ୍) ରାଜ୍ୟ ସଭା ସଦସ୍ୟ ଜନ୍ ବ୍ରିଟାସ୍ ଦାବି କରିଥିଲେ।

# ଆଜି ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

**ନୂଆଦିଲ୍ଲୀ,୭।୧୨(ପି.ଟି.)**

ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ସୋମବାର ଲୋକ ସଭାରେ ୧୦ ଘଣ୍ଟା ବିତର୍କ ପାଇଁ ଅନୁମତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିତର୍କ ଆରମ୍ଭ କରିବାକୁ ଥିବାବେଳେ ଜାତୀୟ ଗାନ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଅଜଣା ପ୍ରସଙ୍ଗ ସାମ୍ନାକୁ ଆସିବା ଆଶା କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦ୍ୱିତୀୟ ବକ୍ତା ଭାବେ ଉଦ୍‌ବୋଧନ ଦେବା ଆଶା କରାଯାଉଛି। ଏହା ବ୍ୟତୀତ କଂଗ୍ରେସର ଉପନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ସଦସ୍ୟମାନେ ବିତର୍କରେ ଭାଗନେବେ।

ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ବନ୍ଦେ ମାତରମ୍ ଲେଖିଥିବାବେଳେ ଯଦୁନାଥ ଭଟ୍ଟାଚାର୍ଯ୍ୟ ଏହାକୁ ସ୍ୱର ଦେଇଥିଲେ। ୧୯୩୭ ମସିହାରେ ଲିଖିତ ଉକ୍ତ ଗୀତର ପ୍ରମୁଖ ପଂକ୍ତିଗୁଡ଼ିକୁ କଂଗ୍ରେସ ହଟାଇଦେଇ ବିଭାଜନର ମଞ୍ଜି ବୁଣିଥିଲା ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ ଅଭିଯୋଗ କରିଥିଲେ। ନଭେମ୍ବର ୭ରେ ପ୍ରଧାନମନ୍ତ୍ରୀ ବନ୍ଦେ ମାତରମ୍‌ର ୧୫୦ ବର୍ଷ ଅବସରରେ ଏହାକୁ ବର୍ଷବ୍ୟାପୀ ପାଳନ କରିବାକୁ ଘୋଷଣା କରିଥିଲେ। ଉକ୍ତ ସଙ୍ଗୀତର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି ଲାଗି ସେ ଯୁବବର୍ଗ ଓ ଛାତ୍ରଛାତ୍ରୀଙ୍କୁ କହିଥିଲେ। ରାଜ୍ୟ ସଭାରେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉକ୍ତ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିବେ। ଲୋକ ସଭାରେ ମଙ୍ଗଳବାର ଓ ବୁଧବାର ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମେତ ନିର୍ବାଚନ ସଂସ୍କାର ଉପରେ ବିତର୍କ ହେବାକୁ ଥିବାବେଳେ ବୁଧବାର ଓ ଗୁରୁବାର ରାଜ୍ୟ ସଭାରେ ଆଲୋଚନା ହେବ। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିତର୍କରେ ବିପକ୍ଷ ଦଳର ନେତୃତ୍ୱ ନେବାକୁ ଥିବାବେଳେ ରାଜ୍ୟ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆଲୋଚନାରେ ଭାଗନେବେ।



ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ୧୨୫ ବିଆର୍‌ଓ ପ୍ରକଳ୍ପ ରାଷ୍ଟ୍ରକୁ ଉତ୍ସର୍ଗ କଲେ ପ୍ରତିରକ୍ଷା ମନ୍ତ୍ରୀ

**ଲେହ,୭।୧୨**

ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ୧୨୫ଟି ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲେହରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦେଶର ସୀମାନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ଏହା ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପଗୁଡ଼ିକ ୫,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା ଲଦାଖ ଏବଂ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ, ଅରୁଣାଚଳପ୍ରଦେଶ, ସିକିମ୍, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ମିଜୋରାମକୁ ବ୍ୟାପିଛି। ଏଥିରେ ୨୮ଟି ରାସ୍ତା, ୯୩ଟି ବ୍ରିଜ୍ ଏବଂ ୪ଟି ଅନ୍ୟାନ୍ୟ କାର୍ଯ୍ୟ ରହିଛି। ବିଆର୍‌ଓ ଇତିହାସରେ ଏହା ଗୋଟିଏ ଦିନରେ ସର୍ବାଧିକ ଏବଂ ସବୁଠୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ। ଏହି କାର୍ଯ୍ୟକ୍ରମରେ ଲଦାଖ ଉପରାଜ୍ୟପାଳ କବିନ୍ଦର ଗୁପ୍ତା ଉପସ୍ଥିତ ଥିଲେ। ପ୍ରତିରକ୍ଷା ଉତ୍ପାଦନରେ ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପ୍ରତିରକ୍ଷା ପାଇଁ ଆମଦାନୀ ଉପରେ ନିର୍ଭର କରୁଥିବା ଭାରତ ଏବଂ ଉତ୍ପାଦନ ଓ ରପ୍ତାନିକାରୀ ରାଷ୍ଟ୍ରର ପରିଚୟ ହାସଲ କରିଛି ବୋଲି ରାଜନାଥ କହିଛନ୍ତି। ୨୦୧୪ରେ ଭାରତରେ ପ୍ରତିରକ୍ଷା ଉତ୍ପାଦନ ୪୬,୦୦୦ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧.୫୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୧୦ ବର୍ଷ ପୂର୍ବେ ଭାରତର ପ୍ରତିରକ୍ଷା ରପ୍ତାନି ୧,୦୦୦ କୋଟି ଟଙ୍କାରୁ କମ୍ ଥିବାବେଳେ ଏବେ ପ୍ରାୟ ୨୪,୦୦୦ କୋଟି ଟଙ୍କାରେ ପହଞ୍ଚିଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# ଗାଡ଼ି ଧକ୍କାରେ ଚିତା ଶାବକ ମୃତ

**ଗ୍ୱାଲିୟର,୭।୧୨(ପି.ଟି.)**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ (କେଏନ୍‌ପି)ରୁ ବାହାରକୁ ଚାଲିଆସିଥିବା ଏକ ଚିତାବାଘ ଶାବକ ରବିବାର ସକାଳେ ଗାଡ଼ି ଧକ୍କାରେ ପ୍ରାଣ ହରାଇଛି। ଗ୍ୱାଲିୟର ଜିଲାର ଘଟିଗାଁଓ ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି ବୋଲି ପୋଲିସ ଆଇଜି ଅରବିନ୍ଦ ସାକ୍ସେନା କହିଛନ୍ତି। ୨୦ ମାସର ଚିତା ଶାବକ କେଏନ୍‌ପି ବାହାରକୁ ଚାଲିଆସିବା ସହ ମା'ଠାରୁ ଅଲଗା ହୋଇଯାଇଥିଲା। ମା' ଚିତାବାଘଠାରୁ ଏହାର ୨ଟି ଛୁଆ ଅଲଗା ହୋଇଯାଇଥିବାବେଳେ ପୂର୍ବରୁ ସେମାନେ ଏକାଠି ବୁଲୁଥିବା ଦେଖାଯାଇଥିଲା। କୌଣସି ପ୍ରକାର ଅଘଟଣରୁ ବର୍ତ୍ତିବା ପାଇଁ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକର ବେଗ କମ୍ କରାଯାଇଥିଲା ବୋଲି ସାକ୍ସେନା କହିଛନ୍ତି। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଶାବକଟିକୁ ଖୋଜୁଛନ୍ତି। ଗତ ଶୁକ୍ରବାର ମଧ୍ୟ ଏକ ଚିତା ଶାବକର ମୃତ୍ୟୁ ଘଟିଥିଲା।



ଚିତା ଶାବକର ପ୍ରତୀକାତ୍ମକ ଫଟୋ।

# ବେନିନ୍‌ରେ ସାମରିକ ବିଦ୍ରୋହ

**କୋଟୋନୌ,୭।୧୨**

ପଶ୍ଚିମ ଆଫ୍ରିକାର ବେନିନ୍‌ରେ ସୈନ୍ୟବାହିନୀର ଗୋଟିଏ ଗୋଷ୍ଠୀ ଆପାତତଃ ବିଦ୍ରୋହ ବଳରେ ଦେଶର ସରକାରକୁ ଭଙ୍ଗ କରିଥିବା ରବିବାର ରାଷ୍ଟ୍ରୀୟ ଟିଭି ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ଗୋଷ୍ଠୀ ନିଜକୁ ମିଲିଟାରୀ କମିଟି ଅଫ୍ ରିଫାଉଣ୍ଡେଶନ ବୋଲି କହିଛି। ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯିବା ସହ ଓ ରାଷ୍ଟ୍ରୀୟ ସଂସ୍ଥାକୁ ଦଖଲକୁ ନିଆଯାଇଥିବା ମିଲିଟାରୀ କମିଟି ଗଣମାଧ୍ୟମକୁ ସୂଚନା ଦେଇଛି। ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପାସ୍କାଲ ଟିଗ୍ରିଙ୍କୁ ସାମରିକ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ସୈନ୍ୟମାନେ କହିଛନ୍ତି। ଅନ୍ୟପକ୍ଷରେ ସେନା ବିଦ୍ରୋହକୁ ପଣ୍ଡ କରାଯାଇଥିବା ବେନିନ୍ ଗୃହମନ୍ତ୍ରୀ ଆଲାସାନେ ସେଇଡୋଉ ଏକ ଫେସ୍‌ବୁକ୍ ଭିଡିଓ ଜରିଆରେ କହିଛନ୍ତି। ଦେଶ ଏବଂ ସରକାରରେ ଅସ୍ଥିରତା ସୃଷ୍ଟି ଲକ୍ଷ୍ୟରେ କେତେଜଣ ସୈନ୍ୟ ବିଦ୍ରୋହ ଆରମ୍ଭ କରିଥିଲେ। ବେନିନ୍ ସଶସ୍ତ୍ର ବଳ ତାହାକୁ ପଣ୍ଡ କରିଦେଇଥିବା ସେଇଡୋଉ କହିଛନ୍ତି। ସୂଚନାଯୋଗ୍ୟ, ଏହି ଦକ୍ଷିଣ ଆଫ୍ରିକୀୟ ଦେଶ ୧୯୬୦ରେ ଫ୍ରାନ୍ସଠାରୁ ସ୍ୱାଧୀନ ହେବା ପରେ ଅନେକ ଥର ସାମରିକ ବିଦ୍ରୋହର ସମ୍ମୁଖୀନ ହେଲାଣି। ତେବେ ୧୯୯୧ରୁ ସେଠାରେ ରାଜନୈତିକ ସ୍ଥିରତା ରହିଆସିଥିଲା। ୨୦୧୬ରୁ ରାଷ୍ଟ୍ରପତି ପାଟ୍ରିସ୍ ଟାଲୋନ୍ କ୍ଷମତାରେ ଅଛନ୍ତି। ଆସନ୍ତାବର୍ଷ ଏପ୍ରିଲରେ ନିର୍ବାଚନ ପରେ ସେ କ୍ଷମତାରୁ ହଟିବେ। ତାଙ୍କ ସମର୍ଥିତ ପ୍ରାର୍ଥୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ରୋମୁଆଲ୍ଡ ୱାଡଗ୍ନି ନିର୍ବାଚନ ଜିତିବା ନେଇ ଜନମତ ପ୍ରକାଶ ପାଇଛି।



ସେନା ଅଧିକାରୀମାନେ ବିଦ୍ରୋହ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ଖର୍ଚ୍ଚ ହୋଇପାରୁନି ମିନି ଷ୍ଟାଡିୟମ ଟଙ୍କା

## ବ୍ୟାଙ୍କ ଖାତାରେ ଗଡୁଛି ୧୩୦୦କୋଟି

ଭୁବନେଶ୍ୱର,୭।୧୨
(ରବିନାରାୟଣ ଜେନା)

ରାଜ୍ୟରେ ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୫-୨୬ ଆର୍ଥିକବର୍ଷରେ ୧୩୦୦କୋଟି ଟଙ୍କା ନିର୍ମାଣକାରୀ ସଂସ୍ଥା ତଥା ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଆଦିକୁ ହସ୍ତାନ୍ତର ହୋଇଛି। ହେଲେ ସମ୍ପୃକ୍ତ ବିଭାଗ ପକ୍ଷରୁ ମିନି ଷ୍ଟାଡିୟମ ନିର୍ମାଣ ନେଇ ଯେଭଳି ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବା କଥା ହେଉନାହିଁ। ବ୍ୟାଙ୍କରେ ସରକାରଙ୍କ ଟଙ୍କା ଗଡୁଥିବାବେଳେ ବିଭାଗର ଖର୍ଚ୍ଚ ହାର ବଢ଼ିପାରୁ ନାହିଁ କି କ୍ରୀଡ଼ା ପ୍ରୋତ୍ସାହନ ଯୁବବର୍ଗଙ୍କୁ ମିଳି ପାରୁନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାପାଇଁ ଚଳିତବର୍ଷ ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରିବାପାଇଁ ନିଷ୍ପତ୍ତି ନେଇଛି। ଏହି ମିନି ଷ୍ଟାଡିୟମରେ ଫୁଟବଲ, କ୍ରିକେଟ ପଡ଼ିଆ, ଥ୍ରୋ ଏବଂ ଜମ୍ପ କ୍ଷେତ୍ର ସହିତ ଆଥଲେଟ ଟ୍ରାକ୍, ଭଲିବଲ/ ଖୋ ଖୋ/ କବାଡି କୋର୍ଟ, ଇନ୍‌ଡୋର ହଲ ସୁବିଧା କେନ୍ଦ୍ର ଆଦିର ବ୍ୟବସ୍ଥା କରାଯିବାକୁ ରହିଛି। ତେବେ ଏହି ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ଲାଗି ପ୍ରତି ବ୍ଲକରେ ୧୦ରୁ ୧୨ ଏକର ଉପଯୁକ୍ତ ଜମିର ଆବଶ୍ୟକତା ରହିଛି। ଏଥିପାଇଁ ଜିଲା ପ୍ରଶାସନକୁ ଜମି ଚିହ୍ନଟ କରି ସରକାରଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଇନ୍‌ଡୋର ହଲ୍ ସହିତ ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୧୪.୫୦କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଥିବାବେଳେ ଇନ୍‌ଡୋର ହଲ ନ ଥିବା ବ୍ଲକସ୍ତରୀୟ ଷ୍ଟାଡିୟମ ପାଇଁ ୮କୋଟି ଟଙ୍କା ବ୍ୟୟ କରାଯିବାକୁ ଯୋଜନା ରହିଛି। ଏ ବାବଦକୁ ୪୧୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୯ ସୁଦ୍ଧା ସବୁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ ଏବଂ ଇଡ୍‌କୋକୁ ପ୍ରଦାନ କରାଯାଇଛି। ତେବେ କେଉଁ ବ୍ଲକରେ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହେଉ ନ ଥିବାବେଳେ ଆଉ କେଉଁଠାରେ ଡିପିଆର୍ ପ୍ରସ୍ତୁତ ହୋଇପାରୁ ନାହିଁ। ଫଳରେ ସରକାରଙ୍କ ମିନି ଷ୍ଟାଡିୟମ ଯୋଜନା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ବିହାରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

## ଓଏସ୍‌ଏସ୍‌ସି ଜେଇ ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା


ଗିରଫ ଅଭିଯୁକ୍ତ ରାଜମୋହନ ପ୍ରସାଦ

- ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା କ୍ରାଇମ୍‌ବ୍ରାଞ୍ଚ
- ପୂର୍ବରୁ ଗିରଫ ହୋଇଥିଲେ ୨୬ ଅଭିଯୁକ୍ତ

ଭୁବନେଶ୍ୱର,୭।୧୨(ସତ୍ୟଜିତ ରାଉତ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ଜେଇ (ସିଭିଲ୍) ମେନ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ବିହାରରୁ ଗିରଫ କରିଛି। ସେ ହେଲେ ବିହାର ସମସ୍ତିପୁର ଜିଲା ଖାନପୁର ଥାନା ଅଞ୍ଚଳର ରାଜମୋହନ ପ୍ରସାଦ (୩୫)। ଶନିବାର ରାଜମୋହନଙ୍କୁ ଗିରଫ ପରେ ସମସ୍ତିପୁର ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ରାଜମୋହନଙ୍କୁ ଜେରାକରି କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ପ୍ରୟାସ ଚଳାଇଛି। ରାଜମୋହନଙ୍କୁ ମିଶାଇ ଏହି ମାମଲାରେ ଗିରଫଦାରି ସଂଖ୍ୟା ୨୭ରେ ପହଞ୍ଚିଛି। ଏଥିସହ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ରାଜମୋହନ ଅନ୍ୟ ଅଭିଯୁକ୍ତ ବିଶାଳ କୁମାର, ବିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଓ ସେମାନଙ୍କର ସହଯୋଗୀଙ୍କ ସହିତ ଲିକ୍ ପ୍ରଶ୍ନପତ୍ର ନେଇ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ପୂର୍ବାଶା ହୋଟେଲର କନଫରେନ୍ସ ହଲକୁ ଆସିଥିଲେ। ପ୍ରଶ୍ନପତ୍ର ଦେବାର ଲୋଭ ଦେଖାଇ ପ୍ରାୟ ୮୭ଜଣ ପରୀକ୍ଷାର୍ଥୀଙ୍କୁ ସେହି ସ୍ଥାନକୁ ଡକାଯାଇଥିଲା। ଖବରପାଇ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ହେଲେ ଅଭିଯୁକ୍ତ ରାଜମୋହନ ନିଜ କାର୍ ଛାଡି ଫେରାର ହୋଇଯାଇଥିଲେ। ରାଜମୋହନ ଏହି କ୍ରାଇମ୍ ସିଣ୍ଡିକେଟ୍‌ର ଜଣେ ସକ୍ରିୟ ସଦସ୍ୟ ଭାବେ ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରି ପ୍ରଶ୍ନପତ୍ର ଦେବାର ମିଛ ପ୍ରତିଶ୍ରୁତି ଦେଉଥିଲେ। ପୋଲିସ ଗିରଫଦାରିରୁ ବର୍ତ୍ତିବା ଲାଗି ସେ ନିୟମିତ ସ୍ଥାନ ବଦଳାଇ ଚାଲିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧୬ରେ ଜେଇ (ସିଭିଲ୍) ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ସୂଚନା ମିଳିଥିଲା। ତେବେ ବାଲେଶ୍ୱର ପୋଲିସ ଉକ୍ତ ହୋଟେଲରୁ ପ୍ରଥମେ ୯ଜଣଙ୍କୁ ଗିରଫ କରିବା ପରେ ସହଦେବଖୁଣ୍ଟା ମଡେଲ୍ ଥାନାରେ ଏକ ମାମଲା (ନଂ.୩୦୩/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି ବାଲେଶ୍ୱର ପୋଲିସ କହିଥିଲା। ୨୦୨୩ ସେପ୍ଟେମ୍ବର ୩ରେ ହାଇକୋର୍ଟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ୨୦୨୩ ସେପ୍ଟେମ୍ବର ୧୪ରେ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି।


# ଜି.ଉଦୟଗିରିରେ ୪.୪ ଡିଗ୍ରୀ

ଭୁବନେଶ୍ୱର,୭।୧୨(ବନ୍ଦନା ସେଠୀ)

ରାଜ୍ୟରେ ଲଗାତର ପାରଦ ତଳକୁ ଖସିଚାଲିଛି। ରାତିରେ ଶୀତ ଲହରୀ ସହ ଘନ କୁହୁଡ଼ି ଏବଂ ଦିନରେ ଥଣ୍ଡା ପବନ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ରବିବାର ସର୍ବନିମ୍ନ ରାତି ତାପମାତ୍ରା ୪ ଡିଗ୍ରୀ ଛୁଇଁଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳ ଜିଲାର ଜି. ଉଦୟଗିରି ୪.୪ ଡିଗ୍ରୀ ସହ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ସେହିପରି ସିମିଳିଗୁଡାରେ ୬.୧ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡା ୭.୬, ଫୁଲବାଣୀ ୮, ଚିପିଲିମା ୮.୭, କିରେଇ ୮.୮, ଅନୁଗୋଳ ୯ ଓ କେନ୍ଦୁଝରରେ ୯.୬ ଡିଗ୍ରୀ ରହିଥିଲା। ତେବେ ରାଜଧାନୀ ଭୁବନେଶ୍ୱରରେ ୧୧.୯ ଡିଗ୍ରୀ ଓ କଟକରେ ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା ଏବଂ ଜଗତ୍‌ସିଂହପୁରରେ ପ୍ରବଳ ଶୀତ ହେବ। ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲାରେ ଘନ କୁହୁଡି ନେଇ ଆଞ୍ଚଳିକ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଦେଇଛି।

# ପିହୁଙ୍କ ମା'ଙ୍କୁ ଫୋନରେ ହତ୍ୟା ଧମକ

ବିଞ୍ଝାରପୁର,୭।୧୨(ରାମକୃଷ୍ଣ ଦାସ): ଯାଜପୁର ଜିଲା ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁଙ୍କ ମା' ମୋନାଲିସା ନାୟକଙ୍କୁ ଫୋନରେ ମିଳୁଛି ହତ୍ୟା ଧମକ। ଜୀବନ ପ୍ରତି ବିପଦ ଥିବାରୁ ସେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨ ମାସ ହେବ ମୋନାଲିସାଙ୍କ ମୋବାଇଲକୁ ୩ଟି ନମ୍ବରରୁ ଫୋନ ଆସୁଛି। ଫୋନ୍ କରୁଥିବା ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମୋନାଲିସା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ.୫୭୭/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କୁନିଝିଅ ପିହୁ ଗାଁଦାଣ୍ଡରେ ଖେଳୁଥିବାବେଳେ ୯।୮।୨୦୨୦ରେ ନିଖୋଜ ହୋଇଯାଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳୁନାହିଁ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍ ୧, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବସନ୍ତ ବାହାର ସଙ୍ଗୀତ ଏକାଡେମୀ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପୂର୍ବତନ ଯାଜପୁର ସାଂସଦ ସ୍ୱର୍ଗତ ମୋହନ ଜେନାଙ୍କ ୩ୟ ପୁଣ୍ୟତିଥି, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।
- ହେ ମହାବାହୁ ଭକ୍ତି ସଙ୍ଗୀତ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ହୋଟେଲ୍ ଷ୍ଟଲ ୱାର୍ଟ ଯଯାତି, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାର୍କୋଣା, ସମୟ:ପୂର୍ବାହ୍ନ ୯ଟା।

## ଭଦ୍ରକ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ସିନିଅର ସିଟିଜେନ ଫୋରମର ପ୍ରତିଷ୍ଠା ଦିବସ, ସ୍ଥାନ: କଲ୍ୟାଣୀ ମହିଳା ସମିତି ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଗୌତମ ଓ ପମିଙ୍କ ଝୁମର ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ରାତି ୭ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବାଲିପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ବ୍ଲକ ନଳବଣ୍ଟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନଜୀବୀ ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ସିଂହଙ୍କର ଛାୟାଚିତ୍ର ଅନାବରଣ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ : ଅପରାହ୍ନ ସାଢେ ୩ଟା।

## କେନ୍ଦ୍ରାପଡ଼ା

- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ତେଲିପାଟଣା ଖେଳପଡିଆ, ଆଳି, ପୋଲିସ ଖେଳପଡିଆ, ରାଜକନିକା, ପଞ୍ଚାୟତ ଖେଳପଡିଆ, ଖମାରସାହି, ରାଜନଗର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର, ସ୍ଥାନ : ଧର୍ମଶାଳା ବ୍ଲକ ୧୪ ନମ୍ବର ଜୋନ୍‌ର ମିର୍ଜାପୁର, ସମୟ: ସକାଳ ୯ଟା।
- ଅଧ୍ୟାପିକା ରୀନା ମହାପାତ୍ରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ବ୍ୟାସଦେବ ଟାଉନ ହଲ, ସମୟ: ସକାଳ ୯ଟା୩୦।

## ନୟାଗଡ଼

- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଘୋଡଲାଗି ପର୍ବର ଦ୍ୱାଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ମର୍ଦ୍ଦରାଜପୁର ବନାମ ନରସିଂହପୁର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ୫ମ ଦିବସରେ ବ୍ରହ୍ମଗିରିର ସୀତା ଠାକ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ: ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବ ଆରମ୍ଭ, ସ୍ଥାନ: ସିଟି ସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୫ମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ରଥଗଡ଼ା ଛକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ ୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିଶନ) ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ମୁନିଗୁଡା ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ୍
- ସମୟ: ପୂର୍ବାହ୍ନ ୧୧ଟା ୩୦
- ମଞ୍ଚସ୍ଥ ହେବ ମଣ୍ଡେଇ ମଞ୍ଚ ନାଟକ ଅନ୍ଧକାରର ସୂର୍ଯ୍ୟ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, ଡୁମୁରିପଦର, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୭୧ତମ ରାଜ୍ୟ ଆଥ୍‌ଲେଟିକ ମିଟ ଶୁଭାରମ୍ଭ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ,ଉପରକାଣ୍ଟି ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖିନବର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ମିନି ମାରାଥନ୍, ସ୍ଥାନ: କୋରୁକୁଣ୍ଡା ରୋଡ୍ ଏମ୍‌ଭି–୧୧ରୁ ବୁଟିଗୁଡା ବିଦ୍ୟାଳୟ, ସମୟ: ସକାଳ ୬ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- କଲମ ପରିବାର ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ –୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି ଆୟୁଷ କଲେଜ, ସମୟ: ସକାଳ ୯ଟା।
- ସାଂସଦ ଖେଳ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ମାର୍ଟ ମୋବିଲିଟି ସମ୍ପର୍କିତ ଅନ୍ତର୍ଜାତୀୟ ଆଲୋଚନା, ସ୍ଥାନ: ଏନ୍‌ଆଇଟି ରାଉରାକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁତ୍ୱ ସମ୍ମାନ ସମାରୋହ, ସ୍ଥାନ: ପାନ୍ଥନିବାସ, ସେକ୍ଟର– ୫, ସମୟ: ମଧ୍ୟାହ୍ନ ୧୨ଟା।
- ଜିଏନ୍‌ପିଏସ୍‌ର ବାର୍ଷିକୋତ୍ସବ, ସ୍ଥାନ: ନୟାବଜାର, ସେକ୍ଟର– –୨୧, ସମୟ: ପୂର୍ବାହ୍ନ ୨ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ବରଗଡ଼

- ବିଜ୍ଞାନ ମେଳା ଅବସରରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଖେଦାପାଲି ଟୁକୁର୍ଲା, ବରଗଡ଼, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ:କଲମପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉଲୁଣ୍ଡା ବ୍ଲକ ସିଣ୍ଡୋଲରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିଣ୍ଡୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଏସ୍‌ଏସ୍‌ବି ଯବାନ ...

କରିଛି ସିବିଆଇ। ସେମାନେ ପରୋକ୍ଷରେ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ସିବିଆଇ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଅଧିକାଂଶ ସମୟ ସେମାନେ ସିଲିକନ୍ ଟେକ ଲ୍ୟାବ୍ ଅଫିସକୁ ଯାଉଥିଲେ। ତେଣୁ ସିବିଆଇ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଯୋଗାଡ଼ କରୁଛି। ଆବଶ୍ୟକ ପ୍ରମାଣ ମିଳିବା ପରେ ସେମାନଙ୍କ ସହ ଓପିଆର୍‌ବିର ଜଣେ ଅଧିକାରୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, କ୍ରାଇମ୍‌ବ୍ରାଞ୍ଚଠାରୁ ଏହି ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାକୁ ସିବିଆଇ ନେବା ସହ ତଦନ୍ତକୁ ତ୍ୱରାନ୍ୱିତ କରି ଗିରଫଦାରି ଆରମ୍ଭ କରିଛି। ଏହି ମାମଲାରେ ଇତିମଧ୍ୟରେ ୧୨୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୬ଜଣ ଦଲାଲ ରହିଛନ୍ତି। ଅନ୍ୟମାନେ ହେଉଛନ୍ତି ଏହି ମହା ନିଯୁକ୍ତି କେଲେଙ୍କାରୀର ମାଷ୍ଟରମାଇଣ୍ଡ୍ ଓ ସହଯୋଗୀ ।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରଜି ନ ପାରେ ମୁଣ୍ଡ
ଭଲ ଲୋଡୁଥାଏ ତୁଣ୍ଡ ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ। ରୋଜଗାର କରିବାକୁ ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅପାଳକ ରାଇଜକୁ
ବିଜୁଳି ଲକ୍ଷେ ଟଙ୍କା।**

ଯେଉଁ ଦେଶରେ ବର୍ଷା ହୁଏ ନାହିଁ ସେଠି ଅପାଳକ ହୁଏ। ବର୍ଷା ହେବା ପୂର୍ବରୁ ମେଘ ଉଠାଏ। ମେଘକୁ ମେଘ ଘଷି ହୋଇ ବିଜୁଳି ସୃଷ୍ଟି ହୁଏ। ବିଜୁଳି ଦେଖିଲେ ମେଘ ହେବାର ଆଶା ଜନ୍ମେ। ଯେଉଁଠି କିଛି ନାହିଁ, ସେଇଠି ସାମାନ୍ୟ କିଛି ମାତ୍ର ମିଳିଗଲେ ଅପୂର୍ବ ଆନନ୍ଦ ଲାଗିଥାଏ। ଯୋଗ୍ୟ ବ୍ୟକ୍ତି ବା ବସ୍ତୁ ଅଭାବରେ କମ୍ ଜିନିଷ ମୂଲ୍ୟବାନ୍ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## 'ବିଶ୍ୱସ୍ତରୀୟ ଧାର୍ମିକସ୍ଥଳ...



ଅବଦାନ ରଖିବ। ସବୁ ଶିଳ୍ପ ଓ ଖଣି ଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ୍ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଚଣ୍ଡିଖୋଲରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। କେନ୍ଦୁଝରର ବିକାଶ ପାଇଁ ୨୩୦୦ କୋଟି ଟଙ୍କା ବ୍ୟୟରେ ବଡ଼ବିଲରେ ଏକ ଚାରି ଲେନ୍ ବିଶିଷ୍ଟ ରିଙ୍ଗ୍ ରୋଡ୍ ହେବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହାସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର, ବଳଭଦ୍ରପୁରରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଣ୍ଟର୍, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ୍, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ, ୫୦ କୋଟି ଟଙ୍କାରେ ସାନଘାଗରାଠାରେ ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ଆଦି ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ଠିଆ କରିବାର ଲକ୍ଷ୍ୟ ରଖାଯାଇଛି। ସେଥିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଦେଶ ଓ ରାଜ୍ୟର ମହାନ୍ ଲକ୍ଷ୍ୟ ପୂରଣରେ କେନ୍ଦୁଝରର ବିଶେଷ ଭୂମିକା ରହିବ। କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଡିଏମ୍‌ଏଫ ଓ ଓଏମ୍‌ବିଏଡିସି ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝରରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଆ ନାଇଟ୍ ...

ବ୍ୟାପିବାବେଳେ ଲୋକେ କେଉଁବାଟ ଦେଇ ବାହାରିବେ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଏପରି କି କେତେଜଣ ପର୍ଯ୍ୟଟକ କିଚେନ୍ ଶିଡ଼ି ତଳେ କର୍ମଚାରୀଙ୍କ ସହ ଚାପି ହୋଇଯାଇଥିଲେ। ନାଇଟ୍ କ୍ଲବ୍‌ର ପ୍ରବେଶପଥ ମଧ୍ୟ ଅତି ଅଣଓସାରିଆ ଥିଲା, ଯଦ୍ୱାରା ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା। ଫାୟାର ଇଞ୍ଜିନ୍ ପ୍ରବେଶ କରିବାରେ ଅସୁବିଧା ହେବାରୁ ସେଗୁଡ଼ିକୁ ପ୍ରାୟ ୪୦୦ ମିଟର ଦୂରରେ ରଖି ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଥିଲା ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି। ଶ୍ୱାସରୁଦ୍ଧ ହୋଇ ଅଧିକାଂଶ ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଆହତଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି, ଗୋଆରେ ଏହା ଏହି ଧରଣର ପ୍ରଥମ ଘଟଣା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ନିଆଁ ପ୍ରଥମେ ଉପର ମହଲାରେ ଲାଗିଥିଲା। କବାଟଗୁଡ଼ିକ ବନ୍ଦ ଥିବାରୁ ଅଳ୍ପ କେତେଜଣ ଲୋକ ସୁରକ୍ଷିତ ଭାବେ ବାହାରିଆସିବାରେ ସକ୍ଷମ ହୋଇଥିଲେ। ତେବେ ନିଆଁ ଭୟାବହ ହେବା ପରେ ଅନ୍ୟ କେହି ନିଜକୁ ବଞ୍ଚାଇପାରି ନ ଥିଲେ। ଉପଯୁକ୍ତ ଭେଣ୍ଟିଲେଶନ୍ ସୁବିଧା ନ ଥିବାରୁ ତଳକୁ ଚାଲିଆସିଥିବା ଲୋକେ ମଧ୍ୟ ଅଣନିଃଶ୍ୱାସୀ ହୋଇଯାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସାୱନ୍ତ ଆହୁରି କହିଛନ୍ତି, ରାଜ୍ୟ ସରକାର ଏହାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରାଙ୍କ ବିରୋଧରେ ମାମଲା ରୁଜୁ ସହ ଗିରଫ ୱାରେଣ୍ଟ ଜାରି କରାଯାଇଛି। ଜେନେରାଲ ମ୍ୟାନେଜରଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର୍ କରାଯାଇଛି। ଫାୟାର ସେଫ୍ଟି ଓ ନିର୍ମାଣ ନିୟମଗୁଡ଼ିକୁ ଉଲ୍ଲଂଘନ କରାଯାଇଥିଲା କି ନାହିଁ ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ଘଟେ ସରକାର ସେ ଦିଗରେ ସବୁ ପ୍ରକାରେ ଯତ୍ନବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳ ପି. ଅଶୋକ ଗଜପତି ରାଜୁ ଗୋଆ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଯାଇ ସେଠାରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଭେଟିଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବାରୁ ରାଜ୍ୟପାଳ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଇତିମଧ୍ୟରେ ଆର୍‌ପୋରା–ନାଗୋଆ ପଞ୍ଚାୟତର ସରପଞ୍ଚ ରୋଶନ୍ ରେଡ୍‌କରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ରୋଶନ୍ ହେଉଛନ୍ତି ସେହି ବ୍ୟକ୍ତି ଯିଏକି ୨୦୧୩ରେ ନାଇଟ୍‌କ୍ଲବ ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ବିରୋଧୀ ଦଳଗୁଡ଼ିକ ଏହି ଟ୍ରାଜେଡିକୁ 'ମୃତ୍ୟୁର ଫାଶ' ରୂପେ ଅଭିହିତ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## 'ବର୍ଚ ବାଇ ...

ଲକ୍ଷ୍ନୌ ସମେତ ଭାରତର ୧୦ ସହରରେ ଏହାର ଶାଖା ରହିଥିବାବେଳେ ଖୁବ୍‌ଶୀଘ୍ର ଆଉ ୪୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଯୋଜନା ରହିଛି। ବିଦେଶରେ ମଧ୍ୟ ବହୁସଂଖ୍ୟକ ରେଷ୍ଟୁରାଣ୍ଟ ପରିଚାଳିତ ହେଉଛି। ମଧ୍ୟପ୍ରାଚ୍ୟ, ଦକ୍ଷିଣପୂର୍ବ ଏସିଆ ଏବଂ ୟୁରୋପରେ ଏହାର ଚେନ୍‌କୁ ପରିବ୍ୟାପ୍ତ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ତେବେ ସୁସ୍ୱାଦୁ ବ୍ୟଞ୍ଜନ ଓ ବିଳାସପୂର୍ଣ୍ଣ ନାଇଟ୍ ଲାଇଫ୍‌କୁ ନେଇ ଜଣାଶୁଣା ଏହି ଚେନ୍‌ର ଗୋଆ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟିବା ପରେ ଦୁର୍ନାମ ମୁଣ୍ଡାଇଛି ବର୍ଚ।

## ପୋଖରୀରେ ବୁଡ଼ିଗଲେ...

ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ନଂ.୪୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସାଲୋନୀଙ୍କ ବାପା ଆର୍.ଘନ ସୁରଟରେ ଏକ ଲୁଗାକଳରେ କାମ କରୁଛନ୍ତି। ମା' ଘଟଣା ସମୟରେ ଚାଷଜମିକୁ ଧାନ କାଟିବାକୁ ଯାଇଥିଲେ। ରାଜେଶ୍ୱରୀଙ୍କ ବାପା ଚାଷ କାର୍ଯ୍ୟ କରନ୍ତି।

## ଜାନୁଆରୀରେ ଭାରତ ...

ଏହି ଦୃଷ୍ଟିରୁ କିଛି ସପ୍ତାହ ହେଲା ଜେଲେନ୍‌ସ୍କିଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ନୂଆଦିଲ୍ଲୀ ଓ କିଭ୍ ପରସ୍ପର ସହ ଯୋଗସୂତ୍ରରେ ରହିଥିବା ନେଇ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ସମେତ ଆଉ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ସରକାରୀ ଭାବେ ଏନେଇ କିଛି ସ୍ପଷ୍ଟ ହୋଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ବନ୍ଧୁମିଳନରୁ ଖୁସି ରହିବେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବର୍ଦ୍ଧକ ହେବ। ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି। ସାହିତ୍ୟାନୁରାଗପୂର୍ବକ ରଚନାତ୍ମକ କାମରେ ମନୋନିବେଶ କରି ସହକର୍ମୀଙ୍କ ପ୍ରଶଂସାଭାଜନ ହେବେ।

**ବୃଷ** ଆପଣଙ୍କ ରାଶିକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ପାଇଁ ଦିନଟି ବହୁତ ଭଲ ମାତ୍ର ବିବାଦୀୟ ପରିସ୍ଥିତିଜନିତ ସମସ୍ୟା ବୃଦ୍ଧି ପାଇପାରେ। କାର୍ଯ୍ୟଦକ୍ଷତା ଓ ଦୂରଦର୍ଶିତା ଗୁଣ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** କର୍ମାଧିପ ବୃହସ୍ପତି ରାଶିରେ ଅବସ୍ଥାନ କରୁଥିବାରୁ ସନ୍ତାନ ହେତୁକ ଗୌରବ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ସତ୍‌ସଙ୍ଗ, ଭ୍ରମଣ, ସଭାସମିତି, ଜମିଜମା ସମ୍ପର୍କିତ ଆଲୋଚନା ଫଳପ୍ରଦ ହେବ। ଆର୍ଥିକ ସ୍ଥିତି ମଜଭୁତ ରହିବା ସହ ଲୋକସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଆଜି ରାଶିରେ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିଜନିତ ଆଧ୍ୟାତ୍ମିକତା, ଭ୍ରମଣସୁଖ, ପୁଞ୍ଜିଲଗାଣ ପାଇଁ ଭଲ ରହିବ। କୋଣଭାବସ୍ଥ ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନର ମଉକା ପାଇବେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ସିଂହ** ଚତୁର୍ଥକେନ୍ଦ୍ରସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ପାର୍ଟିରେ ଯୋଗ ଦେଇପାରନ୍ତି। ସହକର୍ମୀଙ୍କ ସହ ସୁସମ୍ପର୍କ ଯୋଡିବାରେ ସଫଳତା ପାଇବେ। ସାମାଜିକ ସ୍ତରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ଧନସ୍ଥାନରେ କେତୁଙ୍କ ସ୍ଥିତିଜନିତ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶିକୁ ଶନି ଅବଲୋକନ କରୁଥିବାରୁ ଶିଥିଳତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରନ୍ତି। ଦୈହିକ ସ୍ୱାସ୍ଥ୍ୟରେ ଅବନତି ଘଟିବା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇ ନ ପାରେ।

**ତୁଳା** ଧନାଧିପ ମଙ୍ଗଳଙ୍କ ପ୍ରତି ଷଷ୍ଠାଧିପ ଗୁରୁଦୃଷ୍ଟି ଅର୍ଥସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ଆଶଙ୍କା ଦେଖାଦେବ। ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। କର୍ମାଧିପ ସ୍ୱଗୃହରେ ରହିଥିବାରୁ ପଦସ୍ଥବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୁଯୋଗ ଲାଭ କରିପାରନ୍ତି।

**ବିଛା** ମୁଖଭାବରେ ମଙ୍ଗଳ ଯୋଗୁ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ଦୁଃଖର କାରଣ ହେବ। କର୍ମଭାବସ୍ଥ କେତୁଜନିତ ସଫଳତା ପାଇବା କଷ୍ଟକର ହେବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବା ସାଙ୍ଗକୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିପାରନ୍ତି।

**ଧନୁ** ଦ୍ୱାଦଶସ୍ଥ ଗ୍ରହଜନିତ କର୍ମାରମ୍ଭର ପ୍ରାଥମିକ ସ୍ତରରେ ସମସ୍ୟାର ସମ୍ମୁଖୀନ ହେବେ। ଅର୍ଥ ସାହାଯ୍ୟର ଆଶା ନେଇ ବନ୍ଧୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ। ଶତ୍ରୁତା କାରଣରୁ ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସୂଚନା ରହିଛି।

**ମକର** ଆଶା କେତେକାଂଶରେ ପୂରଣ ହେଲେ ମଧ୍ୟ ଅପୂର୍ଣ୍ଣତା ଯୋଗୁ ଦୁଃଖିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ଅର୍ଥସଙ୍କଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** ଚନ୍ଦ୍ରଙ୍କ ରାଶିପ୍ରତି ଦୃଷ୍ଟି କାରଣରୁ ଜୀବନସାଥୀଙ୍କ ପରାମର୍ଶ ସମସ୍ୟା ସମାଧାନରେ ସହାୟକ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବା ସହ ପାରିବାରିକ, ସାମାଜିକ ଜୀବନରେ ଖୁସି ରହିବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବାର ସୂଚନା ରହିଛି।

**ମୀନ** ରାଶିରେ ଶନିଙ୍କ ଅବସ୍ଥାନ ହେତୁ ପ୍ରତ୍ୟେକ କାର୍ଯ୍ୟରେ ନିରୁତ୍ସାହିତା ଅନୁଭବ କରିବେ। କିନ୍ତୁ ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ । ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ଡିସେମ୍ବର ୮ ତାରିଖ, ପୌଷ କୃଷ୍ଣ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୩ ଗତେ ଘ.୦୭.୩୪ ମଧ୍ୟେ, ଘ.୦୯.୦୬ ଗତେ ଘ.୧୧.୧୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୩୪ ଗତେ ଘ.୦୮.୫୫ ମଧ୍ୟେ ରାହୁ କାଳ ।

# ବାଇକ୍‌କୁ ଧକ୍କାଦେଲା ଟ୍ରାକ୍ଟର, ୨ ମୃତ

**ବାଣପୁର,୭।୧୨(ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ନିକଟ ବେଙ୍ଗରାଜପଲ୍ଲୀ ରାସ୍ତାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ମାଟି ବୋଝେଇ ଟ୍ରାକ୍ଟର ଧକ୍କା ଦେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସାରୁବାରିପଦରର ବାପି ମହାପାତ୍ର ଏବଂ ପାଟପୁର ଗ୍ରାମର ଚନ୍ଦନ ସେଠୀ। ତେବେ ଗୁରୁତର ମିଳନ ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଅପରାହ୍ନରେ ଉପରୋକ୍ତ ତିନି ଯୁବକ ଏକ ବାଇକ୍‌ରେ କ୍ରିକେଟ ଖେଳ ଦେଖିବା ପାଇଁ ଡୁମୁରାପୁଟ ପଞ୍ଚାୟତର ପ୍ରତାପ ଗ୍ରାମକୁ ଯାଉଥିଲେ। ବେଙ୍ଗରାଜପଲ୍ଲୀ ରାସ୍ତାରେ ବିପରୀତ ପଟୁ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ହଠାତ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ମିଳନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଟ୍ରାକ୍ଟର ସହ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ହରଭଙ୍ଗା,୭।୧୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ କନ୍ଧମାଳ ଜିଲା ଚକାପାଦ ବ୍ଲକ ବ୍ରାହ୍ମଣପାଦର ଅପରାଜିତା ରାଉତ (୨୪)। ଏହି ଦୁର୍ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁରୁଣାକଟକ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣପାଦର ବିରୁପାକ୍ଷ ସାହୁ ଓ ସ୍ତ୍ରୀ ଅପରାଜିତା ଏକ ବାଇକ୍ ଯୋଗେ ବଲାଙ୍ଗୀରସ୍ଥିତ ସମ୍ପର୍କୀୟ ଘରକୁ ଯାଉଥିବା ବେଳେ ଜାତୀୟ ରାଜପଥର ମାର୍ଦ୍ଦିଙ୍ଗ ନିକଟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଅପରାଜିତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଗାଡ଼ି ଚାଳକ ଗାଡି ନେଇ ଫେରାର ଅଛନ୍ତି। ପୋଲିସ ସନ୍ଦେହରେ ଗୋଟିଏ ଟ୍ରକ୍‌କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ତଦନ୍ତକାରୀ ଅଧିକାରୀ ଆର୍ତ୍ତତ୍ରାଣ ଦାନୀଙ୍କୁ ପଚାରିବାରୁ ଏହି ଘଟଣାରେ ମାମଲା (ନଂ.୨୦୪/୨୫) ରୁଜୁ କରାଯିବା ସହ ଏକ ଟ୍ରକ୍‌କୁ ଅଟକ ରଖାଯାଇଛି ବୋଲି ସୂଚନା ଦେଇଥିଲେ।

# ଜେଏସ୍‌ଡବ୍ଲ୍ୟୁର ନିଯୁକ୍ତି ତଥ୍ୟ ସାର୍ବଜନୀନ କରିବାକୁ ଦାବି

## ବିଧାନସଭାରେ ଉପସ୍ଥାପିତ ତଥ୍ୟର ସତ୍ୟତା ଉପରେ ପ୍ରଶ୍ନ ଉଠିଲା



ଖବରଦାତା ସମ୍ମିଳନୀରେ ଦିନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କସ ୟୁନିଅନ ଓ ଜିନ୍ଦଲ ପ୍ରଭାବିତ ଡିଙ୍ଗିଆ ଚାରିଦେଶ ଉନ୍ନୟନ ସମିତର ନେତୃମଣ୍ଡଳୀ।

**କୁଜଙ୍ଗ,୭।୧୨(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଡିଙ୍ଗିଆ ଚାରିଦେଶରେ ସିମେଣ୍ଟ ଓ ଇସ୍ପାତ ଶିଳ୍ପ ଖୋଲିବାକୁ ଥିବା ଜେଏସ୍‌ଡବ୍ଲ୍ୟୁ ସମ୍ପର୍କରେ ବିଧାନସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି, ତାହାର ସତ୍ୟତା ଉପରେ ପ୍ରଶ୍ନ ଉଠାଇଛି ଦୀନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ ଓ ଜିନ୍ଦଲ ପ୍ରଭାବିତ ଡିଙ୍ଗିଆ ଚାରିଦେଶ ଉନ୍ନୟନ ସମିତି। ରବିବାର ଅପରାହ୍ନରେ ନୂଆଗାଁସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଏନେଇ ଖବରଦାତା ସମ୍ମିଳନୀ ଡକାଯାଇ ଏହି ତଥ୍ୟ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଛି।

ଦୀନଦୟାଲ ଉପାଧ୍ୟାୟ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିଅନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଜେଏସ୍‌ଡବ୍ଲ୍ୟୁ ପ୍ରଦତ୍ତ ତଥ୍ୟକୁ ଆଧାର କରି ମନ୍ତ୍ରୀ କହିଛନ୍ତି, ଡିଙ୍ଗିଆ ପଞ୍ଚାୟତରୁ ବର୍ତ୍ତମାନ ସୁଦ୍ଧା ୩୨୪ଜଣ(ପ୍ରତ୍ୟକ୍ଷ ଭାବେ ୭୨ ଜଣ ଓ ପରୋକ୍ଷ ଭାବେ ୨୫୨ ଜଣ) ନିଯୁକ୍ତି ପାଇଛନ୍ତି। ସେହିପରି ନୂଆଗାଁ ପଞ୍ଚାୟତରୁ ୧୪୦ ଜଣ (ପ୍ରତ୍ୟକ୍ଷ ଭାବେ ୫୫ ଓ ପରୋକ୍ଷ ଭାବେ ୮୫) ଜଣ ନିଯୁକ୍ତି ପାଇଥିବା ବେଳେ ଗଡ଼କୁଜଙ୍ଗ ପଞ୍ଚାୟତରୁ ୮୭ ଜଣ(ପ୍ରତ୍ୟକ୍ଷ ଭାବେ ୨୭ ଓ ପରୋକ୍ଷ ଭାବେ ୬୦) ଜଣ ନିଯୁକ୍ତି ପାଇଛନ୍ତି। ଏହି ତଥ୍ୟ ମିଥ୍ୟା ଉପରେ ଆଧାରିତ। ଯଦି ପ୍ରଦତ୍ତ ତଥ୍ୟରେ ସତ୍ୟତା ଅଛି, ତେବେ କେଉଁମାନେ ପ୍ରକୃତରେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ନାମ ପଞ୍ଚାୟତସ୍ତରରେ ସାର୍ବଜନୀନ କରାଯାଉ। ପ୍ରକଳ୍ପ ଚିହ୍ନିତ ଅଞ୍ଚଳରେ ଥିବା ବାଲୁକା ସ୍ତୂପରୁ ବାଲି ଉଠା ନ ଯାଇ ଡ୍ରେଜିଂ କରାଯାଇ ସମତୁଲ କରାଯାଇଛି ବୋଲି ପ୍ରଦତ୍ତ ତଥ୍ୟରେ ଦର୍ଶାଯାଇଛି। ତେବେ ସେହି ବାଲୁକା ସ୍ତୂପ ସବୁ କୁଆଡେ ଗଲା ବୋଲି ପରିଡ଼ା ପ୍ରଶ୍ନ କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ପ୍ରଭାବିତ ୩ ପଞ୍ଚାୟତର ବି-ଟେକ୍, ଡିପ୍ଲୋମା ଓ ଆଇଟିଆଇ ଯୋଗ୍ୟତାଧାରୀଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ସେଥିରେ ଉଲ୍ଲେଖ କରିଛନ୍ତି, ବୟସ ସୀମା ୧୮ରୁ ୨୬ ବର୍ଷ ହୋଇଥିବ। ମାତ୍ର ସରକାରୀ ଚାକିରିର ବୟସ ସୀମା ୪୨ ବର୍ଷ ଥିବା ବେଳେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ବୟସ ସୀମା କମାଇ ଆଞ୍ଚଳିକ ସ୍ତରରେ ନିଯୁକ୍ତିକୁ ସଙ୍କୁଚିତ କରିବା ପାଇଁ ପ୍ରୟାସ କରିଛନ୍ତି। ପରିଡ଼ା କହିଛନ୍ତି, ୨୦୨୧ ନଭେମ୍ବର ୧୦ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ, ଅଞ୍ଚଳର ଜନପ୍ରତିନିଧି ଓ ଜିଲା ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଶିଳ୍ପ ପ୍ରଭାବିତ ୩ ପଞ୍ଚାୟତର ଚାକିରି ଆଶାୟୀଙ୍କ ବୟସ ସୀମା ୧୮ରୁ ୩୨ ବର୍ଷ ରହିବ। ହେଲେ ସେ ନିଷ୍ପତ୍ତିକୁ ଅଣଦେଖା କରି ବୟସ ସୀମା ୧୮ରୁ ୨୬ ବର୍ଷ କରି ନିଯୁକ୍ତି ସୁଯୋଗରୁ ବଞ୍ଚିତ କରିବା ପାଇଁ କମ୍ପାନୀ ପ୍ରୟାସ କରିଛି। ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ଜଙ୍ଗଲ କଟାଯାଇଛି। ତା'ର ପ୍ରତି ବଦଳରେ ଏବେ ସୁଦ୍ଧା କମ୍ପାନୀ ପକ୍ଷରୁ ଗୋଟିଏ ହେଲେ ଚାରାରୋପଣ କରାଯାଇ ନ ଥିବାବେଳେ, ଓଡ଼ିଶା ବନ ଉନ୍ନୟନ ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମନ୍ୱୟରେ ପର୍ଯ୍ୟାୟକ୍ରମେ ଚାରାରୋପଣ କରାଯାଇଛି ବୋଲି ମନ୍ତ୍ରୀ ବିଧାନସଭାରେ କହିଛନ୍ତି। ଏହା ସମ୍ପୂର୍ଣ୍ଣ ଅସତ୍ୟ। ଯଦି ଚାରାରୋପଣ କରାଯାଇଛି ତାହା କେଉଁଠି ଓ ତା'ର ପରିମାଣ କେତେ ସର୍ବସାଧାରଣରେ ପ୍ରକାଶ କରିବାକୁ ପରିଡ଼ା ଦାବି କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଜଙ୍ଗଲ କାଟିବା ପରେ ପ୍ରଥମେ ଢେଉ ପ୍ରତିରୋଧକ ପ୍ରାଚୀର ନ କରି କାରଖାନା ନିର୍ମାଣ କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠାଯାଇଛି।

ୟୁନିଅନର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ରାଉତ କହିଛନ୍ତି, ଯଦି ବର୍ତ୍ତମାନ ସୁନାମି କି ସାମୁଦ୍ରିକ ବାତ୍ୟା ହୁଏ, ନିକଟସ୍ଥ ଜନବସତି ରହିବ ନାହିଁ। ଚୁକ୍ତି ଅନୁଯାୟୀ କାରଖାନା ନିର୍ମାଣ ପାଇଁ ଆବଶ୍ୟକ ଜଳ କଟକ ଯୋବ୍ରା ବ୍ୟାରେଜ୍‌ରୁ ଆଣିବା କଥା। ମାତ୍ର ତାହା କରା ନ ଯାଇ ପ୍ରାଚୀର ଘେରା ପ୍ରକଳ୍ପ ଅଞ୍ଚଳରେ ଶହ ଶହ ଅଗଭୀର ନଳକୂପ ବସାଯାଇ ଭୂତଳ ଜଳ ଉତ୍ତୋଳନ କରାଯାଉଛି। ଏଥିଯୋଗୁ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳର ଜଳ ସ୍ତର ନିମ୍ନଗାମୀ ହେବାରେ ଲାଗିଛି। କିଛି ଦିନ ପରେ ସ୍ଥାନୀୟ ଲୋକେ ଉତ୍କଟ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ପ୍ରଭାବିତ ଅଞ୍ଚଳ ଲୋକଙ୍କ ଜୀବନ ଜୀବିକା ସହ ନ ଖେଳି ତୁରନ୍ତ ସେହି ଅଞ୍ଚଳର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ସହ ଚୁକ୍ତି ଅନୁସାରେ କାରଖାନା ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ସୁଜାତା ମହାନ୍ତି, ଚିନ୍ମୟୀ ସେନାପତି, ସୁଷମା ସାହୁ, କଳ୍ପନା ବେଉରା, ଭଗବତୀ ଦାଶ, ବିଦ୍ୟୁତ୍ କୁମାରୀ ପରିଡ଼ାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଭାଜପା ଦୁର୍ନୀତିଗ୍ରସ୍ତଙ୍କ ୱାଶିଂମେଶିନ: କଂଗ୍ରେସ

**ଭୁବନେଶ୍ୱର,୭।୧୨(ରବିନାରାୟଣ ଜେନା)**

ବରପଦା ଇଞ୍ଜିନିୟରିଂ କଲେଜ ଚଞ୍ଚକତାରେ ନିଜକୁ ବଞ୍ଚାଇବା ଲାଗି ବିଜେଡି ନେତାଙ୍କ ପୁଅ ଏବେ ଭାଜପାର ଶରଣାପନ୍ନ ହୋଇଛନ୍ତି ବୋଲି କଂଗ୍ରେସ କହିଛି। କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଦୁର୍ନୀତିଗ୍ରସ୍ତଙ୍କ ଦୁର୍ନୀତି ଧୋଇବାରେ ଭାଜପା ଏକ ବଡ଼ ୱାଶିଂମେଶିନ। ଯେଉଁମାନେ ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ଦଳରେ ସାମିଲ କରି ତାଙ୍କ ଦୁର୍ନୀତି ସଫା କରି ଜନସାଧାରଣଙ୍କୁ ଭାଜପା କି ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ବରପଦା ଇଞ୍ଜିନିୟରିଂ କଲେଜର କଳାଫର୍ଦ୍ଦ ପଛରେ ପ୍ରୟାସକାନ୍ତି ସାମଲଙ୍କ ସମ୍ପୃକ୍ତି ରହିଛି। ୨୦୦୦ରେ ବିଜେଡି ସରକାର କ୍ଷମତାକୁ ଆସିଲା ପରେ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ରାଜନୈତିକ କୌଶଳତା ଯୋଗୁ କଲେଜର ପରିଚାଳନା କମିଟି ସେ ନିଜ ହାତକୁ ନେଇଥିଲେ। ୨୦୦୭ରେ କଲେଜର ବାଏ-ଲ'କୁ ପରିବର୍ତ୍ତନ କରି ବ୍ୟକ୍ତିକେନ୍ଦ୍ରିକ କରିଦେଲେ। ୨୦୦୯ରେ ପୁଅ ପ୍ରୟାସକାନ୍ତିଙ୍କୁ ପରିଚାଳନା କମିଟିର ସଭାପତି କରି ତାଙ୍କ ହାତରେ ସମସ୍ତ କ୍ଷମତା ପ୍ରଦାନ କଲେ। କେବଳ ସେତିକି ନୁହେଁ, ପ୍ରୟାସକାନ୍ତି କଲେଜର କାଗଜପତ୍ର ବ୍ୟାପକ ଜାଲିଆତି କରିବା ସହ ବିପୁଳ ଦୁର୍ନୀତି କରିଛନ୍ତି। ଏହା ଏବେ ତଦନ୍ତ ପରିସରଭୁକ୍ତ ରହିଥିବାବେଳେ କେଉଁ ନୈତିକ ଆଧାରରେ ଅଭିଯୁକ୍ତମାନଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରେ ମିଶାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଲେ ଚାଷୀ

**ବରଗଡ଼,୭।୧୨(ପ୍ରେମାନନ୍ଦ ଖମାରୀ)**

## ଧାନ କିଣାବିକା ଅଚଳାବସ୍ଥା ଜାରି

ବରଗଡ଼ ଜିଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ରବିବାର ୧୦ଦିନରେ ପହଞ୍ଚିଛି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରବିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡି କାର୍ଯ୍ୟାଳୟରେ ତାଲା ମାରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଏହି ମଣ୍ଡିରେ ଧାନ କିଣାବିକା ସ୍ୱାଭାବିକ ହେବ ନାହିଁ, ସେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଥିଲା। କେଉଁଠି ଧାନ ଉଠାଣ ଟାର୍ଗେଟ ନ ଥିବାବେଳେ ଆଉ କେଉଁଠାରେ ଟୋକନ ସମସ୍ୟା ଯୋଗୁ ଚାଷୀମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। କଳାପାଣି ମଣ୍ଡିରେ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। କଳାପାଣି ମଣ୍ଡିରେ ଏପର୍ଯ୍ୟନ୍ତ ୩୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡ଼ି ରହିଛି। ଫଳରେ ଧାନ ବିକିବା ପାଇଁ ଦିନ ଦିନ ଧରି ଚାଷୀ ମଣ୍ଡିରେ ଶୀତ କାକର ସହି ଜଗି ରହିଛନ୍ତି। କିନ୍ତୁ ଧାନ ଉଠାଯାଉ ନାହିଁ। ଏହାର ପ୍ରତିବାଦରେ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାର୍ଣ୍ଣିଙ୍କ ନେତୃତ୍ୱରେ ଚାଷୀମାନେ କଳାପାଣି ମଣ୍ଡିକୁ ପହଞ୍ଚି ଥିଲେ। ମଣ୍ଡି କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟାଳୟରୁ ବାହାରି ଯିବାକୁ କହି ସେଠାରେ ତାଲା ମାରିଥିଲେ।



ଭଲ କ'ଣ ମନ୍ଦ କ'ଣ ? ଯାହା ମୋତେ ଅନ୍ତରଙ୍ଗ ଭାବରେ ଓ ମହତ୍ତ୍ୱପୂର୍ଣ୍ଣ ଭାବେ ଆତ୍ମଜ୍ଞାନ ଲାଭ କରିବାରେ ସାହାଯ୍ୟ କରେ ତାହା ହିଁ ମୋ ଲାଗି ଭଲ ଏବଂ ଯାହା କିଛି ମୋର ସ୍ୱାଭାବିକ ଅବସ୍ଥାରୁ ମୋତେ ବିଚ୍ୟୁତ କରେ, ଆତ୍ମାର ବିସ୍ତାର ଓ ଉନ୍ନତିକୁ ହୀନତର ଓ ନ୍ୟୂନତର କରେ- ତାହା ହିଁ ମୋ ପକ୍ଷରେ ମନ୍ଦ। -ଶ୍ରୀଅରବିନ୍ଦ



# ଏକଚାଟିଆ ବ୍ୟବସାୟ

ଭାରତରେ ଗତ ୫ ଦିନ ହେବ ଯେଉଁଭଳି ଭାବେ ବିମାନ ସେବାରେ ବିଭ୍ରାଟ ଦେଖାଦେଇଛି, ତାହା ଦେଶରେ ଅନ୍ୟତମ ସର୍ବାଧିକ ଆଲୋଚନାର ବିଷୟ ପାଲଟିଯାଇଛି। ଘରୋଇ ଏୟାରଲାଇନ୍ସ ଇଣ୍ଡିଗୋ ଆବଶ୍ୟକ ସେବା ଯୋଗାଇବାରେ ସମର୍ଥ ହୋଇ ନ ଥିବାରୁ ବିମାନଯାତ୍ରାରେ ଅସ୍ୱାଭାବିକତା ଦେଖାଦେଇଛି। ପ୍ରଥମେ ୧,୦୦୦ ବିମାନ, ପରେ ୮୦୦ ଓ ତା'ପରେ ୬୫୦ ଏହିପରି ଇଣ୍ଡିଗୋ ବିମାନ ବାତିଲ ବା ବିଳମ୍ବରେ ଚାଲିବା ଯୋଗୁ ଅନେକ ଲକ୍ଷ ଯାତ୍ରୀ ବିମାନବନ୍ଦରରେ ପଡ଼ିରହି ହନ୍ତସନ୍ତ ହେଉଛନ୍ତି। ଏଠାରେ ମନେରଖିବାକୁ ହେବ ଯେ ଏହି ବିଭ୍ରାଟ ପଛରେ ବହୁ ସମସ୍ୟା ରହିଛି। ୨୦୨୪ ଆରମ୍ଭରେ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ଜାରି କରାଯାଇଥିଲା, ଯେଉଁଥିରେ ଉଲ୍ଲେଖ ଥିଲା ଯେ ଉଡ଼ାଜାହାଜ ପାଇଲଟ ଓ କର୍ମଚାରୀଙ୍କୁ ସପ୍ତାହକୁ ୩୬ ଘଣ୍ଟା ପରିବର୍ତ୍ତେ ୪୮ ଘଣ୍ଟା ବିଶ୍ରାମ ଦିଆଯିବ। ଏହାର ଅର୍ଥ ହେଲା ୧୨ ଘଣ୍ଟା ବୃଦ୍ଧି ହେବା ଫଳରେ ପ୍ରାୟ ୨୫ ପ୍ରତିଶତ ଉଡ଼ାଣ କମିଗଲା। ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ ଇଣ୍ଡିଗୋ ଏକାକୀ ମାଡ଼ିବସିଛି। ୪୮ ଘଣ୍ଟା ବିଶ୍ରାମ ହେଉଛି ସାଧାରଣତଃ ଏକ ବିଶ୍ୱ ମାନଦଣ୍ଡ। କିନ୍ତୁ ବ୍ୟବସାୟିକ ଲାଭକୁ ଅଧିକ କରିବା ପାଇଁ ସବୁ ଉଡ଼ାଜାହାଜ କମ୍ପାନୀ ଜୀବନମୂର୍ଚ୍ଛା ଚେଷ୍ଟା କରିଆସୁଛନ୍ତି। ସେଥିପାଇଁ ହୁଏତ ଇଣ୍ଡିଗୋ କମ୍ପାନୀ କୌଣସି ନୂଆ ପାଇଲଟ କିମ୍ବା ସହ-ପାଇଲଟ ନିଯୁକ୍ତି ଦେଇ ଏହି ବ୍ୟବସ୍ଥା ପାଇଁ ୨ ବର୍ଷ ସମୟ ଥିବା ସତ୍ତ୍ୱେ ନିଜକୁ ପ୍ରସ୍ତୁତ କଲାନାହିଁ। ସେହି କମ୍ପାନୀର କର୍ମଚାରୀ ସଂଘର ପ୍ରକାଶିତ ବିବୃତିରୁ ବୁଝାପଡୁଛି ଯେ, ଇଣ୍ଡିଗୋ ଜାଣିଶୁଣି ଏହି ପରସ୍ଥିତି ସୃଷ୍ଟି କଲା ; ଯାହାଫଳରେ ସାଧାରଣ ଯାତ୍ରୀ ହଇରାଣ ହେବେ, ବିଭିନ୍ନ ବିମାନ ବନ୍ଦରରେ ତୁମୁଳକାଣ୍ଡ ଘଟିବ ଏବଂ ସେଭଳି ଚାପ ସମ୍ମୁଖରେ ସରକାର ଆଣ୍ଠେଇବାକୁ ବାଧ ହେବେ। ତାହା ହିଁ ଘଟିଲା। ଦେଖିବାକୁ ଗଲେ ଇଣ୍ଡିଗୋ ଏକପ୍ରକାର ସରକାରଙ୍କ ବେକ ମୋଡ଼ି ବିଜୟ ନେଇପାରିଲା। ସରକାର ତାଙ୍କ ୩୬ ଘଣ୍ଟାରୁ ୪୮ ଘଣ୍ଟା ବୃଦ୍ଧି ନିୟମାବଳୀକୁ ଇଣ୍ଡିଗୋ କମ୍ପାନୀ ପାଇଁକି ଫେରସ୍ତ ନେବାକୁ ବାଧ ହେଲେ। ଏହି ପରାଜୟ ପାଇଁ କେନ୍ଦ୍ର ସରକାର ଖୋଦ୍ ଦାୟୀ। ଭାରତରେ କିଛିବର୍ଷ ଧରି ଯେଉଁଭଳି ମନୋପଲିଷ୍ଟିକ ବା ଡୋପଲିଷ୍ଟିକ ନୀତି କାର୍ଯ୍ୟକାରୀ କରାଯାଉଛି, ସେଥିରୁ ପ୍ରତ୍ୟେକ କ୍ଷେତ୍ରରେ ଗୋଟିଏ କିମ୍ବା ଦୁଇଟି ଖେଳାଳି ବଞ୍ଚି ରହିବାର ସୁଯୋଗ ପାଉଛନ୍ତି। ବିଶେଷକରି ଜନସାଧାରଣଙ୍କ ସେବାରେ ସିଧାସଳଖ ନିୟୋଜିତ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଯେତେ ଅଧିକ ସଂଖ୍ୟା ରହିବ, ଦେଶର ଜନସାଧାରଣ ସେତିକି ଅଧିକ ଉଚ୍ଚକୋଟୀର ସେବା ପାଇବା ସହିତ ଅନ୍ୟାନ୍ୟ ସୁବିଧା ମଧ ପାଇବେ। ଉଦାହରଣ ସ୍ୱରୂପ, ଆମେରିକା ଓ ୟୁରୋପର ଅନେକ ଦେଶରେ ଏଭଳି ଗୋଟିଏ କିମ୍ବା ଦୁଇଟି କମ୍ପାନୀକୁ ସମ୍ପୂର୍ଣ୍ଣ ବଜାର ଧରାଇ ଦିଆଯାଏ ନାହିଁ। ଭାରତରେ ଏୟାର ଏସିଆ, କିଙ୍ଗଫିଶର, ଜେଟ୍ ଏୟାରୱେଜ୍, ଗୋ ଏୟାର, ସ୍ପାଇସ୍ ଜେଟ୍ ଭଳି ଅନେକ ମଧମ ଓ କ୍ଷୁଦ୍ର ବିମାନ କମ୍ପାନୀ ଇତିମଧରେ ଦୋକାନ ବନ୍ଦ କରିବାକୁ ବାଧ ହୋଇଛନ୍ତି। ବିଜୟ ମାଲ୍ୟାଙ୍କ ଭଳି କେତେକ ଲୋକ ନେଇଥିବା ଋଣ ସମ୍ପୂର୍ଣ୍ଣ ଭାବେ ପଇଠ କରିଦେବେ ବୋଲି ବାରମ୍ବାର ଦୋହରାଉଥିବା ସତ୍ତ୍ୱେ କେନ୍ଦ୍ର ସରକାର ତାଙ୍କର ରାଜନୈତିକ ଦ୍ୱେଷ ଯୋଗୁ ତାଙ୍କୁ ଦେଶକୁ ଫେରିଲା ମାତ୍ରେ ଗିରଫ କରିବେ ବୋଲି ଧମକାଇ କରି ରଖିଛନ୍ତି। ସେହିଭଳି ଅନ୍ତର୍ଜାତୀୟ ସ୍ତରରେ ଏଟିଏଫ୍ (ଏଭିଏଶନ ଟର୍ବାଇନ ଫୁଏଲ୍) ଦରକୁ ଭାରତରେ ସର୍ବୋଚ୍ଚରେ ରଖାଯାଇଛି। ଏହା ଫଳରେ କ୍ଷୁଦ୍ର କମ୍ପାନୀ ଉଧେଇବାରେ ସଫଳ ହେଉନାହାନ୍ତି। ଅନ୍ୟପଟେ ବଜାର ଚାହିଦାକୁ ଦେଖି ଟିକେଟ ଦର ନିର୍ଦ୍ଧାରଣ କରିବାର କ୍ଷମତା ସିଧାସଳଖ କମ୍ପାନୀମାନଙ୍କ ହାତରେ ଛାଡ଼ିଦେବା ଫଳରେ ଆଜି ଭାରତରେ ଶସ୍ତା ଟିକେଟ ବିକ୍ରି କରୁଥିବା ବିମାନ କମ୍ପାନୀ ନାହିଁ। ଅନ୍ୟ ଦେଶରେ ଯଥା- ସିଙ୍ଗାପୁର, ଇଣ୍ଡୋନେସିଆ ସେମାନଙ୍କ ଜାତୀୟ ବିମାନ କମ୍ପାନୀକୁ ଏକ କୂଟନୈତିକ ଅସ୍ତ୍ର ଭାବେ ବଞ୍ଚାଇ ରଖିଛନ୍ତି। ଏପରିକି ପାକିସ୍ତାନ ମଧ ଅନ୍ତର୍ଜାତୀୟ ଏୟାରଲାଇନ୍ସକୁ ବଞ୍ଚାଇ ସରକାରୀ କମ୍ପାନୀ ଭାବେ ରଖିପାରିଛି। ଭାରତ ତା'ର ଘରୋଇକରଣ ନୀତିରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ମଧ ବିକିଦେବା ଫଳରେ ତାହାର ମାନ ହ୍ରାସ ପାଇଛି।

ଏଭଳି ଡାଲମା ଭିତରେ ଏୟାର ବସ୍-ଏ୩୨୦ ପରିବାକୁ ମିଶାଇ ଦିଆଯାଇଛି। ଇଣ୍ଡିଗୋ ସମେତ ଅନ୍ୟ ବହୁ କମ୍ପାନୀ ଏୟାର୍‌ବସ୍ ବିମାନ ବ୍ୟବହାର କରନ୍ତି, ଯାହାର ଗୁରୁତ୍ୱପୂର୍ଣ୍ଣ ଯାନ୍ତ୍ରିକ ତ୍ରୁଟି ଧରାପଡ଼ିଛି। ତତ୍‌ସହିତ କ୍ରିସ୍‌ମାସ ଓ ନୂଆବର୍ଷର ଆସିବାକୁ ଥିବା ଛୁଟି ଯୋଗୁ ଯାତ୍ରୀ ସଂଖ୍ୟା ଅଭୂତପୂର୍ବ ଭାବେ ବଢ଼ିଯାଇଛି। ଏବକାର ଚାଲିଥିବା ଇଣ୍ଡିଗୋ ସମସ୍ୟା ପାଇଁ ସେହି କମ୍ପାନୀର କର୍ତ୍ତୃପକ୍ଷ ନିଶ୍ଚିତ ଦାୟୀ। ତାଙ୍କୁ ଚେତାଇ ଦେବାପାଇଁ ଯେଉଁ ଚିଠି ଡିଜିସିଏ ତରଫରୁ ପଠାଯାଇଛି, ତାହା ଅନ୍ୟ ଏକ ଦୁର୍ବଳତା ପ୍ରମାଣ କରୁଛି। କମ୍ପାନୀର ସିଇଓଙ୍କ ନାମ ଉଲ୍ଲେଖ କରିବା ପାଇଁ ସମ୍ପୃକ୍ତ ଅଫିସରଙ୍କର ଦମ୍ଭ ନ ଥିବା ସେହି ଚିଠିରୁ ଜଣାପଡୁଛି। ତତ୍‌ସହିତ ଏଭଳି ବିଭ୍ରାଟ ପାଇଁ କମ୍ପାନୀକୁ କେଉଁ ପ୍ରକାରର ଶାସ୍ତି ଦିଆଯିବ ତାହା ମଧ ଚିଠିରେ ଉଲ୍ଲେଖ କରିବାର ଶକ୍ତି ସରକାରଙ୍କ ପାଖରେ ନାହିଁ ବୋଲି ପ୍ରମାଣିତ ହେଉଛି। ଏଥିରୁ ବୁଝାପଡୁଛି ଯେ ପ୍ରବଳ ମାତ୍ରାର ଦୁର୍ନୀତି ଯୋଗୁ ଆଜିର ଭାରତୀୟ ବିମାନ ଚଳାଚଳ ବ୍ୟବସାୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲାଣି। ଯଦି ଏହିଭଳି ବ୍ୟବସାୟିକ ନୀତି ବିମାନବନ୍ଦର, ସାମୁଦ୍ରିକ ବନ୍ଦର, ସଡ଼କ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ଏବଂ ଟେଲିକମ କ୍ଷେତ୍ର ଭଳି ଅତ୍ୟାବଶ୍ୟକ ବ୍ୟବସାୟରେ ଗୋଟେ କିମ୍ବା ଦୁଇଟି କମ୍ପାନୀକୁ ବଞ୍ଚି ରହିବାର ମନ୍ଦ ଉଦ୍ଦେଶ୍ୟ ରଖି ସରକାର କାର୍ଯ୍ୟ କରନ୍ତି, ତାହା ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ।

# ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଭାରତକୁ ଆମେରିକା ନାଲିଆଖି ଦେଖାଇ ଟାରିଫ ବୃଦ୍ଧି କରିଛି। ଏହାସହ ଭାରତ-ଋଷିଆ ସମ୍ପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋର ଅସନ୍ତୁଷ୍ଟ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଋଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭାରତ ଗସ୍ତ ଏବଂ ଭାରତ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଭାରତ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଆମେରିକା ପାଇଁ ସେତିକି ଆଲୋଡ଼ିତ ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବିଶ୍ୱ ରାଜନୀତିରେ ଅସ୍ଥିରତା ହ୍ରାସ ପାଉ ନ ଥିବା ବେଳେ ୟୁକ୍ରେନ୍-ଋଷିଆ ଆକ୍ରମଣ ଦୀର୍ଘ ସମୟଧରି ଗତି କରିବା ଆମେରିକା ପାଇଁ ମୁଣ୍ଡବ୍ୟଥାର କାରଣ। ଏଭଳି ସ୍ଥିତିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସବୁ ତୀକ୍ଷ୍ଣ ନଜର ରଖିଛନ୍ତି।

ବିଡ଼ମ୍ବନା ହେଉଛି, ଋଷିଆ -ୟୁକ୍ରେନ୍ ଯୁଦ୍ଧ ପ୍ରଶମନରେ ଆମେରିକା ଭାରତକୁ ଦାୟୀ କରିବା, ଭାରତ ଜାତିସଂଘରେ ଋଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ନିନ୍ଦା କରିବା, ପରବର୍ତ୍ତୀ ସମୟରେ ଭାରତ ଆମେରିକା ମଧ୍ୟରେ ଟାରିଫ୍ ହ୍ରାସ ନେଇ ଆଲୋଚନା କରିବା, ଆମେରିକାଠାରୁ ଅଧିକ ତୈଳ ଆମଦାନୀ କରିବା ନେଇ ଚୁକ୍ତି ଆଦି ପ୍ରସଙ୍ଗ ଭାରତର ବିରୋଧୀ ମନୋଭାବକୁ ସ୍ପଷ୍ଟ କରିସାରିଛି। ପାଶ୍ଚାତ୍ୟ ରାଷ୍ଟ୍ରଙ୍କ କଟକଣା ଯୋଗୁ ଭାରତ ଶସ୍ତାରେ ଋଷିଆଠାରୁ ଅଶୋଧିତ ତୈଳ କିଣିବାକୁ ବାଧ୍ୟ ହୋଇଛି। କିନ୍ତୁ ଆମେରିକା ଭାରତକୁ ଅପବାଦ ଦେଇ ଋଷର ଯୁଦ୍ଧକୁ ଭାରତ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛି ବୋଲି କହିଛି। ସେଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କିରିଛି। ଭାରତ ଏହିଭଳି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ପଡିଛି। ଋଷିଆ ସହିତ ସମ୍ପର୍କ ଭାଙ୍ଗିଲେ ଦେଶର ସୁରକ୍ଷା କ୍ଷତିଗ୍ରସ୍ତ ହେବ ଏଣେ ଆମେରିକା ସହ ସମ୍ପର୍କ ନ ରହିଲେ ପ୍ରଯୁକ୍ତି ଏବଂ ବଜାର ବିଗିଡ଼ିଯିବାର ଆଶଙ୍କା ରହିଛି। ତେବେ ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଅଡୁଆ ସୃଷ୍ଟି କରିବ ନା ଆଶଙ୍କା ବଦଳରେ ଆଶା ସୃଷ୍ଟି କରିବ ତାହା ପାଶ୍ଚାତ୍ୟ ରାଷ୍ଟ୍ରପାଇଁ ଉଦ୍ଦୀପନା ସୃଷ୍ଟି କରିଛି। ଭାରତର ସ୍ଥିତିକୁ ଅବଲୋକନ କଲେ ଜଣାଯାଏ, ଚାଇନା ସବୁବେଳେ ନିଜର ଆଧିପତ୍ୟ ବଜାୟ ରଖି ଭାରତକୁ ତା'ର ଗୋଡ଼ାଣିଆ କରିବାକୁ ଚାହେଁ। ଆମେରିକା ମଧ୍ୟ ଭାରତକୁ ତା'ର ଛତ୍ରଛାୟା ତଳେ ରଖିବାକୁ ଚାହେଁ। ମିତ୍ରତା କେବଳ ଛଳନା। ଭାରତ ସମଗ୍ର ବିଶ୍ୱରେ ଏକ ସହନଶୀଳ ରାଷ୍ଟ୍ର ଭାବେ ଖ୍ୟାତି ଅର୍ଜନ କରିଛି। ବଜାର ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ। ଭାରତର ବୈଦେଶିକ ନୀତି ମଧ୍ୟ ସବୁ ରାଷ୍ଟ୍ରଙ୍କ ପାଇଁ ବନ୍ଦନୀୟ। ଏଭଳି ଏକ ରାଷ୍ଟ୍ରକୁ ନିଜ କରାୟତ୍ତରେ ରଖିବା ପାଇଁ ଆମେରିକା, ଋଷିଆ, ଚାଇନା ସବୁଦେଶ ଚାହାନ୍ତି। ବେପାର ବଣିଜର ଉର୍ଦ୍ଧ୍ୱକୁ ଉଠି ଭାରତ ସହ ଗଭୀର ବନ୍ଧୁତ୍ୱ କେହି ଚାହାନ୍ତି ନାହିଁ। ଋଷିଆ ଯଦିଓ ଭାରତର ପୁରୁଣା ବନ୍ଧୁ ରାଷ୍ଟ୍ର, ତେବେ ବାଣିଜ୍ୟର ଲୋଲୁପ ଦୃଷ୍ଟି ପରିହାର କରି ପାରି ନାହିଁ। କିନ୍ତୁ ପୁରୁଣା ସମ୍ପର୍କ, ନୂତନ ଯୋଡି ଏହା ହିଁ ଋଷିଆର



ଭାରତ ପ୍ରତି ଏସୀୟ ଆଭିମୁଖ୍ୟ। ତେବେ ସମ୍ପର୍କକୁ ବାରମ୍ବାର ମଜଭୁତ କରିବା ପାଇଁ ଚେଷ୍ଟା କରା ନ ଗଲେ ତାହା ପୁରୁଣା ହୋଇଯାଏ। ସେଥିପାଇଁ ଭାରତ ଗସ୍ତ କାଳରେ ପୁଟିନ୍ କେତେକ ନୂତନ ବୁଝାମଣା କରିବା ଦ୍ୱାରା ବନ୍ଧୁ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ପୁଟିନ୍‌ଙ୍କ ଗସ୍ତ ଭାରତ ପାଇଁ ଏକ ବଡ଼ ସୁଯୋଗ ବୋଲି ଅସ୍ୱୀକାର କରି ହେବ ନାହିଁ। ବହୁତ ଦ୍ୱିପାକ୍ଷିକ ଚୁକ୍ତି ପରେ ଦୁଇ ନେତାଙ୍କ ମିଳିତ ବିବୃତି ପ୍ରଣୀଧାନ ଯୋଗ୍ୟ। ଭାରତ ଋଷିଆ ବନ୍ଧୁତ୍ୱକୁ ଧ୍ରୁବତାରା ସହିତ ତୁଳନା କରିଥିବା ବେଳେ ଋଷିଆ ରାଷ୍ଟ୍ରପତି ପୁଟିନ୍ ତାଙ୍କ ବିବୃତିରେ କହିଛନ୍ତି ଯେ, ଋଷିଆ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ମଜଭୁତ। ଆର୍ଥିକ କ୍ଷେତ୍ରଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଆମ ସମ୍ପର୍କ ଅଧିକ ଦୃଢ଼ ହେଉଛି। ଆମେ ଟ୍ରେନ୍, ନିବେଶ ଏବଂ ବୈଷୟିକ କ୍ଷେତ୍ରକୁ ନେଇ ଆଲୋଚନା କରିଛୁ। ଋଷିଆ ଏବଂ ଭାରତୀୟ ଅର୍ଥନୈତିକ ସହଯୋଗ ସଂଗଠନ ମିଳିତ ଭାବେ କାମ କରୁଛନ୍ତି। ଭାରତର ବିକାଶ ପାଇଁ ଜରୁରୀ ଥିବା ତୈଳ ଗ୍ୟାସ୍ ଭଳି ସମସ୍ତ ସାମଗ୍ରୀ ଦେବାକୁ ପ୍ରସ୍ତୁତ। ଶକ୍ତି କ୍ଷେତ୍ରପାଇଁ ଋଷିଆ ଭାରତକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ବାସ୍ତବରେ ପ୍ରତିରକ୍ଷା, ପ୍ରଯୁକ୍ତି ଆଣବିକ ଶକ୍ତି ଓ ଉର୍ଜା ଯୋଗାଣ ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ରାଜିନାମା ଉଲ୍ଲେଖନୀୟ। ପୁଟିନ୍ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଋଷିଆରେ ଭାରତୀୟ ସିନେମାର ବହୁ ଚାହିଦା ରହିଛି। ଭାରତୀୟ ମୁଦ୍ରାର ବ୍ୟବହାର ପରିସର ବୃଦ୍ଧି ପାଇଛି। ବ୍ରିକ୍ସ ପାଇଁ ଭାରତର ଅବଦାନ ସମ୍ପର୍କରେ ସେ ତାଙ୍କ ଭାଷଣରେ କହିଛନ୍ତି। ଋଷିଆ ଭାରତର ନାଗରିକଙ୍କ ପାଇଁ ପାରସ୍ପରିକ ସମ୍ପର୍କକୁ ମଜଭୁତ କରିବାର ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଏବେ ଉଭୟ ଭାରତ ଏବଂ ଋଷିଆ ସବୁଠୁ ବଡ଼ ଆଣବିକ ପ୍ଲାଣ୍ଟ ପ୍ରକଳ୍ପ ଉପରେ କାମ କରୁଛନ୍ତି। ୬ଟି ରିଆକ୍ଟର ମଧ୍ୟରୁ ୩ଟି ପୂର୍ବରୁ ଏନର୍ଜି ନେଟ୍‌ୱର୍କ ସହିତ ଯୋଡି ହୋଇସାରିଛି। ଆଉ ୩ଟି ରିଆକ୍ଟର ନିର୍ମାଣାଧୀନ ଥିବା ସେ ସୂଚନା ଦେଇଥିଲେ। ଏ ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମ ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ଋଷିଆର ଅବଦାନ ରହିଛି।

କୂଟନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନ୍ତରାଳେ ରହିଛି ଋଷିଆର ରାଜନୈତିକ ଓ ଅର୍ଥନୈତିକ ଭବିଷ୍ୟତ। ସମ୍ପ୍ରତି ଆମେରିକା ସହିତ ଭାରତର ବ୍ୟବସାୟିକ ତିକ୍ତତା ଆହୁରି ମଧ୍ୟ ଟ୍ରମ୍ପଙ୍କ ବିଶ୍ୱ ଏକାଧିପତ୍ୟତା କ୍ଷେତ୍ରରେ ଭାରତ ଋଷିଆର ସମାନ ଚିନ୍ତାଧାରା ରହିଛି। ଋଷିଆ ଓ ଭାରତର ଯାବତୀୟ ଚୁକ୍ତି ଆମେରିକା ଓ ଚାଇନା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତ ଓ ଋଷିଆ ଯଦି ଏକତ୍ରିତ ହୋଇ ଏସୀୟ ରାଷ୍ଟ୍ରଗୁଡିକର ନେତୃତ୍ୱ ନେବେ ତେବେ ଚାଇନା ପ୍ରତିବନ୍ଧକ ସାଜିପାରିବ ନାହିଁ। ଅନ୍ୟ ଦୃଷ୍ଟିକୋଣରୁ ଏମାନେ ଏକାଠି ହୋଇ ବୈଶ୍ୱିକ ଚ୍ୟାଲେଞ୍ଜକୁ ସାମ୍ନା କଲେ ବିଶ୍ୱ ଆଧିପତ୍ୟତା କ୍ଷେତ୍ରରେ ଆମେରିକା ଦୁର୍ବଳ ହୋଇପଡିବ। ଏଥିପାଇଁ ଋଷିଆ, ଚାଇନା, ଭାରତ ମିଶି ଯେଉଁ ସଂଗଠନ କରିଥିଲେ ତାହା ଏବେ ଶିଥିଳ ହୋଇପଡିଥିବାରୁ ଋଷିଆ ଚାହୁଁଛି ଭାରତକୁ ନେଇ ଅଭିଯାନ ଆରମ୍ଭ କରିବାକୁ। ଅନ୍ୟପକ୍ଷରେ ଋଷିଆ ୟୁକ୍ରେନ୍ ଯୁଦ୍ଧରେ ପଛାଇ ଯିବାକୁ ଚାହୁଁ ନାହିଁ। ୟୁକ୍ରେନ୍ ପଛରେ ଆମେରିକା, ନାଟୋ ରହିଥିବାରୁ ଋଷିଆ ଆମେରିକାର ହସ୍ତକ୍ଷେପକୁ ବରଦାସ୍ତ କରିପାରୁ ନାହିଁ। ଭାରତ ମଧ୍ୟ ଭିତରେ ଚାହୁଁଛି ଆମେରିକାର ଆଧିପତ୍ୟ ହ୍ରାସ ପାଉ। ଅପରପକ୍ଷରେ ଚାଇନା ଏଥିପାଇଁ ନୀରବ ରହୁଛି। ଯାହାଫଳରେ ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଆହ୍ୱାନକୁ ଋଷିଆ ଏକପ୍ରକାର ସମର୍ଥନ କରୁଥିଲେ ହେଁ ଆମେରିକାର ବାରମ୍ବାର ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହୋଇ ପାରୁନାହିଁ। ଭାରତ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ରହିଥିବା ବେଳେ ତାହା ସମ୍ପୂର୍ଣ୍ଣ ବ୍ୟବସାୟିକ ଲାଭ କ୍ଷତି ଉପରେ ନିର୍ଭରଶୀଳ। ତେବେ ଆମେରିକା ଭାରତ ଉପରେ ଶୁଳ୍କ ବୃଦ୍ଧି ଘଟାଇଲା ପରେ ଭାରତ ପକ୍ଷରୁ ଆଲୋଚନା କରଯାଇ ଆମେରିକାଠାରୁ ସାମରିକ ଅସ୍ତ୍ରଶସ୍ତ୍ର କିଣିବାକୁ ଚୁକ୍ତି କରିଛି। ଏ କଥା ଋଷିଆ ଭଲଭାବେ ଜାଣେ। ତଥାପି ଭାରତକୁ ଋଷିଆ କେବେ ଛାଡି ପାରିବ ନାହିଁ। ଭାରତ ମାଧ୍ୟମରେ ସେ ଏସୀୟ ମହାଦେଶରେ ବାଣିଜ୍ୟ କାରବାରର ଅତୀତରେ ସୁଯୋଗ ଲାଭ କରିଛି। ଭାରତର ବୈଦେଶିକ ନୀତିକୁ ଋଷିଆ କେବେ ହେଲେ ଅବମାନନା କରିନାହିଁ। କିନ୍ତୁ ଟ୍ରମ୍ପ ଭାରତର ବୈଦେଶିକ ନୀତିକୁ ଏଯାବତ ବୁଝି ପାରିନାହାନ୍ତି। ଯାହାଫଳରେ ବାଣିଜ୍ୟକୁ ନେଇ ଆମେରିକା ସବୁବେଳେ ଭାରତ ପ୍ରତି ଆକ୍ରୋଶ ପ୍ରକାଶ କରୁଛି। ଚାଇନାର ସାମ୍ରାଜ୍ୟବାଦ ନୀତି, ପାକିସ୍ତାନର ପରମାଣୁ ଧମକ ଅବ୍ୟାହତ ରହିଥିବା ବେଳେ ଋଷିଆ ଏକ୍ଷେତ୍ରରେ ସେମାନଙ୍କୁ ବିରୋଧ କରୁ ନ ଥିବା ଆମେରିକା ପକ୍ଷରୁ କୁହାଯାଇଥାଏ। ତେବେ ଆମେରିକା ଭାରତ ପାଇଁ ସେତେ ବିଶ୍ୱାସ ସୃଷ୍ଟି କରିପାରି ନ ଥିବା ବେଳେ ଋଷିଆ ଭାରତ ପାଇଁ ବହୁ କ୍ଷେତ୍ରରେ ବିଶ୍ୱାସ ଦେଇଛି। ଆମେରିକା ସହିତ ତିକ୍ତତା ଥିବା ବେଳେ ଅପରେଶନ ସିନ୍ଦୂର ପରେ ପାକିସ୍ତାନ ଓ ତୁର୍କୀ ସହିତ ସାମରିକ ବିବାଦ ଲାଗି ରହିଛି। ଏହାସହ ଋଷିଆର ରାଷ୍ଟ୍ରପତି ଭାରତ ଆଗମନ ଭାରତ ପାଇଁ କୂଟନୈତିକ ଦିଗରେ ସ୍ଥିରତା ଆଣିଥିବା କୁହାଯାଇପାରେ।

**ସୟେଦପୁର, ମୋ:୯୪୩୭୩୧୫୬୨୩**

# କଚ୍ଛପ ଗତି



ଅଲେଖ ଚନ୍ଦ୍ର ମିଶ୍ର

କୌଣସି କାର୍ଯ୍ୟ ସମ୍ପାଦନରେ ଉଛୁର ହେଲେ, ଲକ୍ଷ୍ୟ ହାସଲରେ ଡେରି ହେଲେ କିମ୍ବା ନିର୍ଦ୍ଧିଷ୍ଟ ସ୍ଥାନରେ ପହଞ୍ଚିବା ପାଇଁ ବିଳମ୍ବ ଘଟିଲେ ବିଳମ୍ବର କାରଣକୁ କଚ୍ଛପର ଗତି ସହିତ ତୁଳନା କରି ଲଘୁ ମନ୍ତବ୍ୟ ଦେବା ଏକ ଜଣାଶୁଣା କଥା। ଯେପରି ବିଳମ୍ବରେ ପ୍ରାପ୍ତ ଚିଠି, ମନି ଅର୍ଡର ବା ଯୋଜନାର ସୁଫଳ। ଏଭଳି ତୁଳନାର ଉତ୍ପତ୍ତି କେବେ ହୋଇଥିଲା ଜଣା ଥାଉ କି ନ ଥାଉ କିପରି ହୋଇଥିଲା ତା'ର ପୃଷ୍ଠଭୂମି ଅନ୍ତତଃ ପକ୍ଷେ ସମସ୍ତେ ଜାଣନ୍ତି ଏବଂ ତାହା ହେଲା ଲୋକପ୍ରିୟ 'ଠେକୁଆ କଇଁଛ କଥା' ଯାହାର ଉଦାହରଣ କଥା କଥାକେ ଦେବା ଏକ ସାଧାରଣ ଅନୁଭୂତି ହୋଇ ରହିଯାଇଛି। ପାଠ ପଢ଼ାରେ, ଖେଳ କସରତରେ କିମ୍ବା କୌଣସି ପ୍ରତିଯୋଗିତାରେ ହେଳା କରୁଥିବା ଶିଶୁଟିକୁ ତା'ର ମାତାପିତା, ଗୁରୁଜନ ଓ ଶିକ୍ଷକ ସମସ୍ତେ ଏହି କାହାଣୀଟି ଶୁଣେଇ ଥାନ୍ତି କିମ୍ବା ପଢ଼େଇ ଥାନ୍ତି। ଉଭୟଙ୍କର ଗତିଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି। କାହିଁ କ୍ଷିପ୍ର ଗତିଶୀଳ ଠେକୁଆ କାହିଁ ମନ୍ଥର ଗତିରେ ଚାଲୁଥିବା କଇଁଛ। ଅଥଚ ଉଭୟ ପରସ୍ପର ମଧ୍ୟରେ ଦୌଡ଼ ପ୍ରତିଯୋଗିତା କରିବା ପାଇଁ ସ୍ଥିର କଲେ। କଇଁଛଟି ନିଜର ଅପାରଗତା ଜାଣି ବି ତା'ର ଗଭୀର ଆତ୍ମବିଶ୍ୱାସ ଓ ପରିଶ୍ରମ ଉପରେ ଭରସା ରଖି ସେଥିରେ ଭାଗ ନେବାକୁ ରାଜି ହେଲା। ଠେକୁଆର ଅଳସୁଆମି ଓ କଇଁଛଟିର ଧୈର୍ଯ୍ୟ ହେତୁ ଶେଷରେ କଇଁଛଟି ଜିତିଲା ଏବଂ କଥା ରହିଗଲା 'କଚ୍ଛପ ଗତି' ଯାହା ମନ୍ଥର ହୋଇପାରେ କିନ୍ତୁ ଲକ୍ଷ୍ୟ ସ୍ଥଳରେ ଅବଶ୍ୟ ପହଞ୍ଚାଏ। ଏହି ଗଳ୍ପଟି ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆ ଯାଏ ଯେ ହେଳା କଲେ ଭେଳା ବୁଡ଼େ, ଧୀର ପାଣି ପଥର କାଟେ ବା ଆଦୌ ନ ପହଞ୍ଚିବା ଅପେକ୍ଷା ବିଳମ୍ବରେ ପହଞ୍ଚିବା ଶ୍ରେୟସ୍କର। ଏଭଳି ବଚନିକାର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଏଥିରେ ନିହିତ ବାର୍ତ୍ତା ହେଲା ସାଧନାରେ ନିଷ୍ଠା ଥିଲେ ସିଦ୍ଧି ଲାଭ ନିଶ୍ଚିତ।

କଚ୍ଛପର ଗତି କେବଳ ଏହି କାହାଣୀଟିରେ ସୀମିତ ନୁହେଁ। ଅଲିଭ୍ ପତ୍ର ଭଳି ସବୁଜ ରଙ୍ଗର ଆବରଣ (ଖୋଳ) ଯୋଗୁ ଅଲିଭ ରିଡ୍‌ଲେ ନାମରେ ପରିଚିତ ଏକ ଜଣାଶୁଣା ପ୍ରଜାତିର କଇଁଛ ସେମାନଙ୍କର ଗତିଶୀଳତା ପାଇଁ ବେଶ୍ ଚର୍ଚ୍ଚିତ। ସମୁଦ୍ର ଗର୍ଭରେ ହଜାର ହଜାର ମାଇଲ ଯାତ୍ରା କରି ଏମାନେ ନିର୍ଭୁଲ ଭାବରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ଅଣ୍ଡା ଦିଅନ୍ତି। କଚ୍ଛପର ଗତିପଥ କେବଳ ଜଳ ଭାଗରେ ସୀମିତ ନୁହେଁ। ଏକ ଉଭୟଚର ପ୍ରାଣୀ ଭାବରେ ଏମାନେ ସ୍ଥଳଭାଗରେ ବି ସ୍ୱଚ୍ଛନ୍ଦରେ ଯାତାୟାତ କରନ୍ତି ତଥା ଶାକାହାରୀ ଓ ମାଂସାହାରୀ ଭାବରେ ଉଭୟ ପ୍ରକାରର ଖାଦ୍ୟ ଖାଆନ୍ତି। ସ୍ଥଳଭାଗରେ କଚ୍ଛପର ଗତି ଉପରେ ଅନେକ କାହାଣୀ ରହିଛି ଯେଉଁଥିରୁ ମନ୍ଥରକ ନାମକ କଚ୍ଛପର ଗତିବିଧି ସମ୍ପର୍କରେ ବିଖ୍ୟାତ ସଂସ୍କୃତ କଥା ହିତୋପଦେଶ ଅନ୍ୟତମ।



ଇଏ ତ ହେଲା କଇଁଛର ବାହ୍ୟ ଗତି। ତା'ର ଆଭ୍ୟନ୍ତରୀଣ ଗତି ମଧ ତତ୍ତୁଲ୍ୟ ଶିକ୍ଷାପ୍ରଦ। କଇଁଛର ସାରା ଦେହ ଏପରି କଠିନ ଆବରଣ ଭିତରେ ସୁରକ୍ଷିତ ଯେ ତାହା ତାକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଢାଲ ଭଳି କାର୍ଯ୍ୟ କରେ। କିନ୍ତୁ ତା'ର ପାଦ ଓ ମୁଖ ଅପେକ୍ଷାକୃତ କୋମଳ ଉପାଦାନରେ ଗଠିତ ହୋଇଥିବାରୁ ତାହା ତା'ର ଏକ ଦୁର୍ବଳତା। ହେଲେ ତା' ଉପରେ ଆକ୍ରମଣର ସୁରାକ ପାଇଲେ ତାକୁ ସେ ଶରୀରର ଟାଣ ଖୋଳପା ଭିତରକୁ ପୂରେଇ ଦେଇ ଆତ୍ମରକ୍ଷା କରେ ଏବଂ ଭୟର ଆଶଙ୍କା ଟଳିଗଲେ ସେ ସବୁକୁ ପୁଣି ବାହାରକୁ କାଢି କାମରେ ଲଗାଏ। କଇଁଛର ଏପରି କୌଶଳ ମନୁଷ୍ୟ ପାଇଁ ଉପଲବ୍ଧ ଦୁଇଟି ଆତ୍ମରକ୍ଷା ଉପାୟ ଯଥା ବେତସ ବୃତ୍ତି ଓ ଭୁଜଙ୍ଗ ବୃତ୍ତି ସହିତ ତୁଳନୀୟ। ଝଡ଼ ବତାସରେ ନଇଁ ପଡ଼ି ଓ ତା' ପରେ ମୁଣ୍ଡ ଟେକି ବେତ ବୃକ୍ଷ ତିଷ୍ଠି ରହେ ଅଥଚ ଶତ୍ରୁ ସମ୍ମୁଖରେ ଫଣାକୁ ଟେକି ରଖି ସର୍ପଟିଏ ପ୍ରାଣ ହାରେ। କଇଁଛଟି ବେତ ଗଛ ପରି ନିଜର ଅଙ୍ଗ ଚାଳନା କରି ବିପଦରୁ ନିଜକୁ ରକ୍ଷା କରେ। କଚ୍ଛପର ଏଭଳି ବିଚିତ୍ର ଗତିରେ ସାମଞ୍ଜସ୍ୟ ସଂସାରର ଗତି ସହିତ ରହିଛି। "ସମ୍ୟକ୍ ସରତି ଇତି ସଂସାର" ଅର୍ଥାତ୍ ଧୀରେ ଧୀରେ ଗତି କରୁଥିବାରୁ ନାମ ସଂସାର। କଚ୍ଛପ ଗତିର ସବୁଠାରୁ ସ୍ୱତନ୍ତ୍ର ବିଶେଷତ୍ୱ ହେଉଛି ଏହା ଧୀରେ ଚାଲେ କିନ୍ତୁ ପଛେଇ ଚାଲେନା ଅର୍ଥାତ୍ ଅନ୍ୟ ପ୍ରାଣୀଙ୍କ ଭଳି ଏହାର ପଶ୍ଚାତ ଗତି ନାହିଁ। ଅତଏବ କଇଁଛଟିଏ ଏହି ଶିକ୍ଷା ଦିଏ ଯେ ଲକ୍ଷ୍ୟ ପଥରେ ଅଗ୍ରସର ହେବାବେଳେ ପଛଘୁଞ୍ଚା ଦେବା ଉଚିତ ନୁହେଁ।

ପ୍ରକୃତିରେ ଜୈବ ବିବିଧତା ରକ୍ଷା ପାଇଁ କଇଁଛର ଯଥେଷ୍ଟ ଅବଦାନ ରହିଛି। ବିଭିନ୍ନ ବିଷାକ୍ତ ଗଛଲତା ଓ କୀଟ ପତଙ୍ଗଙ୍କୁ ଖାଇଦେଇ ଏହା ପ୍ରାକୃତିକ ଭାରସାମ୍ୟ ରକ୍ଷାକରେ। ମାତ୍ର ପରିତାପର ବିଷୟ ମାଂସାହାରୀ ମନୁଷ୍ୟ ଖାଦ୍ୟ ଲୋଭରେ ଏହାକୁ ମାରି ଖାଇ ଚାଲିଛି ଯାହା ଫଳରେ ଏହାର ସଂଖ୍ୟା କମି କମି ଯାଉଛି। ଏକ ପଣ୍ୟଦ୍ରବ୍ୟ ଭାବେ ହଜାର ହଜାର ସଂଖ୍ୟାରେ କଇଁଛ ରପ୍ତାନି ଆମଦାନୀ କରାଯାଉଛି। ପରିସ୍ଥିତି ଏପରି ଉଦ୍‌ବେଗଜନକ ହେଲାଣି ଯେ ଶେଷରେ ମିଳିତ ଜାତିସଂଘ ଏଥିରେ ହସ୍ତକ୍ଷେପ କରି ଏହାକୁ ଏକ ସଙ୍କଟାପନ୍ନ ଜୀବ (ଏଣ୍ଡେଞ୍ଜର୍ଡ ସ୍ପେସି) ଭାବରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ଜେନେଭାର ପ୍ରଥମ ପରିଶିଷ୍ଟରେ (କ୍ଷୟମାଣ ଜୀବ) ୫।୧୦।୧୯୪୮ରୁ ତାଲିକାଭୁକ୍ତ କରିଛି। ସେହିପରି ଲଣ୍ଡନ ସ୍ଥିତ ସିଆଇଟିଇଏସ୍ ସଂଗଠନ ସମସ୍ତ ସଙ୍କଟାପନ୍ନ ଜୀବଙ୍କର ବିକାକିଣାକୁ ଅନ୍ତର୍ଜାତୀୟ ସ୍ତରରେ ନିଷିଦ୍ଧ କରିଛି। ଭାରତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୯୧ରେ ମଧ ଏହା ପ୍ରଥମ ପରିଚ୍ଛେଦରେ(ସଙ୍କଟାପନ୍ନ ଜୀବ ତାଲିକା) ସ୍ଥାନ ପାଇଛି। ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ଚରାଭୂଇଁ ତଥା ଅଣ୍ଡାଦାନ ସ୍ଥଳୀ ଭାବେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଭିତର କନିକାର ଗହୀରମଥା ଅଞ୍ଚଳ କେବଳ ଏହି ଜାତୀୟ କଇଁଛଙ୍କ ପାଇଁ ସାରା ବିଶ୍ୱରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଛି। ତେଣୁ ପ୍ରତିବର୍ଷ ସେମାନଙ୍କର ଅଣ୍ଡା ଦେବା ଋତୁରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ସମ୍ପୃକ୍ତ ଅଞ୍ଚଳ ଦର୍ଶକଙ୍କ ପାଇଁ ବନ୍ଦ ରହେ। ମହାବିଷ୍ଣୁଙ୍କର ଦ୍ୱିତୀୟ ଅବତାର କଇଁଛ ଭଳି ଏକ ନିରୀହ ଉପକାରୀ ଜୀବକୁ ସୁରକ୍ଷା ପ୍ରଦାନ ନ କଲେ କ୍ରମେ ଏହା ଲୋପ ପାଇଯିବ ଏବଂ ତା'ର କୁପରିଣାମ ଆମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ।

**ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ବାହାରେ କିମ୍ବା ଘରେ ଅଦରକାରୀ ଜିନିଷ ଠୁଳ ହୋଇ ରହିବା ପ୍ରଦୂଷଣର କାରଣ ପାଲଟୁଛି। ପ୍ରଦୂଷଣ ହ୍ରାସ କରିବା ସକାଶେ ରିସାଇକ୍ଲିଂ ପଦ୍ଧତିରେ ଏଗୁଡ଼ିକର ପୁନଃ ବ୍ୟବହାର କରାଯାଉଛି ଏବଂ ଏଥିପାଇଁ ବହୁ ଷ୍ଟାର୍ଟଅପ ସାମ୍ନାକୁ ଆସୁଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ଉପାୟରେ ମଧ ଅନେକେ ପ୍ରୟାସ ଜାରି ରଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେରଳର ଅଞ୍ଜଳି ପାବନ ଅନ୍ୟତମ । ଅଞ୍ଜଳି ଅଦରକାରୀ ଜିନିଷ ବ୍ୟବହାର କରି ଘରେ ଝୁଲନ୍ତା ବଗିଚା କରିଛନ୍ତି। ଏଭଳି ବଗିଚା କରିବା ସକାଶେ ଅନ୍ୟ ଗୃହିଣୀମାନଙ୍କୁ ବି ପ୍ରୋତ୍ସାହିତ କରୁଛନ୍ତି। ବିଶେଷକରି ଅଞ୍ଜଳି ପୁରୁଣା ରଙ୍ଗ କ୍ୟାନ, ଟାୟାର, ଷଡେଇ, ନଡ଼ିଆକତା, ପ୍ଲାଷ୍ଟିକ ବୋତଲ, ପୁରୁଣା ସିଲେଇ ମେଶିନ ଓ ଡ୍ରମ୍ ବ୍ୟବହାର କରିଛନ୍ତି। ବଡ଼ କଥା ହେଉଛି ସେ ଜାପାନର ବଗିଚା ପଦ୍ଧତି (କୋକେଡାମ) ଅନୁସାରେ ଏହି ବଗିଚା କରିଛନ୍ତି, ଯେଉଁଥିରେ ଗଛଗୁଡ଼ିକୁ ନଡ଼ିଆକତା ଓ ମାଟିରେ ଲଗାଯାଇ ଝୁଲାଇ ଦିଆଯାଉଛି। ଅଞ୍ଜଳି ଓ ତାଙ୍କ ମା'ଙ୍କ ଦ୍ୱାରା କରାଯାଇଥିବା ଏହି ବଗିଚା ପରିବେଶ ଅନୁକୂଳ ହେବା ସହ ଖର୍ଚ୍ଚ କମ୍ କରିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୮ ଡିସେମ୍ବର ୧୯୭୬

- ଜାତୀୟତା ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବେଆଇନ ଘୋଷଣା କରାଯାଇଥିବା ନେପାଳ କଂଗ୍ରେସର ୧୨ ଜଣ ସଭ୍ୟଙ୍କୁ ନେପାଳର ରାଜା ବୀରେନ୍ଦ୍ର ରାଜକ୍ଷମା ଦେଇଛନ୍ତି।
- ପାକିସ୍ତାନର ବେଲୁଚିସ୍ଥାନ ଆସେମ୍ବ୍ଲିର ବାଚସ୍ପତି ମହମ୍ମଦ ଖାଁ ବାରୁଜାୟୀ ଉକ୍ତ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଘୋଷିତ।
- ଦକ୍ଷିଣ ଆଫ୍ରିକାର ନାୟାଙ୍ଗା ସହରରେ ଲାଗିଥିବା ଗଣ୍ଡଗୋଳ ଉପରକୁ ପୋଲିସ ଗୁଳିଚାଳନା କରିବା ଫଳରେ ୧୨ ନିହତ।

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ ! ମୋତେ ବଡ଼ ନିର୍ଦ୍ଦୟ ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | 2 | 4 | | | |
| | | | | | | | 8 | |
| | 2 | | 6 | | | | | |
| 1 | | | | | | | 7 | |
| | | | 5 | 3 | | | | |
| | 5 | 7 | | | 8 | 2 | | 6 |
| | | | | 5 | | 1 | | |
| | 3 | 2 | | | | | | |
| 4 | | | | 9 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 4 | 7 | 9 | 8 | 2 | 3 |
| 9 | 4 | 2 | 5 | 3 | 8 | 7 | 6 | 1 |
| 7 | 8 | 3 | 2 | 6 | 1 | 5 | 9 | 4 |
| 3 | 5 | 8 | 1 | 2 | 6 | 9 | 4 | 7 |
| 6 | 7 | 9 | 8 | 5 | 4 | 3 | 1 | 2 |
| 4 | 2 | 1 | 7 | 9 | 3 | 6 | 5 | 8 |
| 1 | 6 | 4 | 9 | 8 | 7 | 2 | 3 | 5 |
| 2 | 9 | 7 | 3 | 1 | 5 | 4 | 8 | 6 |
| 8 | 3 | 5 | 6 | 4 | 2 | 1 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଭୁଙ୍କ ଫଟୋର ଅପବ୍ୟବହାର

ମହାଶୟ,

ପ୍ରଭୁ ଜଗନ୍ନାଥ ହେଉଛନ୍ତି ଆଧ୍ୟାତ୍ମିକ ପବିତ୍ରତାର ପ୍ରତୀକ। କିନ୍ତୁ ଆଜିକାଲି ବ୍ୟତିକ୍ରମ ହେଉଛି ପ୍ରଭୁଙ୍କ ଫଟୋ ଘର ବାହାର କାନ୍ଥ, ପାଚେରି, ସାର୍ବଜନୀନ ରାସ୍ତା କଡ଼ରେ ଚିତ୍ରିତ କରୁଛନ୍ତି। ଆହୁରି ମଧ ଡ୍ରେସ, ବ୍ୟାଗଗୁଡ଼ିକରେ ପ୍ରତିମା ମାନ ଚିତ୍ରିତ ହେଉଛି। ବ୍ୟାଗଟି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଆଦି ସ୍ଥାନରେ ରଖିବାକୁ ପଡୁଥାଇ ପାରେ। ଆମେମାନେ ମାନୁଛୁ ଯେ ଲୋକମାନେ ନିଶ୍ଚିତ ଆଶୀର୍ବାଦ ପାଇବା ଉଦ୍ଦେଶ୍ୟ ରଖି ଏଇ ସବୁ କରିଥାନ୍ତି। କିନ୍ତୁ ପ୍ରାୟତଃ ଏସବୁ ସ୍ଥାନ ମଇଳା ରହିଥାଏ, ଯାହା କି ପ୍ରତିମାର ପବିତ୍ରତାକୁ ହ୍ରାସ କରିପାରେ। ଦୟାକରି ଯେଉଁ ନିର୍ମାତା ଏସବୁ ସାମଗ୍ରୀ ତିଆରି କରୁଛନ୍ତି ସେମାନେ ପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ପ୍ରତୀକକୁ କେଉଁଠି ରଖିବାକୁ ହୁଏ ସେ ବିଷୟରେ ସଚେତନ ହୁଅନ୍ତୁ। ଯେଉଁମାନେ ବିଭିନ୍ନ ଉତ୍ପାଦରେ ଜଗନ୍ନାଥଙ୍କ ଫଟୋ ବ୍ୟବହାର କରୁଛନ୍ତି ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଉ। ସରକାର ଏଥି ପ୍ରତି ଧ୍ୟାନ ଦିଅନ୍ତୁ।

**-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ଅର୍ଥ ହରିଲୁଟ୍

## ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ

- ୨୩ କଲେଜର ଖର୍ଚ୍ଚ ବାବଦକୁ ୮.୧୮ କୋଟି ୟୁସି ଦାଖଲ
- ବାସ୍ତବତା କାର୍ଯ୍ୟ ଆଶାନୁରୂପ ହୋଇନାହିଁ

**ଯାଜପୁର,୭।୧୨(ହର୍ଷବର୍ଦ୍ଧନ ବେହେରା)**


ବ୍ୟାସନଗର କଲେଜ ଖେଳପଡ଼ିଆ ।

ଶିକ୍ଷାର ମାନ ବୃଦ୍ଧି କରିବା ସହିତ କଲେଜ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ରାଜ୍ୟ ସରକାର ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା କରିଛନ୍ତି। ଏଥିରେ ଇ-ଲାଇବ୍ରେରି, ସାଇନ୍ସ ଲାବରେଟୋରି, କମ୍ପ୍ୟୁଟର ଶିକ୍ଷା ଇତ୍ୟାଦିକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୩ଟି କଲେଜର ବିକାଶ ପାଇଁ ୨୦୨୩-୨୪ ବର୍ଷରେ ୧୫ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ଅଧିକାଂଶ କଲେଜରେ ବ୍ୟୟ ଅଟକଳ ଅନୁସାରେ ଆବଶ୍ୟକ ନିର୍ମାଣ କିମ୍ବା ବୈଷୟିକ ସାମଗ୍ରୀ ଯୋଗାଇ ଦିଆ ନ ଯାଇ ୮ କୋଟି ୧୮ ଲକ୍ଷ ୫ ହଜାର ୭୫୩ ଟଙ୍କାର ବିନିଯୋଗ ପତ୍ର(ୟୁସି) ୩୦।୧୧।୨୦୨୫ ସୁଦ୍ଧା ଦାଖଲ ହୋଇସାରିଛି। ଏଭଳି ଭାବେ ବହୁ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ଏଠାରେ ଯାଜପୁରରୋଡ଼ସ୍ଥିତ ବ୍ୟାସନଗର ଯୁକ୍ତ୨ ଏବଂ ଡିଗ୍ରୀ କଲେଜକୁ ଉଦାହରଣ ଭାବେ ନିଆଯାଇପାରେ। ଏହି କଲେଜ ଗୃହର କାନ୍ଥରେ କିଛି ଅଂଶ ପ୍ଲାଏ ଓ ଫ୍ଲୋରିଂ ନିର୍ମାଣ କରି ମଞ୍ଜୁର ୧ କୋଟି ୯୮ ଲକ୍ଷ ଟଙ୍କା ମଧ୍ୟରୁ ୧ କୋଟି ୭ ଲକ୍ଷ ୮୨ ହଜାର ୯୧୩ ଟଙ୍କାର ୟୁସି ଦାଖଲ ହୋଇସାରିଛି। ବାସ୍ତବ ନିର୍ମାଣକୁ ଅବଲୋକନ କଲେ ୧୦ ଲକ୍ଷ ଟଙ୍କା ବି ଖର୍ଚ୍ଚ ହୋଇ ନ ଥିବା କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ବାକି କଲେଜଗୁଡ଼ିକରେ ବି ହୋଇଥିବା କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବତା ଲୋକଲୋଚନକୁ ଆସିପାରନ୍ତା ବୋଲି ଛାତ୍ରୀଛାତ୍ର ମହଲରେ ମତପ୍ରକାଶ ପାଇଛି।

ରାଜ୍ୟରେ ୧୯୯୭-୯୮ ର ସ୍ୱତନ୍ତ୍ର ସମସ୍ୟା ପାଣ୍ଠି (ଏସ୍‌ପିଏଫ୍) ଯୋଜନା ପ୍ରଚଳନ କରାଯାଇଥିଲା। ୨୦୨୩-୨୪ରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ହେଲା। ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଅତ୍ୟାବଶ୍ୟକ ପ୍ରକଳ୍ପ ହାତକୁ ନେବା, ଲୋକଙ୍କ ଭାବନାକୁ ଧ୍ୟାନରେ ରଖି ଉପଯୋଗୀ ସାମୁଦାୟିକ ସମ୍ପତ୍ତି ସୃଷ୍ଟି କରିବା, ଭିତ୍ତିଭୂମିର ବିକାଶ ପୂରଣ କରିବା, ପ୍ରାଚୀନ ସ୍ମାରକୀଗୁଡ଼ିକର ସଂରକ୍ଷଣ ଏବଂ ନବୀକରଣ, ସମସ୍ତ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସାର୍ବଜନୀନ ଧାର୍ମିକ ଅନୁଷ୍ଠାନଗୁଡ଼ିକର ମରାମତି, ନବୀକରଣ ଏବଂ ସୁରକ୍ଷା, ଇ-ଲାଇବ୍ରେରି, ଆଇଟି ଲ୍ୟାବ, ବିଜ୍ଞାନ ଲ୍ୟାବ ଏବଂ ସ୍ମାର୍ଟ କ୍ଲାସରୁମ୍ ଇତ୍ୟାଦି ସୁବିଧା ସହିତ ଶିକ୍ଷାନୁଷ୍ଠାନଗୁଡ଼ିକର ପରିବର୍ତ୍ତନ ଏବଂ ଏୟାର କଣ୍ଡିସନର ବ୍ୟବସ୍ଥା, ସମ୍ପ୍ରଦାୟ ହଲ୍, ସାର୍ବଜନୀନ ରାସ୍ତା, ଛୋଟ ପୋଲ/କଲଭର୍ଟ/ବନ୍ଧ ଇତ୍ୟାଦି ନିର୍ମାଣ, ପାର୍କ, ପୋଖରୀ, ପାଠାଗାର, ଭାଗବତ ମଣ୍ଡପ, ପ୍ରାର୍ଥନା ଗୃହ ଇତ୍ୟାଦି ସାର୍ବଜନୀନ ଉପଯୋଗିତାଗୁଡ଼ିକର ନବୀକରଣ ଏହି ଯୋଜନାର ଲକ୍ଷ୍ୟ ରହିଛି। ଏହିକ୍ରମରେ ବରୀ ସନ୍ଥନ ଯୁକ୍ତ୨ କଲେଜ, ବ୍ୟାସନଗର ଡିଗ୍ରୀ କଲେଜ, ବିଞ୍ଝାରପୁର ଖରସ୍ରୋତା ଓ ବରୁଣେଶ୍ୱର, ବରୀ ଅଙ୍ଗାଳୋ ଲଛମନ ବାଲାଜୀଉ ଡିଗ୍ରୀ କଲେଜ, ବରୀ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜ, ରାଜାତୋଟା କାଦମ୍ବିନୀ ମହିଳା ଡିଗ୍ରୀ କଲେଜ, କାଇପଡ଼ା କାଶୀନାଥ ଡିଗ୍ରୀ କଲେଜ, ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜ, ଚନ୍ଦ୍ରଶେଖରପୁର ପ୍ରଭାକର ସଂସ୍କୃତ କଲେଜ, ଅଙ୍ଗାଳୋ ଲଛମନ ବାଲାଜୀଉ ଯୁକ୍ତ୨ କଲେଜ, କମ୍ପାଗଡ଼ ସାବିତ୍ରୀ ଦେବୀ ସଂସ୍କୃତ ଯୁକ୍ତ୨ ଓ ଡିଗ୍ରୀ କଲେଜ, ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଯୁକ୍ତ୨ କଲେଜ, ବିଞ୍ଝାରପୁର ବରୁଣେଶ୍ୱର କଲେଜ ଓ ଖରସ୍ରୋତା କଲେଜ, ଚିତାଲୋ ଯୁକ୍ତ୨ କଲେଜ, ରାଜାତୋଟା କାଦମ୍ବିନୀ ଯୁକ୍ତ୨, କାଇପଡ଼ା କାଶୀନାଥ ଯୁକ୍ତ୨ କଲେଜ, ଅଭିମନ୍ୟୁ ସାମନ୍ତସିଂହାର ଯୁକ୍ତ୨ କଲେଜ ଆଦିର ଅତିରିକ୍ତ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ସାଇନ୍ସ ଲାବରେଟୋରି, ଶୌଚାଳୟ, ପାନୀୟ ଜଳ ସୁବିଧା, ଖେଳପଡ଼ିଆ ଇତ୍ୟାଦିର ଉନ୍ନତୀକରଣ ପାଇଁ ପାଣ୍ଠି ମଞ୍ଜୁର ହୋଇଥିଲା। ହେଲେ ଯୋଜନା ଅନୁଯାୟୀ ଏଯାଏ ସମସ୍ତ କାର୍ଯ୍ୟ ଆଦୌ ହୋଇ ନ ଥିବାବେଳେ ୮.୧୮ କୋଟି ଟଙ୍କାର ୟୁସି ଦାଖଲ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟାସନଗର କଲେଜଦ୍ୱୟରେ ୨୦୨୪ରେ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ୨୦ଟି କମ୍ପ୍ୟୁଟର ଏବଂ ଆଇଟି ପୁନରୁଦ୍ଧାର କାର୍ଯ୍ୟରେ ୧୨ଟି କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକୁ ଦେଖାଇ ଅର୍ଥ ଆତ୍ମସାତ୍ ହୋଇଥିବା କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ମହଲରେ ସନ୍ଦେହ କରାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିଙ୍କ ମତାମତ ନେବାକୁ ଶନିବାର ତାଙ୍କ ମୋବାଇଲ ଫୋନ୍‌କୁ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

# ଦୁର୍ଘଟଣାରେ ଯାତ୍ରା ହାସ୍ୟ ଅଭିନେତା ଗୁରୁ ପୃଷ୍ଟିଙ୍କ ମୃତ୍ୟୁ

**ଭଦ୍ରକ,୭।୧୨(ସନାତନ ରାଉତ):**



ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର ଛକଠାରେ ରବିବାର ରାତି ୯ଟା ବେଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାତ୍ରା 'ଇନ୍ଦ୍ରଭୁବନ'ର ହାସ୍ୟ ଅଭିନେତା ଗୁରୁ ପୃଷ୍ଟି(୩୦)। ସୂଚନା ଅନୁଯାୟୀ, ଧାମନଗର ବ୍ଲକ୍‌ର ଷେଣ୍ଡପୁରଠାରେ ଯାତ୍ରା ଇନ୍ଦ୍ରଭୁବନର କ୍ୟାମ୍ପ ପଡ଼ିଛି। ସେଠାରେ ଯାତ୍ରା କରିବା ପାଇଁ ଗୁରୁ ଭଦ୍ରକରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ବାଇକ୍‌ରେ ଯାଉଥିବାବେଳେ ଚିଙ୍ଗୁଡ଼ିପୁର ଛକଠାରେ ଦୁର୍ଘଟଣା ଘଟିଥିଲା। ଏକ ଟ୍ରକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅନ୍ୟ କଳାକାରମାନେ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଚଣ୍ଡିଖୋଲ କୋର୍ଟର ପ୍ରତିଷ୍ଠା ଦିବସ


ଚଣ୍ଡିଖୋଲ କୋର୍ଟ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ବିଚାରପତି ଓ ଆଇନଜୀବୀ।

**ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ କୋର୍ଟର ୧୯ତମ ପ୍ରତିଷ୍ଠା ଦିବସ ଶନିବାର କୋର୍ଟ ପରିସରରେ ପାଳିତ ହୋଇଯାଇଛି। କୋର୍ଟ ବାର ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଯୋଗଦେଇ ଆଇନଜୀବୀ ମିଳିତ ଭାବେ କାର୍ଯ୍ୟକଲେ ସବୁ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଯୋଗଦେଇ ଆଇନଜୀବୀ ଓ ବିଚାରପତି ଗୋଟିଏ ପରିବାର ସଦୃଶ। ତେଣୁ ସମସ୍ତେ ମିଳିମିଶି କାର୍ଯ୍ୟ କଲେ ସମସ୍ୟା ସମାଧାନ ଶୀଘ୍ର ହେବ ବୋଲି କହିଥିଲେ। ବାର୍ ଆସୋସିଏଶନ ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ପ୍ରକାଶ ଦାଶ ପ୍ରାରମ୍ଭିକ ସୂଚନା ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବାର ଆସୋସିଏଶନର ପୂର୍ବତନ ସଭାପତି ପ୍ରତାପ ଦାସ, ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପୂର୍ବତନ ଉପସଭାପତି ନଳିନୀକାନ୍ତ ମିଶ୍ର, ପ୍ରେମାନନ୍ଦ ବେହେରା, ନିରଞ୍ଜନ ସାମଲ, ଶ୍ରୀକାନ୍ତ ବଳ, ପୂର୍ବତନ ଯୁଗ୍ମ ସମ୍ପାଦକ ପବିତ୍ର କର, ସୁଦର୍ଶନ ଘଡ଼େଇ, କିଶୋର ନାୟକ, ଜ୍ୟୋତି ମହାପାତ୍ର, ସୁବ୍ରତ ସ୍ୱାଇଁ ଓ କୈଳାସ ଚନ୍ଦ୍ର ସାମଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଶିରିଷ ସାମଲ ଧନ୍ୟବାଦ ଦେଇଥିଲେ।

# ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଳିଙ୍ଗନଗର,୭।୧୨(ଶୁଭାଶିଷ ରାଉତ):**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମରେ ମା'ମହାଲକ୍ଷ୍ମୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରୀ ପଣ୍ଡିତ ନିରାକର ପଣ୍ଡା, ସନ୍ତୋଷ ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର କର, ଦୀପକ ମିଶ୍ର ଓ ସୁବ୍ରତ ଶତପଥୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶେଷଦିନରେ ମା'ଙ୍କ ଚଳନ୍ତି ପ୍ରତିମାକୁ ନଗର ପରିକ୍ରମା କରାଯାଇଥିଲା। ପରେ ମା'ଙ୍କ ନବଯୌବନ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ଦର୍ଶନ ପାଇଁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, କଂଗ୍ରେସ ନେତା ବିଭୂ ଭୁଷଣ ରାଉତ, କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଟମକା ଥାନା ଅଧିକାରୀ ପ୍ରମୋଦିନୀ ସାହୁ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ, ସାମାଜିକ କର୍ମୀ ରତିକାନ୍ତ ବରାଳ, ବଜରଙ୍ଗ ଟ୍ରକ ଓ ଟିପ୍ପର ଆସୋସିଏଶନ ସଭାପତି ଦୀପକ ଜେନା, ପ୍ରସନ୍ନ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନାରେ ସାମିଲ ହେବା ସହ ଆଶିଷ ଭିକ୍ଷା କରିଥିଲେ। କର୍ତ୍ତାଭାବେ ପ୍ରଶାନ୍ତ ଦାସ ଓ ନିତ୍ୟାନନ୍ଦ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ତରଫରୁ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଖବରଦାତା ଓ ବହୁବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ବରିଷ୍ଠ ବ୍ୟକ୍ତି ବସନ୍ତ ଦାସ, କୈଳାଶ ଚନ୍ଦ୍ର ମିଶ୍ର, ଅଜିତ ଦାଶ, ଫକୀର ଚରଣ ଦାସ, ବଳରାମ ଦାଶ, ଅଧର ମିଶ୍ର, ଅଜିତ ଦାଶ, ଶ୍ରୀକାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଅବିନାଶ ମିଶ୍ର, ଅମିତ ଦାସ, ସିଦ୍ଧାର୍ଥ ଶଙ୍କର ଦାସ, ଘନଶ୍ୟାମ ସାହୁ, ବିଜୟ ସାହୁ, ଲାଲ ମୋହନ ମହାନ୍ତ, କେଶବ ମହାନ୍ତ ଓ ବଙ୍ଗାଳି ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ମା'ମହାଲକ୍ଷ୍ମୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ

## ୩୨ ବିଦ୍ୟାଳୟରୁ ୨୫୫ ପ୍ରତିଯୋଗୀଙ୍କ ଅଂଶଗ୍ରହଣ


ଶିଶୁ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ରସୁଲପୁର,୭।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତର କୋଳଥଳ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ରସୁଲପୁର ବ୍ଲକ ଶାଖା ପକ୍ଷରୁ ଶିଶୁ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଞ୍ଚଳର ୩୨ ବିଦ୍ୟାଳୟରୁ ୨୫୫ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଂଘ ବ୍ଲକ ସଭାପତି କୁଶମଣି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟା ସଂଘ ସଭାପତି ସୁନନ୍ଦ ରାଉତ, ସମ୍ମାନିତ ଅତିଥି ଭାବରେ ରାଜ୍ୟ ଓଷ୍ଟା ସଂଘ ସମ୍ପାଦକ ନିର୍ମଳ ଜେନା, ରାଜ୍ୟ ସଂଘ କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ବେହେରା, କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ପରିଡ଼ା, ସଂଘ ଉପସଭାପତି ଚିତ୍ତରଞ୍ଜନ ଦାଶ, ଯୁଗ୍ମ ସମ୍ପାଦକ ସୁବ୍ରତ କର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବକୁ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ସଂଘ ସମ୍ପାଦକ ପ୍ରଭାତ ଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ଦକ୍ଷତାକୁ ସଂଘ ପକ୍ଷରୁ ୨୦ ଶିକ୍ଷୟିତ୍ରୀ ଶିକ୍ଷକ ମୂଲ୍ୟାୟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଓଷ୍ଟାର ସଭାପତି ବିକ୍ରମ ଦାସ, ସମ୍ମାନିତ ଅତିଥି ଭାବେ ଜିଲା ଓଷ୍ଟା ସମ୍ପାଦକ ପବିତ୍ର ପଣ୍ଡା, ପୂର୍ବତନ ସମ୍ପାଦକ ଅମୂଲ୍ୟ ଦାସ, ବରୀ ବ୍ଲକ ଶିକ୍ଷକ ନେତା ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଗୌରାଙ୍ଗ ମଲ୍ଲିକ। ଏହି ଥାନା ଅନ୍ତର୍ଗତ ବରଦା(ଧମନଦି) ଗ୍ରାମର ପଦ୍ମନାଭ ମଲ୍ଲିକ ଓ ଗୌରାଙ୍ଗ ମଲ୍ଲିକଙ୍କ ମଧ୍ୟରେ ଟଙ୍କା ଦେବାନେବାକୁ କେନ୍ଦ୍ରକରି ଶୁକ୍ରବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୌରାଙ୍ଗ ପଦ୍ମନାଭଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ପଦ୍ମନାଭଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପଦ୍ମନାଭ ଚିକିତ୍ସିତ ହୋଇ ଆସିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୩୭୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ସମ୍ବିତ ବେହେରା ଅଭିଯୋଗର ତଦନ୍ତ କରୁଛନ୍ତି।

# ବାଗ୍‌ଦେବୀ ଭ୍ରାମ୍ୟମାଣ ପାଠାଗାରର ପୁସ୍ତକ ପଠନ କାର୍ଯ୍ୟକ୍ରମ

**ଧର୍ମଶାଳା,୭।୧୨(ବଟକୃଷ୍ଣ ପରିଡ଼ା):**

ବାଗ୍‌ଦେବୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ୪୪ତମ ପୁସ୍ତକ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ୍ ତରଞ୍ଜିଆ ପଞ୍ଚାୟତ ପୋବଳ ତରଞ୍ଜିଆସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ରବିନାରାୟଣ ସାହୁ ଯୋଗ ଦେଇଥିଲେ। ପୁସ୍ତକରେ ମାନବକୁ ମହାମାନବରେ ପରିବର୍ତ୍ତନ କରିବାର କ୍ଷମତା ରଖିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହିତ ଛାତ୍ରୀଛାତ୍ର ପୁସ୍ତକମନସ୍କ ହେବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାରାୟଣ ତ୍ରିପାଠୀ ଯୋଗଦେଇ କେତେକ କାଳଜୟୀ ପୁସ୍ତକର ଉଦାହରଣ ଦେଇ ସେସବୁ ପୁସ୍ତକ ସମଗ୍ର ବିଶ୍ୱରେ କିପରି ଆଲୋଡ଼ନ ସୃଷ୍ଟି କରିଥିଲା ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିରୋଜ ମହାନ୍ତି, ସେଖ୍ ରଜାକ୍, ଶିକ୍ଷୟିତ୍ରୀ ଶିଶିଲିଆ ପ୍ରଧାନ, ଆଶାଲତା ନାୟକ ଯୋଗଦେଇ ପୁସ୍ତକ ପଢ଼ି ନିଜକୁ ସମାଜରେ ପ୍ରତିଷ୍ଠିତ କରିଥିବା ପ୍ରତିଭାବାନ୍ ବ୍ୟକ୍ତି ସମୂହଙ୍କ ବିଷୟରେ ଆଲୋଚନା କରିଥିଲେ। ପାଠାଗାର ପ୍ରତିଷ୍ଠାତା ଅଧ୍ୟାପକ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରୀଛାତ୍ର ଜ୍ୟୋତି ପ୍ରକାଶ ବଳ, ଅନ୍ୱେଶୀ ସାହୁ ଓ ସୁମନ୍ତ କୁମାର ବଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ଫରେଷ୍ଟରଙ୍କୁ ହତ୍ୟା ଉଦ୍ୟମ ମାମଲାରେ ୨ ଗିରଫ

**କଳିଙ୍ଗନଗର,୭।୧୨(ଶୁଭାଶିଷ ରାଉତ):**

ଯାଜପୁର ଜିଲା ଟମକା ବନାଞ୍ଚଳର ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ କାର ଚଢ଼ାଇ ହତ୍ୟା ଉଦ୍ୟମ ମାମଲାରେ କଳିଙ୍ଗନଗର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିତିରି ଗ୍ରାମର ଜଗବନ୍ଧୁ ଜେନା ଓ ଚିତ୍ତରଞ୍ଜନ ନାୟକ। ଏଥିସହିତ ସେମାନଙ୍କ ନିକଟରୁ ପୋଲିସ ଏକ କାର ଓଆର୦୭ଏମ୨୭୯୭ ଏବଂ ଓଡି୦୪ଟି୦୧୯୦କୁ ଜବତ କରିଛି। ଫରେଷ୍ଟର ମୁଣ୍ଡା ତାଙ୍କ ବାଇକ୍ ଓଡି୦୪ଏସ୯୪୬୧ରେ ଗୁରୁବାର ରାତି ପ୍ରାୟ ୯ଟା୧୫ରେ ଟମକାରୁ ଢୁବୁରି ଯାଉଥିଲେ। ଦୁର୍ଗାପୁର ହମ୍ପସ ପାଖରେ ଏକ କାର ତାଙ୍କ ଆଗକୁ ମାଡ଼ିଆସି ଧକ୍କା ଦେବାକୁ ଉଦ୍ୟମ କରିଥିଲା। ସେ ବାଇକକୁ ରାସ୍ତା କଡ଼କୁ ନେଇଯିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ବୋଲି ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୪୯/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹4.06 କୋଟି ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସୀୟ କଲୋନୀରେ ଏକୀକୃତ ସୁବିଧା ପରିଚାଳନା ସେବା (ଆଇଏଫଏମଏସ୍) ପ୍ରଦାନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 12, 2026 ଅପରାହ୍ନ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**DIRECTORATE OF AVIATION**
**GOVERNMENT OF ODISHA**
**NOTICE**

**File No. TRN-AV-GEN0083-2024-15142/T** **Date: 05.12.2025**

No. J-04: The Directorate of Aviation recruitment notice published vide Recruitment Notice No. OIPR-38001/11/0029/2526 on 09.05.2025 with respect to recruitment of Director of Aviation, Deputy Director-Operation and Protocol, Assistant Director-Business Development & Flight Operation and Senior Executive - MIS is hereby cancelled. It is further clarified that the recruitment for the posts of Accountable Executive, Terminal Manager and Safety Manager as advertised in the same notice, shall remain unaffected and will not be cancelled.

All applications submitted for the post of Director of Aviation, Deputy Director-Operation and Protocol, Assistant Director - Business Development & Flight Operation and Senior Executive - MIS as per recruitment Notice No. OIPR-38001/11/0029/2526 shall not be considered.

* Candidates are advised to visit the official website of the Commerce & Transport Department **(https://ct.odisha.gov.in/)** for detailed information regarding any future vacancies. Any queries may be submitted through the email address provided below.

**ADDRESS:**
**Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, PIN - 751020, E-mail: orissa_aviation@yahoo.com, transcivilaviation@gmail.com.**

**Sd./- Officer on Special Duty**
**OIPR-38001/11/0047/2526** **Directorate of Aviation, Bhubaneswar**

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଭଦ୍ରକ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡା / **ସହ-ଋଣଗ୍ରହୀତା: ନିରୁପମା ପଣ୍ଡା,** ସ୍ୱାମୀ: ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ବାରିକପୁର, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ,** ପିତା: କୈଳାସ କୁମାର ପ୍ରଧାନ, ସା: ସାମରାଏପୁର, ପୋ: ଗେଲପୁର, ଜିଲ୍ଲା: ଭଦ୍ରକ | ଟ.୧୭,୪୪,୨୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୦୫.୧୨.୨୦୨୫ | **ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୭/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |

**ସ୍ଥାନ: କଟକ, ତାରିଖ : ୦୬.୧୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

**୯୦ ୟୁନିଟ ରକ୍ତ ସଂଗୃହୀତ**

କୁଜଙ୍ଗ,(ମନୋଜ ପ୍ରଧାନ): କୁଜଙ୍ଗ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ସନ୍ତରାପ୍ରିତ ଶିରିଡ଼ି ସାଇ ମନ୍ଦିର ପରିସରରେ ସାଇ ପରିବାର ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ ଦଳାଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅତିଥିଭାବେ ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳ, ଭାଜପା ଜିଲ୍ଲା ସମ୍ପାଦକ ତପନ କୁମାର ତ୍ରିପାଠୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନା ସମିତି ସଦସ୍ୟ ସଞ୍ଜୟ ସାମନ୍ତରାୟ, ସୁବ୍ରତ ଶେଖର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ତାଳଦଣ୍ଡା କେନାଲ

କୁଜଙ୍ଗ, ୭।୧୨ (ମନୋଜ ପ୍ରଧାନ)

- ନିର୍ଭରଶୀଳ ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି
- ବଜାରଗୁଡ଼ିକର ଆବର୍ଜନା ପକାଯାଉଛି
- ଶଯ୍ୟା ପୋତି ହୋଇ ପ୍ରସ୍ଥ ୧୫ ମିଟରରୁ କମ୍ ହୋଇଗଲାଣି


ଲୋକଙ୍କ ଜୀବନ ଧାରଣକୁ ଆଧାର କରି ବ୍ରିଟିଶ ସରକାର ସମୟରେ ଖୋଳାଯାଇଥିବା ତାଳଦଣ୍ଡା କେନାଲ ଏବେ ତାର ସୌନ୍ଦର୍ଯ୍ୟ ହରାଇବା ସହ ଆଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଇଛି। ଏଠାରେ ପ୍ରବାହିତ ଜଳ ବିଷାକ୍ତ ହେବାରେ ଲାଗିଛି। ଉକ୍ତ କେନାଲ ପାଣି ଉପରେ ନିର୍ଭର କରୁଥିବା ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନିକ ଉଦାସୀନତାକୁ କାରଣରୁ କେନାଲ ଅବସ୍ଥା ଏପରି ହୋଇଥିବା କୁହାଯାଉଛି।

୧୮୬୨ରେ ତାଳଦଣ୍ଡା କେନାଲର ପରିକଳ୍ପନା କରି କଟକର ଯୋବ୍ରା ଠାରୁ କୁଜଙ୍ଗର ଚଉମୁହାଣି ପର୍ଯ୍ୟନ୍ତ ବ୍ରିଟିଶ ସରକାର ବା ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶାର ଦୀର୍ଘତମ କେନାଲ ଖୋଳିଥିଲେ। ଉକ୍ତ କେନାଲ ଖୋଳା କାର୍ଯ୍ୟ ୧୮୬୯ରେ ଶେଷ ହୋଇଥିଲା। ପରବର୍ତ୍ତୀ ସମୟରେ ପାରାଦୀପ ବନ୍ଦର ନିର୍ମାଣ ହେବାରୁ ବନ୍ଦର ନଗରୀ ଅନ୍ତେବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ସମ୍ପ୍ରସାରଣ କରାଯାଇଥିଲା। ଏହାର ଦୈର୍ଘ୍ୟ ୮୫ କିଲୋମିଟର ହେବ। ଏଠାରେ ନୌ ପରିବହନ ସହ ଅବିଭକ୍ତ କଟକ ଜିଲ୍ଲା ବା ବର୍ତ୍ତମାନର କଟକ ଓ ଜଗତ୍‌ସିଂହପୁର ଜିଲ୍ଲାର କୃଷି କ୍ଷେତ୍ରକୁ ଜଳ ସେଚିତ କରିବା ଓ ପାନୀୟ ଜଳ ଯୋଗାଇଦେବା କେନାଲ ଖୋଳାଯିବାର ମୁଖ୍ୟ ଉଦ୍ଦେଶ୍ୟଥିଲା। ଏହି କେନାଲ ଜଳକୁ ଜଗତ୍‌ସିଂହପୁର ଓ କଟକ ଜିଲ୍ଲାର ଲକ୍ଷାଧିକ ଲୋକ ଗାଧୁଆ ଓ ପାନୀୟ ଜଳ ରୂପେ ବ୍ୟବହାର କରନ୍ତି। ଉକ୍ତ କେନାଲ ଶଯ୍ୟାର ପ୍ରସ୍ଥ ପାଖା ପାଖି ୨୦ ମିଟର ହୋଇଥିବା ବେଳେ, ଅତୀତରେ ବଡ ନୌକା ସହାୟତାରେ ମାଲ ପରିବହନ ହେଉଥିଲା। ଅତୀତରେ କଟକରୁ ଡଙ୍ଗା ସାହାଯ୍ୟରେ ବିଭିନ୍ନ ସାମଗ୍ରୀ ଆସି କୁଜଙ୍ଗ ବଜାରରେ ବିକ୍ରି ହେଉଥିଲା। ଖାଲି ସେତିକି ନୁହେଁ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ଓ ମାର୍ଶାଘାଇ ବ୍ଲକ ର ବ୍ୟବସାୟୀ ମାନେ ଡଙ୍ଗା ସାହାଯ୍ୟରେ କୁଜଙ୍ଗ ରୁ ବିଭିନ୍ନ ସାମଗ୍ରୀ ନେଇ ସେମାନେ ସେମାନଙ୍କ ଅଞ୍ଚଳ ରେ ବିକ୍ରି କରୁଥିଲେ।

ମାତ୍ର ଏବେ କଟକରୁ ପାରାଦୀପ ପର୍ଯ୍ୟନ୍ତ କେନାଲ କୂଳରେ ଗଢି ଉଠିଥିବା ବଜାରମାନଙ୍କର ଆବର୍ଜନା ଏଠାରେ ପକାଯାଉଛି। ହୋଟେଲମାନଙ୍କର ଆବର୍ଜନା ଓ କୁକୁଡ଼ା, ଛେଳିଙ୍କ ପରିତ୍ୟକ୍ତ ଅଂଶ ପଡ଼ି କେନାଲ ପାଣି ପ୍ରଦୂଷଣ ହେଉଛି। ଫଳରେ ଏହା ଏବେ ଆବର୍ଜନା କୁଣ୍ଡ ପାଲଟିଛି। କୁଜଙ୍ଗ ବଜାର ଅଞ୍ଚଳଦେଇ ଯାଇଥିବା ପ୍ରାୟ ଅଧ କିଲୋମିଟର କେନାଲ ଶଯ୍ୟା ସମ୍ପୂର୍ଣ୍ଣ ଆଳିଆ ଆବର୍ଜନାରେ ପୋତି ହୋଇଯାଇଥିବା ବେଳେ ପଚାଶଢ଼ା ଦ୍ରବ୍ୟପଡ଼ି ପାଣିକୁ ବିଷାକ୍ତ କରିଦେଉଛି। ଏହାଛଡ଼ା କୁଜଙ୍ଗର କୃଷି ଫାର୍ମ ନିକଟସ୍ଥ ମହାନଦୀ କୂଳରେ ଡମ୍ପି ୟାର୍ଡ ଥିବା ବେଳେ ବ୍ୟବସାୟୀମାନେ ସେଠାରେ ଆବର୍ଜନା ନ ପକାଇ କେନାଲରେ ପକାଉଛନ୍ତି। କେନାଲ ବନ୍ଧକୁ କେତେକଣ ବ୍ୟକ୍ତି ଜବରଦଖଲ କରି ସର୍ଭିସିଂ ସେଣ୍ଟର ଖୋଲି ଗାଡ଼ି ଧୋଉଛନ୍ତି। ଗାଡ଼ିର ତେଲ, ମୋବିଲ ଓ ଅନ୍ୟାନ୍ୟ ଆବର୍ଜନା କେନାଲ ପାଣିକୁ ବିଷାକ୍ତ କରୁଛି। କୁଜଙ୍ଗର ମଦ ଦୋକାନ ଓ ବାରର ସମସ୍ତ ଆବର୍ଜନା ଟ୍ରଲିରେ ବୁହାହୋଇ ମାଛ ହାଟକୁ ସଂଯୋଗ କରୁଥିବା ପୋଲ ଉପରେ ରଖି ଦିଆଯାଉଛି। ଫଳରେ ଏକ ବନ୍ଧ ସୃଷ୍ଟି ହେଲାଣି। ଫଳରେ କେନାଲ ଶଯ୍ୟା ପୋତି ହୋଇ ଜଳଧାରଣ କ୍ଷମତା ସଙ୍କୁଚିତ ହେବାରେ ଲାଗିଛି। କେନାଲ ଶଯ୍ୟା ପୋତି ହୋଇ ବର୍ତ୍ତମାନ ତାର ପ୍ରସ୍ଥ ୧୫ ମିଟରରୁ କମ୍ ହୋଇଗଲାଣି। କୁଜଙ୍ଗ ଜଳସମ୍ପଦ ବିଭାଗ ପ୍ରତିବର୍ଷ ବର୍ଷା ଋତୁରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନାମକୁ ମାତ୍ର ଦଳ ସଫା କରି ବସି ପଡୁଛନ୍ତି। କେନାଲ ଶଯ୍ୟା ଖୋଳିବା କି ଆବର୍ଜନା ମୁକ୍ତ ପାଇଁ ପଦକ୍ଷେପ ନେଉନାହାନ୍ତି। ଏସମ୍ପର୍କରେ କୁଜଙ୍ଗ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ କହୁଛନ୍ତି, ତାଙ୍କର ଦାୟିତ୍ୱ ହେଲା ଦଳ ସଫା କରିବା। କେନାଲ ଶଯ୍ୟା ପୋତି ହୋଇ ପଡିବା ଯୋଗୁଁ ଜଳଧାରଣ କ୍ଷମତା କମି ଯାଉଛି। କାହିଁକି ଖୋଳା ଯାଉନି ପଚାରିବାରୁ ଯନ୍ତ୍ରୀ ମହାନ୍ତି କହିଥିଲେ, ବର୍ଷ ସାରା ଜଳ ପ୍ରବାହ ହେଉଥିବାରୁ ଖୋଳା ଯାଇପାରୁନାହିଁ। କେନାଲ ପୋତି ହେବା ଓ ଆବର୍ଜନାରେ ପରିପୂର୍ଣ୍ଣ ହେବାକୁ ନେଇ ମହାନ୍ତି ପ୍ରଶାସନର ଅବହେଳାକୁ ଦାୟୀ କରିଥିଲେ। ଗତ ବର୍ଷା ଋତୁ ସମୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଆବର୍ଜନା ସଫା ହେବ କହି ଜେସିବି ଅଣାଯାଇ କେନାଲ ବନ୍ଧରେ ରଖାଗଲା। ହେଲେ କେନାଲ ଶଯ୍ୟା ସଫା କରା ନ ଯାଇ ଗୋଟିଏ ଦିନ ପରେ ଉକ୍ତ ଜେସିବି କୁଆଡେ ଉଭାନ ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ଠିକାଦାର ନା ରେ ବିଲ କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଏସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା କହିଛନ୍ତି, ଜମିଜମା ମାମଲାରେ ବ୍ୟସ୍ତ ରହୁଥିଲେ ବି ସମୟ ସମୟରେ ତଦାରଖ କରାଯାଉଛି। ଜଳ ସମ୍ପଦ ବିଭାଗ ଜାଗା ଜବର ଦଖଲ କରାଯାଇ ଆବର୍ଜନା କୁଣ୍ଡ ପାଲଟିଥିବା ସଂକ୍ରାନ୍ତରେ ମୌଖିକ ଅବା ଲିଖିତ ଆକାରରେ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ବେହେରା କହିଛନ୍ତି। ପ୍ରାୟ ଏକ ସପ୍ତାହ ପୂର୍ବେ କୁଜଙ୍ଗ ତହସିଲଦାର ଓ ଥାନା ଅଧିକାରୀ କେନାଲବନ୍ଧ ଜବର ଦଖଲକାରୀ ଓ ଗାଡ଼ି ଧୋଇବା ପାଇଁ ସର୍ଭିସିଂ ସେଣ୍ଟର ଖୋଲିଥିବା ବ୍ୟକ୍ତିମାନଙ୍କୁ ତାଗିଦ କରିଥିବା ଜଣାପଡ଼ିଛି।


ଆବର୍ଜନାରେ ପୋତି ହୋଇଯାଇଥିବା ତାଳଦଣ୍ଡା କେନାଲ ଶଯ୍ୟା।

# ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସରେ ସାମିଲ


କଂଗ୍ରେସରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

ଜଗତ୍‌ସିଂହପୁର, ୭।୧୨ (ପ୍ରମୋଦ କୁମାର ନାୟକ)

- ଯୋଗଧାରୀରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବ
- ଆଗକୁ ସାଙ୍ଗଠନିକ କାର୍ଯ୍ୟ କ୍ରିୟାଶୀଳ ଉପରେ ଗୁରୁତ୍ୱ

୨୦୨୪ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ଜିଲ୍ଲାରେ କଂଗ୍ରେସ ଗୋଟିଏ ବି ଆସନ ହାତେଇ ପାରିନ ଥିଲା। ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ରରେ ଦଳର ଦୁର୍ବଳ ପ୍ରଦର୍ଶନ ଆଲୋଚନାକୁ ଖୋରାକ ଯୋଗାଇଥିଲା। ତା'ପରଠାରୁ ଜିଲ୍ଲା କଂଗ୍ରେସର ଜୀବ ମଙ୍ଗ ଧରିବ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଗତ ସେପ୍ଟେମ୍ବରରେ କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେବ ପ୍ରସାଦ ନାୟକଙ୍କୁ ନୂତନ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦେଇଛି। ସେବେଠାରୁ ନାୟକ ସଙ୍ଗଠନକୁ ଆଗେଇ ନେବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ସ୍ଥାନୀୟ ଯୋଗଧାରୀଠାରେ ଦଳର ନୂତନ ଜିଲ୍ଲା କାର୍ଯ୍ୟାଳୟକୁ ନୂଆ ରୂପରେ ନୂଆ ଢଙ୍ଗରେ କାର୍ଯ୍ୟକ୍ଷମ କରିଛନ୍ତି। ଆଉ ଏହାକୁ ଦଳର ବରିଷ୍ଠ କଂଗ୍ରେସ କର୍ମୀ ତଥା ସରପଞ୍ଚ କାଳନ୍ଦୀ ମହାନ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଇ ନିଆରା ବାର୍ତ୍ତା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ କଟସ୍ଥ ଶାରଳା ଦେବୀ କଲ୍ୟାଣ ମଣ୍ଡପ ପରିସରରେ ସମାବେଶର ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓପିସିସି (ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି) ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ୟାସିର ନୱାଜ, ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ଓପିସିସି ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର ଓ ସମ୍ପାଦକ ଅଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାପାତ୍ର, ସର୍ବେଶ୍ୱର ପଣ୍ଡା, ପ୍ରଶାନ୍ତ ଦାସ, ବଲ୍ଲଭାନନ୍ଦ ସ୍ୱାଇଁ, ଶ୍ରୀଗଣ ରାଉତ, ବିଚିତ୍ରାନନ୍ଦ ଲେଙ୍କା, ପ୍ରିୟବ୍ରତ ମିଶ୍ର, ନିହାର ଦାସ, ମହମ୍ମଦ ଅବ୍ଦୁଲ ୱାହଦ, ଆଡଭୋକେଟ ଦୀପକ ପଶାୟତ, ଦିପ୍ତୀମୟୀ ପ୍ରଧାନ, ସୃଜନିକା ରାଉତ, ସତ୍ୟବ୍ରତ ଦାସ, ସୋରୂପ କାନୁନ୍‌ଗୋ, ପ୍ରିତମ ପରିଜା ପ୍ରମୁଖଙ୍କ ସମେତ ସମସ୍ତ ୪ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ ନିର୍ବାଚିତ ପ୍ରତିନିଧି, ବରିଷ୍ଠ, ମହିଳା, ଯୁବ ଓ ଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ରର ଜଣାଶୁଣା ଛାତ୍ର ନେତା ଅଭିଷେକ ବଳଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଯୁବ ସଙ୍ଗଠକ ଓ ତୁମ୍ବ ଗ୍ରାପର ବିଶ୍ୱଜିତ ମଲ୍ଲିକ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମାବେଶ ଏକ ଉତ୍ସବର ମାହୋଲ ସୃଷ୍ଟି କରିଥିଲା।

## ୨ ପରିବାରରେ ମାର୍‌ପିଟ: ୨ ଆହତ

**ବାଇକ୍‌ରୁ ପାଣି ଛିଟିକି ଭୋଜି ପ୍ରସ୍ତୁତି ବେଳେ ପଡ଼ିବାରୁ ଗଣ୍ଡଗୋଳ**

ପାରାଦୀପ, ୭।୧୨ (ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବାଲିଝରୋ ବସ୍ତିରେ ରବିବାର ସାମାନ୍ୟ ଘଟଣାକୁ ନେଇ ୨ ପରିବାର ମଧ୍ୟରେ ମାର୍‌ପିଟ ହୋଇଛି। ଏଥିରେ ଗୋଟିଏ ପରିବାରର ମା' ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ କୁମୁଦିନୀ ସାହୁ ଓ ତାଙ୍କ ସାନପୁଅ ସନାତନ। ପ୍ରକାଶ ଯେ, କୁମୁଦିନୀଙ୍କ ପାଖ ପଡ଼ୋଶୀଙ୍କ ନାତିର ଜନ୍ମଦିନ ଉପଲକ୍ଷେ ଘର ବାହାରେ ରୋଷେଇ ହେଉଥିଲା। ଏହି ସମୟରେ କୁମୁଦିନୀଙ୍କ ସାନପୁଅ ସନାତନ ବାଇକ୍‌ରେ ଯିବାବେଳେ ରାସ୍ତାରେ ଥିବା ପାଣି ଚକା ଜରିଆରେ ଛିଟିକି ରୋଷେଇ ଖାଦ୍ୟ ଉପରେ ପଡିଥିଲା। ଏହି ଘଟଣାକୁ ନେଇ ପ୍ରଥମେ ଗାଳିଗୁଲଜ କରିଥିଲେ ପଡୋଶୀଙ୍କ ପରିବାର ସଦସ୍ୟ। ପରେ ଏହା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କୁମୁଦିନୀ ହସ୍ତକ୍ଷେପ କରିବାରୁ ସମ୍ପୃକ୍ତ ପଡ଼ୋଶୀ ପରିବାର ସନାତନ ଓ ତାଙ୍କ ମା'ଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ ବୋଲି ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ଆହତ ମା'ଓ ପୁଅ ଏବେ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ବାଳିକାରେ ୪, ବାଳକରେ ୧୦ ଜିଲ୍ଲା ଉତ୍ତୀର୍ଣ୍ଣ

ଜଗତ୍‌ସିଂହପୁର, ୭।୧୨ (ପ୍ରମୋଦ କୁମାର ନାୟକ)

**୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ଲିଗ ମ୍ୟାଚ**


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜଗତ୍‌ସିଂହପୁରରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୬୯ତମ କ୍ରିକେଟ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୩୧ଟି କ୍ରୀଡ଼ା ଜିଲ୍ଲାର ୧୭ ବର୍ଷରୁ କମ୍ ବୟସର କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନ ଜଗତ୍‌ସିଂହପୁର ସହର ଓ ଆଖପାଖର ୭ଟି ଖେଳ ପଡିଆରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ୪ ଓ ବାଳକରେ ୧୦ଟି ଜିଲ୍ଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଳିକା ବିଭାଗରେ ପୁନଙ୍ଗସ୍ଥିତ ପୋଲିସ ବାରାକ ପଡ଼ିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ବାଲେଶ୍ୱରକୁ ମୟୁରଭଞ୍ଜ ଓ ନୂଆପଡାକୁ ସମ୍ବଲପୁର ସାମ୍ନା କରିଥିଲା। ଏଥିରେ ବାଲେଶ୍ୱର ଓ ନୂଆପଡ଼ା ବିଜୟୀ ହୋଇଥିଲା। ଜୟଦୁର୍ଗା ୟୁଥ ଆଥ୍‌ଲେଟିକ କ୍ଲବ୍ ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୁନ୍ଦରଗଡ଼ ସହ ଭଦ୍ରକ ଓ ଅନୁଗୁଳ ସହ ଜଗତ୍‌ସିଂହପୁର ମୁହାଁମୁହିଁ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଓ ଜଗତ୍‌ସିଂହପୁର ବିଜୟଲାଭ କରିଥିଲା। ସେହିପରି ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯାଜପୁରକୁ କୋରାପୁଟ ଓ ସୁନ୍ଦରଗଡକୁ କେନ୍ଦ୍ରାପଡା ଜିଲ୍ଲା ସାମ୍ନା କରିଥିଲା। ଏଥିରେ ଯାଜପୁର ଓ କେନ୍ଦ୍ରାପଡ଼ା ବିଜୟୀ ହୋଇଥିଲେ। ନନ୍ଦାବ୍ରତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭୁବନେଶ୍ୱର ସହ ରାୟଗଡା ଓ ବାଲେଶ୍ୱର ସହ ବୌଦ୍ଧ ମୁହାଁମୁହିଁ ହୋଇଥିଲା। ଏଥିରେ ଭୁବନେଶ୍ୱର ଓ ବାଲେଶ୍ୱର ବିଜୟୀ ହୋଇଚନ୍ଥି। ସତୀ ଖେଳପଡିଆ ପରିସରରେ ଅନୁଷ୍ଠିତ ମ୍ୟାଚରେ କଳାହାଣ୍ଡି ବନାମ ଦେଓଗଡ ଓ ନୟାଗଡ ବନାମ ଜଗତ୍‌ସିଂହପୁର ମଧ୍ୟରେ ପ୍ରତଯୋଗିତା ହୋଇଥିଲା। ଏଥିରେ କଳାହାଣ୍ଡି ଓ ଜଗତ୍‌ସିଂହପୁର ଜିଲ୍ଲା ବିଜୟଲାଭ କରିଥିଲା। ତର୍ତ୍ତଙ୍ଗ ମିନିଷ୍ଟାଡିୟମ ପରିରରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧାକୁ କନ୍ଧମାଳ ଓ କଟକକୁ ଝାରସୁଗୁଡା ମଧ୍ୟରେ ପ୍ରତିଦ୍ୱନ୍ଦିତା କରିଥିଲା। ଖୋର୍ଦ୍ଧା ଓ ଝାରସୁଗୁଡା ବିଜୟଲାଭ କରିଥିଲା। ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଖେଳ ପଡିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ବରଗଡ଼ ସହ ନୂଆପଡା, ଭଦ୍ରକ ସହ ଢେଙ୍କାନାଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ଓ ଭଦ୍ରକ ଜିଲ୍ଲା ବିଜୟଲାଭ କରିଥିବା ଜଣାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ ସୁଶାନ୍ତ ମହାନ୍ତି, ରାଜ୍ୟଶ୍ରୀ ସାହୁ, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ତତ୍ତ୍ୱାବଧାନରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁଙ୍କ ନେତୃତରେ ଜୁନିୟର ରେଡ୍‌କ୍ରସ, ଏନ୍‌ସିସି ଓ ସ୍କାଉଟ ଗାଇଡ୍‌ମାନଙ୍କୁ ନେଇ କ୍ରୀଡ଼ାବିତମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ପ୍ରତିଯୋଗିତାର ପ୍ରତ୍ୟେକ କାର୍ଯ୍ୟକ୍ରମରେ କମିଟିରେ ସ୍ଥାନ ପାଇଥିବା ମଣ୍ଡଳ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ, ବିଭିନ୍ନ ପଡ଼ିଆର ପ୍ରତିଯୋଗିତା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ସିଙ୍ଗଟାଳି ଛକରେ କେଏମ୍‌ଏସ୍ ହସ୍ପିଟାଲ ଲୋକାର୍ପିତ

ପାରାଦୀପ, ୭।୧୨ (ଶରତ ରାଉତ)

ପାରାଦୀପ ଉପକଣ୍ଠ କଟକ ପାରାଦୀପ ରାସ୍ତାର ସିଙ୍ଗଟାଳି ଛକରେ ରବିବାର ସନ୍ଧ୍ୟାରେ ଏକ ଅତ୍ୟାଧୁନିକ ଘରୋଇ ହସ୍ପିଟାଲ କେଏମଏସ୍ ଲୋକାର୍ପିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଲୋକାର୍ପଣ କରିଥିଲେ। ୬୩ ବର୍ଷର ପାରାଦୀପ ଶିଳ୍ପ ସହରରେ ସ୍ୱାସ୍ଥ୍ୟସେବା ଏବେବି ରୁଗ୍ଣ ଅବସ୍ଥାରେ ରହିଛି। ଯେକୌଣସି ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ କଟକ ଭୁବନେଶ୍ୱର ଯିବାକୁ ପଡୁଛି। ଏପରି ଅସୁବିଧା ଉକ୍ତ ହସ୍ପିଟାଲ ଦ୍ୱାରା ଭରଣା ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସ୍ଥାନୀୟ ୩ ପଞ୍ଚାୟତ ସରପଞ୍ଚ, କଟକ ଏସ୍‌ସିବି ପ୍ରଫେସର ଡା. ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ହସ୍ପିଟାଲରେ ଜରୁରୀ କାଳିନ ଚିକିତ୍ସା ସୁବିଧା ଯଥା ସିଟି ସ୍କାନ, ଆଇସିୟୁ, ଟ୍ରମାକେୟାର, ଭଳି ବିଭିନ୍ନ ବିଭାଗର ଆଧୁନିକ ଚିକିତ୍ସା ପ୍ରଣାଳୀ ରହିଛି ବୋଲି କୁହାଯାଇଛି।



ହସ୍ପିଟାଲର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।


ବନ୍ଧୁମିଳନ ଉତ୍ସବରେ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର।

# ଗୁରୁଶିଷ୍ୟର ପରମ୍ପରା ଅତୁଟ

ରଘୁନାଥପୁର, ୭।୧୨ (ରାଜେନ୍ଦ୍ର ନାରାୟଣ ସିଂ): ରଘୁନାଥପୁର ବ୍ଲକ୍ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ୧୯୮୧ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଗନ୍ଧାପୁର ଉପଲେଶ୍ୱରି ମାଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ଜ୍ଞାପନ କରିବା ସହ ଗୁରୁଶିଷ୍ୟର ପରମ୍ପରା ଅତୁଟ ବୋଲି ପ୍ରକାଶ କରିଥିଲେ। ଏହାଛଡା ବନ୍ଧୁମିଳନ ପରସ୍ପର ଭାବାବେଗ ମଧ୍ୟରେ ସୀମିତ ନ ରହି ସମାଜରେ ଜନହିତକର କାର୍ଯ୍ୟ ପାଇଁ ହାତ ବଢ଼ାଉ ବୋଲି ସୁଶ୍ରୀ ରଥ ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ଅନ୍ୟତମ ଅତିଥି ରବୀନ୍ଦ୍ରନାଥ ବିଶ୍ୱାଳ ଏହାକୁ ସମର୍ଥନ କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟ କରିବାକୁ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ଅତିଥିଙ୍କ ବକ୍ତବ୍ୟକୁ ଗ୍ରହଣ କରି ଆଗାମୀ ଦିନରେ ନିଜ ସହପାଠୀ କିମ୍ବା ଅସହାୟ ଦୁରାରୋଗ୍ୟ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସହାୟତା ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁନ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ଶପଥ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ମାଳ ପରିସରରେ ଚାରା ରୋପଣ କରାଯିବା ସହ ପୁରାତନ ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ରଖିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସହପାଠୀ ଓ ପୂଜ୍ୟ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶାନ୍ତିଲତା ଦ୍ୱିବେଦୀ ସଭା ପରିଚାଳନା ଓ ପ୍ରତ୍ୟୁଷ ମହାରଣା ସଞ୍ଚାଳନ କରିଥିଲେ। ଏଥିରେ ଅମିୟ କୁମାର ରାଉତ, ଶେଖ୍ ଆହ୍ଲାର ଖାଁ, ରାଜକିଶୋର ନାୟକ, ଗୋବିନ୍ଦ ଓଝା, କୁସୁମ ନାୟକ, ଗୋଲାପ ରାଉତ ଓ କଲ୍ୟାଣୀ ଆଚାର୍ଯ୍ୟଙ୍କ ସହ ୫୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ

**ନାଉଗାଁ, ୭।୧୨ (ସୁଧା ବେହୁରା):** ନାଉଗାଁ ଥାନା ଅନ୍ତର୍ଗତ ଶିଖରଘାଟ ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅରିଓଦା ଗ୍ରାମର ଦୈତାରୀ ନାୟକଙ୍କ ପୁଅ ପବିତ୍ର (୪୦)। ସେ ଅନୁଗୋଳରେ ରୁହନ୍ତି। ବଡ଼ବାପା ଚକ୍ରଧର ନାୟକଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ସେ ଅନୁଗୋଳରୁ ନାଉଗାଁ ଆସୁଥିଲେ। ଶିଖରଘାଟ ନିକଟରେ ଏକ ପିକଅପ୍ ଭ୍ୟାନ ସହ ଅସାବଧାନତାବଶତଃ ବାଇକ ବାଡଇେବା ଦ୍ୱାରା ଛିଟିକି ପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରି ଚିକିତ୍ସା ପାଇଁ ନାଉଗାଁ ଗୋଷ୍ଠୀ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଗୁରୁତର ହେବାରୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ଯିବା ବାଟରେ ପବିତ୍ରଙ୍କ ମୃତ୍ୟୁ ଘଟିଛି। ପବିତ୍ରଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବେଆଇନ ବାଲି ବୋଝେଇ ଜେସିବି, ୪ ଟ୍ରାକ୍ଟର ଜବତ

ଏରସମା, ୭।୧୨ (ଦୀପ୍ତି ଖଣ୍ଡୁଆଳ): ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ନୂଆରତନପୁର ନଦୀ ପଠାରୁ ବେଆଇନଭାବେ ବାଲି ଚାଲାଣ ହେଉଥିବା ବେଳେ ୫ ଗାଡି ଜବତ କରାଯାଇ ଏରସମା ଥାନାରେ ରଖାଯାଇଛି। ନୂଆରତନପୁର ଗ୍ରାମ ନିକଟସ୍ଥ ଏକ ସରକାରୀ ସ୍ଥାନରୁ କିଛି ଲୋକ ଗୋଟିଏ ଜେସିବି ଓ ୪ ଟ୍ରାକ୍ଟର ସାହାଯ୍ୟରେ ବାଲି ଉଠାଉଥିଲେ। ଖବରପାଇ ଜିଲ୍ଲା ଖଣି ବିଭାଗ ଅଧିକାରୀ ଏରସମା ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ବାଲି ଜବତ କରିଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ୪ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹4.06 କୋଟି ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସୀୟ କଲୋନୀରେ ଏକୀକୃତ ସୁବିଧା ପରିଚାଳନା ସେବା (ଆଇଏଫଏମଏସ୍) ପ୍ରଦାନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 12, 2026 ଅପରାହ୍ନ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**DIRECTORATE OF AVIATION**
**GOVERNMENT OF ODISHA**
**NOTICE**

**File No. TRN-AV-GEN0083-2024-15142/T** **Date: 05.12.2025**

No. J-04: The Directorate of Aviation recruitment notice published vide Recruitment Notice No. OIPR-38001/11/0029/2526 on 09.05.2025 with respect to recruitment of Director of Aviation, Deputy Director-Operation and Protocol, Assistant Director-Business Development & Flight Operation and Senior Executive - MIS is hereby cancelled. It is further clarified that the recruitment for the posts of Accountable Executive, Terminal Manager and Safety Manager as advertised in the same notice, shall remain unaffected and will not be cancelled.

All applications submitted for the post of Director of Aviation, Deputy Director-Operation and Protocol, Assistant Director - Business Development & Flight Operation and Senior Executive - MIS as per recruitment Notice No. OIPR-38001/11/0029/2526 shall not be considered.

* Candidates are advised to visit the official website of the Commerce & Transport Department **(https://ct.odisha.gov.in/)** for detailed information regarding any future vacancies. Any queries may be submitted through the email address provided below.

**ADDRESS:**
**Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, PIN - 751020, E-mail: orissa_aviation@yahoo.com, transcivilaviation@gmail.com.**

**Sd./- Officer on Special Duty**
**OIPR-38001/11/0047/2526 Directorate of Aviation, Bhubaneswar**

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଭଦ୍ରକ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡା / **ସହ-ଋଣଗ୍ରହୀତା: ନିରୁପମା ପଣ୍ଡା,** ସ୍ୱାମୀ: ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ବାରିକପୁର, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ,** ପିତା: କୈଳାସ କୁମାର ପ୍ରଧାନ, ସା: ସାମରାଏପୁର, ପୋ: ଗେଲପୁର, ଜିଲ୍ଲା: ଭଦ୍ରକ | ଟ.୧୭,୪୪,୨୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୦୫.୧୨.୨୦୨୫ | **ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୭/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |

**ସ୍ଥାନ: କଟକ, ତାରିଖ : ୦୬.୧୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ବନ୍ଧ ବିମଳେଶ୍ୱର ଦେବ ପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବି

**ଖଣ୍ଡପଡ଼ା, ୭।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧ନଂ. ୱାର୍ଡ଼ କରଡ଼ାବଣିଠାରେ ଥିବା ପ୍ରମୁଖ ଶୈବପୀଠ ବାବା ବନ୍ଧ ବିମଳେଶ୍ୱର ଦେବ ପୀଠକୁ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଦାବି ହୋଇଛି। ଉକ୍ତ ପୀଠକୁ ପ୍ରତେହ୍ୟ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଆସୁଥିବା ବେଳେ ପୀଠକୁ ସଂଯୋଗ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।



ବିମଳେଶ୍ୱର ଦେବ ପୀଠକୁ ଥିବା ରାସ୍ତା ଖାଲଖମା।

ସହରର ପ୍ରମୁଖ ଶୈବପୀଠ ଭାବେ ବାବା ବନ୍ଧ ବିମଳେଶ୍ୱର ଦେବଙ୍କ ପୀଠ ବେଶ୍ ପରିଚିତ। ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଏହି ଶୈବପୀଠରେ ଯେତିକି ଶାନ୍ତ ଓ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୁଏ ତାଠାରୁ ଅଧିକ ରୋମାଞ୍ଚକର ଲାଗେ ପୀଠ ନିକଟରେ ଥିବା କେନ୍ଦୁଆ ଡ୍ୟାମ ଏବଂ ଗଛଲତା ସାଙ୍ଗକୁ ପକ୍ଷୀମାନଙ୍କ କିଚିରି ମିଚିରି ରାବ ଓ ଏଥିସହ ଘଞ୍ଚ ବନାନୀ ସାଙ୍ଗକୁ ସନ୍ଧ୍ୟାରେ ସୂର୍ଯ୍ୟ ଅସ୍ତ ସମୟର ଦୃଶ୍ୟ ପର୍ଯ୍ୟଟକ ମାନଙ୍କୁ କିଛି ସମୟ ଏଠାରେ ବାନ୍ଧି ରଖିଥାଏ। ଦୈନନ୍ଦିନ ଶହଶହ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସି ବାବା ମହାଦେବଙ୍କ ଦର୍ଶନ କରିବା ସହ ଜଙ୍ଗଲ ପରିବେଶରେ ବଣଭୋଜିର ମଜା ଉଠାଇଥାନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ଯେ ଏହି ପ୍ରମୁଖ ଶୈବପୀଠରେ ପାନୀୟ ଜଳ, ଆଲୋକୀକରଣ ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏଯାବତ୍ ପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ଫଳରେ ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ସଙ୍କୁଚିତ ଓ ଖାଲଖମା ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏନ୍ଏସି ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପୀଠର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଆନ୍ତରିକତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ସହରର ପ୍ରମୁଖ ଶୈବପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ପ୍ରଶାସନିକ ସ୍ତରରେ ଜାଣିଶୁଣି ଅବହେଳା କରାଯାଉଥିବା ନେଇ ସ୍ଥାନୀୟ କାଉନସିଲର ସରୋଜ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ତେବେ ପୀଠକୁ ସଂଯୋଗ ରାସ୍ତାର ଏଭଳି ଦୂରାବସ୍ଥା ମନ୍ଦିରକୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ଏହି ପ୍ରମୁଖ ଶୈବପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ସ୍ଥାନୀୟ ବିଧାୟକ, ଏନ୍ଏସି ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି।

# ଓଡ଼ିଶା କାଠ କାରିଗର ମହାସଂଘ କର୍ମକର୍ତ୍ତା ଚୟନ



ବୈଠକରେ ଯୋଗଦେଇଥିବା କାଠ କାରିଗର।

**ଖଣ୍ଡପଡ଼ା, ୭।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନିକଟ ମା' ନାରାୟଣୀ ପୀଠ ପରିସରରେ ଓଡ଼ିଶା କାଠ କାରିଗର ମହାସଂଘ ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ଓଡ଼ିଶା କାଠ କାରିଗର ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ନୟାଗଡ଼ ଜିଲା ସମେତ ବିଭିନ୍ନ ଜିଲାରୁ ଶତାଧିକ କାଠ କାରିଗର ଯୋଗଦେଇ ମହାସଂଘ ଗଠନ ଉପରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଭବାନି ଶଙ୍କର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିନୋଦ ମହାପାତ୍ର, ଶାନ୍ତିଶେଖର ରଥ ପ୍ରମୁଖ ଯୋଗଦେଇ କାଠ କାରିଗରମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶା କାଠ କାରିଗର ମହାସଂଘର ସଭାପତି ଭାବେ ଟୁକୁନା ବିଶ୍ୱାଳ, ଉପସଭାପତି ମିଟୁ ସାହୁ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସହ ସମ୍ପାଦକ ରଞ୍ଜନ କୁମାର ସାହୁ, କୋଷାଧ୍ୟକ୍ଷ ବିଶ୍ୱଜିତ ବିଶ୍ୱାଳ ଏବଂ ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ମହାରଣା, ନୃସିଂହ ମହାରଣା ଏବଂ ସଞ୍ଜୟ କୁମାର ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ବିଶେଷକରି ନିର୍ଜିବ ବସ୍ତୁକୁ ସୁନ୍ଦରତାର ରୂପ ଦେବା କେବଳ କାରିଗରମାନଙ୍କ ଦ୍ୱାରା ସମ୍ଭବ ହେଉଥିବା ବେଳେ ସାରା ଜୀବନ ଏହି କାମକୁ ବୃତ୍ତି କରିଥିବା କାରିଗରମାନଙ୍କୁ ଯଦି ସରକାରଙ୍କ ପକ୍ଷରୁ କିଛି ପ୍ରୋତ୍ସାହନ କିମ୍ବା ଆଧୁନିକ ଯନ୍ତ୍ରପାତି ମିଳେ ସେ ଆହୁରି ଲାଭବାନ ହୋଇ ପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ କାଠ କାରିଗରମାନେ କିଭଳି ପରସ୍ପର ମଧ୍ୟରେ ସୁସମ୍ପର୍କ ଗଠନ କରିବେ ଏବଂ ଏକମନ ଏକପ୍ରାଣ ହୋଇ କାମ କରିବେ ସେଦିଗରେ ସଚେତନ ରହିବାକୁ ମହାସଂଘର ସଭାପତି ବିଶ୍ୱାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ପାଖାପାଖି ୨ଶହରୁ ଊର୍ଦ୍ଧ୍ୱ କାଠ କାରିଗର ଯୋଗଦେଇଥିଲେ।

# ବରିଷ୍ଠ ରାମଲୀଳା କଳାକାରଙ୍କ ପରଲୋକ

**ଖଣ୍ଡପଡ଼ା, ୭।୧୨ (ଅଜୟ କୁମାର ମହାରଣା)**

କଣ୍ଟିଲୋ ବାପୁଜୀନଗରସ୍ଥିତ ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ପରିଷଦର ବରିଷ୍ଠ ରାମଲୀଳା କଳାକାର ବିଶ୍ୱନାଥ ସାହୁ(୭୭) ଓରଫ (ନଣ୍ଡା)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ରାବଣ ଭୂମିକାରେ ଅଂଶଗ୍ରହଣ କରୁଥିଲେ। ପ୍ରତିବର୍ଷ ସାହୁ ରାବଣ ଓ ବିଭୀଷଣ ଭୂମିକାରେ ଅଭିନୟ କରି ଆସୁଥିଲେ। ପୂର୍ବରୁ ତାଙ୍କ ପରିବାର ମଧ୍ୟରୁ ବାପା ଓ ଭାଇମାନେ ମଧ୍ୟ ରାବଣ ଭୂମିକାରେ ଅଭିନୟ କରି ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ତେବେ ନଣ୍ଡାଙ୍କ ପରଲୋକ ପରେ ରାବଣ ଚାଲିଗଲେ ବୋଲି ସ୍ଥାନୀୟ ଅଞ୍ଚଳରେ ସବୁଠି ଆଲୋଚନା ହେଉଛି। ସେ ଜଣେ ସାଧାରଣ, ପରୋପକାରୀ ଓ ଲୋକପ୍ରିୟ ଭାବରେ ପରିଚିତ ଥିଲେ। ତାଙ୍କ ପରଲୋକରେ ଜଣେ ବିଶିଷ୍ଟ, ସ୍ୱନାମ ଧନ୍ୟ କଳାକାରଙ୍କୁ କଣ୍ଟିଲୋ ଓ ଆଖପାଖ ଅଞ୍ଚଳବାସୀ ହରାଇଲେ ବୋଲି ରାମଲୀଳା ନାଟ୍ୟ ସମିତି ସଭ୍ୟମାନେ ଶୋକ ପ୍ରକାଶ କରିଛନ୍ତି। ସାହୁଙ୍କର ଶେଷ କୃତ୍ୟ ସ୍ଥାନୀୟ ଶଙ୍ଖ ତୋଟା ଶ୍ମଶାନ ଘାଟରେ ସମାପନ ହୋଇଥିଲା। ଏକମାତ୍ର ପୁତ୍ର ପ୍ରକାଶ ମୁଖାଗ୍ନି ଦେଇଥିଲେ। ଜଣେ ବିଶିଷ୍ଟ କଳାକାରଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଗୋଡିପଡ଼ାରେ କୃଷକ ସଭା ଓଡ଼ଗାଁ ବ୍ଲକ ସମ୍ମିଳନୀ

**ନୟାଗଡ଼, ୭।୧୨ (ଲୋକନାଥ ମିଶ୍ର)**

ଓଡ଼ିଶା କୃଷକ ସଭା ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୋଡିପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ସଭାପତି ହରିଶ୍ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ, ବ୍ଲକ ସଭାପତି ବେଣୁଧର ପ୍ରଧାନ ଓ ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଗତଦିନରେ ଗୋଡିପଡାଠାରେ ସାର ଆନ୍ଦୋଳନ କରି ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇ ଦିଆଯାଇଛି। ଏହା ସ୍ଥାନୀୟ ଅଞ୍ଚଳ ଚାଷୀ ଏକଜୁଟ ହୋଇ ଆନ୍ଦୋଳନ କରିବାରୁ ସଫଳ ହୋଇଛି। ଓଡ଼ିଶା କୃଷକ ସଭା ନେତୃତ୍ୱରେ ଆଗାମୀଦିନରେ ଧାନମଣ୍ଡି କିପରି ଖୋଲିବ ଏବଂ ଚାଷୀଙ୍କୁ ଉଚିତ ମୂଲ୍ୟ ଟୋକନ ମିଳିବ ସେଥିପ୍ରତି ଚାଷୀମାନେ ଧାନ ଦେବାକୁ ସଭାରେ ଅନୁରୋଧ କରିଥିଲେ। ଓଡ଼ଗାଁ ବ୍ଲକରେ ଚାଷୀଙ୍କୁ ଜଳସେଚନ କରି ପାଣି ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି ରଖିବା ସହିତ ଆଗାମୀଦିନରେ ଚାଷୀଙ୍କୁ ନେଇ ଏକ ଜିଲାସ୍ତରୀୟ ଆନ୍ଦୋଳନ କରାଯିବ। ଚାଷୀ ବିରୋଧୀ ନୀତି ବିରୋଧରେ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା।




ସମ୍ମିଳନୀରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ।

# ୧୯୮୬ ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ସହପାଠୀମାନେ।

**ଖଣ୍ଡପଡ଼ା, ୭।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ଆରାଧ୍ୟା ମା' ଉମାଦେବୀଙ୍କ ପୀଠରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଣ୍ଡପଡ଼ା ବାଳିକା ଉଚ୍ଚବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚ ସହପାଠୀ,ସହପାଠିନୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ବର୍ଷ ପରେ ୭୦ରୁ ଊର୍ଦ୍ଧ୍ୱ ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା' ଉମାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟ ଗୁରୁ ଗୋପୀନାଥ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସହପାଠୀ ଓ ସହପାଠିନୀମାନେ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ପଣ୍ଡିତ ମନୋଜ ଦାଶ ଶ୍ଳୋକ ପାଠ କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ରଥ, ଅନନ୍ତ ମହାପାତ୍ର, ଭବାନୀ ଶଙ୍କର ସିଂହସାମନ୍ତ, ମନୋରଞ୍ଜନ ରଥ, ମନୋଜ କୁମାର ଦାଶ,ସନ୍ତୋଷ କୁମାର ଶତପଥୀ,ପ୍ରସନ୍ନ କୁମାର ଖୁଣ୍ଟିଆ,ବନପ୍ରସାଦ ମହାପାତ୍ର, ମାନସ ମୋହନ ମିଶ୍ର,କମଳାକାନ୍ତ ଦାଶ, ବିଭୂତି ମହାପାତ୍ରଙ୍କ ସମେତ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ଟାକରା ଅଞ୍ଚଳର ଯୁବ କଳାକାରଙ୍କ ପରଲୋକ

**ଦଶପଲ୍ଲା, ୭।୧୨ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଅଞ୍ଚଳ ର ଲୋକପ୍ରିୟ ଯୁବ କଳାକାର ତଥା ପ୍ରତିଭାବାନ ଯୁବକ ୟୁଥ ୟୁନାଇଟେଡ଼ କ୍ଲବର ବରିଷ୍ଠ ସଭ୍ୟ ସୁକାନ୍ତ ତ୍ରିପାଠୀ (ଶୁକ)ଙ୍କ ପରଲୋକ ଘଟିଛି। ସେ କିଛିଦିନ ତଳୁ ଅସୁସ୍ଥ ଅନୁଭବ କରି ଆସୁଥିବାବେଳେ ଗତ ୨ଦିନ ହେବ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଆସୁଥିଲେ। ସେ ଉକ୍ତ ଅଞ୍ଚଳରେ ଜଣେ ଲୋକପ୍ରିୟ ହାସ୍ୟ ଅଭିନେତା ଭାବେ ବେଶ ପରିଚିତ ଥିଲେ। ଗାଁ ଡ୍ରାମାରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ସାମାଜିକ ନାଟକରେ ନିଜର ନିଖୁଣ ଅଭିନୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ସାଇ ମନ୍ଦିର ପକ୍ଷରୁ ଆୟୋଜିତ ନାଟକ ଭଗବାନ କେବେ ମିଛ କୁହନ୍ତିରେ ନିଜର ନିଖୁଣ ଅଭିନୟ କରି ବେଶ ପ୍ରଶଂସା ସାଉଁଟି ପାରିଥିଲେ। ବିଭିନ୍ନ ବ୍ୟକ୍ତିଙ୍କୁ ଅସମୟରେ ସହଯୋଗର ହାତ ବଢ଼ାଇ ଆସୁଥିଲେ। ଶନିବାର ସକାଳୁ ତାଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ସହଜରେ ଏହାକୁ କେହି ଗ୍ରହଣ କରିପାରି ନ ଥିଲେ। ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନରେ ଟାକରା ସ୍ଥିତ ବାସଭବନରେ ମୃତଦେହ ପହଞ୍ଚିବା ପରେ ବନ୍ଧୁ, ବାନ୍ଧବ, ପରିବାର ଓ ଆତ୍ମୀୟ ସୋଜନ, ୟୁଥ ୟୁନାଇଟେଡ଼ କ୍ଲବର ସମସ୍ତ ସଭ୍ୟ, ସ୍ଥାନୀୟ ଲୋକ ଶେଷ ଦର୍ଶନ କରିଥିଲେ।

# ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



**ଭାପୁର ୭।୧୨ (ପ୍ରଭାତ ବରାଡ)**

ଭାପୁର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମ ନିକଟ ମୁଣ୍ଡବଥାନୀ ପାହାଡ ଉପରେ ହନୁମାନ ମନ୍ଦିର ନିର୍ମାଣ ଚାଲିଛି। ଏହି ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ପରେ ଗ୍ରାମ ନିକଟ କୁସୁମୀତରାଠାରୁ ବରୁଣ ଓ ସାହାଡା ବୃକ୍ଷକୁ ଇନ୍ଦ୍ର ଓ ଇନ୍ଦ୍ରାଣୀ ରୂପେ ବରଣ କରି ଏହି ଗଛର କାଠ ଆଣି ପ୍ରଥମେ ରତ୍ନଗର୍ଭରେ ପକା ଯିବା ପରେ ରତ୍ନମୁଦ କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ବନମାଳୀ ମିଶ୍ର ଓ କର୍ତ୍ତ୍ରି ଭାବେ ସ୍ନେହଲତା ମିଶ୍ର ବସିଥିଲେ। ପଣ୍ଡିତ ମୃତ୍ୟୁଞ୍ଜୟ ନନ୍ଦ, ପ୍ରସନ୍ନ କୁମାର ଶତପଥୀ ଓ ତାପସ କୁମାର ରଥ ହୋମଯଜ୍ଞ ଓ ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ।

# ରଣପୁର ମହୋତ୍ସବ ବଳିଦାନ, ବିଜୟର ଉତ୍ସବ

## ମହୋତ୍ସବ 'ଅର୍ଜୁନ' ୨୦୨୬ ପାଇଁ ପ୍ରସ୍ତୁତ ବୈଠକ

**ରଣପୁର, ୭।୧୨ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁରରେ ମହୋତ୍ସବ ଅର୍ଜୁନ-୨୦୨୬ପାଇଁ ରବିବାର ବ୍ଲକ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଣପୁର ମହୋତ୍ସବ ହେଉଛି ବଳିଦାନ ଓ ବିଜୟର ଉତ୍ସବ ବୋଲି ଅତିଥିମାନେ କହିଥିଲେ। ଏଥିରେ ଓଡ଼ିଶାର ବାଚସ୍ପତି ତଥା ରଣପୁର ବିଧାୟକା ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଅନୁଷ୍ଠିତ ହୋଇଥିଲା। ରଣପୁରର ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ ପ୍ରତିନିଧି ଓ ସଂସ୍କୃତି ପ୍ରେମୀମାନେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ ପ୍ରତିନିଧି ଭାବେ ବରିଷ୍ଠ ଆଇନଜୀବୀ ପ୍ରିୟବ୍ରତ ପ୍ରହରାଜ, ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସର୍ବଦାମନ, ବିପିନ ବିହାରୀ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ରଣପୁର ଏନ୍ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଭାଜପା ନେତା ପରେଶ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା, ଏବଂ ଅବସରପ୍ରାପ୍ତ ଶିକ୍ଷକ ତଥା କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ସହ ମହୋତ୍ସବ କମିଟି ସମ୍ପାଦକ ସ୍ୱରାଜ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ। ଖବରଦାତା, ଶିକ୍ଷକ, ସାମାଜିକ କର୍ମୀ, ଅଗ୍ନିଶମ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗ, ମେଡିକାଲ ବିଭାଗ ଓ ଯୁବ ଗୋଷ୍ଠୀ ପ୍ରତିନିଧିମାନେ ମଧ୍ୟ ବୈଠକରେ ସକ୍ରିୟ ଭାବେ ମତ ପ୍ରକାଶ କରିଥିଲେ। କିଭଳି ଭାବରେ ଆଗାମୀ ବର୍ଷ ମହୋତ୍ସବ ଅର୍ଜୁନ-୨୦୨୬ ସରଶ ସୁନ୍ଦର ହୋଇ ପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଖବରଦାତାମାନେ ବ୍ରଜ ରଣସିଂହ ରଣପୁରର ରାଜମାତା ସ୍ୱର୍ଗତ ରାଣୀ ବସନ୍ତ ମଞ୍ଜରୀ ଦେବୀଙ୍କ ସ୍ମୃତିରେ ମହୋତ୍ସବ ସାର୍ଟିଫିକେଟ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଥିଲେ। ଯାହାକୁ ସଭାରେ ସ୍ୱାଗତ କରାଯାଇଥିଲା। ରଣପୁର ଅଞ୍ଚଳର ବିଭିନ୍ନ ଐତିହ୍ୟ ଓ ପରମ୍ପରାକୁ ନେଇ ପ୍ରସ୍ତୁତ କରାଗଲେ ମହୋତ୍ସବକୁ ଆସୁଥିବା ଦର୍ଶକମାନେ ରଣପୁରର ପରମ୍ପରା ଓ ସଂସ୍କୃତି ବିଷୟରେ ଅବଗତ ହୋଇପାରନ୍ତେ ବୋଲି ଶିକ୍ଷକ ବିରୁପାକ୍ଷ ମହାପାତ୍ର ଓ ସାମାଜିକ କର୍ମୀ ସୁରେଶ ମହାରଣା ମତ ରଖିଥିଲେ। ଚଳିତବର୍ଷ ମହୋତ୍ସବ ଶାନ୍ତି ଓ ଶୃଙ୍ଖଳା ସହ କାର୍ଯ୍ୟ ସାଧନ ହୋଇଥିଲା ବୋଲି ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ। ଏବେ ୨୦୨୬ବର୍ଷ ମହୋତ୍ସବକୁ ସଫଳ ଓ ବ୍ୟବସ୍ଥିତ ଭାବେ କରିବା ପାଇଁ ସମସ୍ତେ ଏକତ୍ର ହେବାର ଆହ୍ୱାନ ଦେଇଛନ୍ତି।

ନୟାଗଡ ଜିଲାରେ ବିଭିନ୍ନ ସ୍ଥାନରେ ମହୋତ୍ସବ ହେଉଥିଲେ ମଧ୍ୟ ରଣପୁର ମହୋତ୍ସବର ସ୍ୱତନ୍ତ୍ରତା ରହିଛି। ରଣପୁର ମହୋତ୍ସବ ଜାନୁଆରୀ ୫ରେ ବେଜେଲଗେଟଙ୍କୁ ପିଟି ପିଟି ମାରି ରଘୁଦିବାକର ଶହୀଦ ହୋଇଥିଲେ। ଏହି ଶହୀଦମାନଙ୍କୁ ମନେ ପକାଇବାକୁ ପ୍ରତେକ ବର୍ଷ ରଣପୁର ମହୋତ୍ସବ ପାଳନ କରାଯାଉଛି ବୋଲି ଅତିଥିମାନେ ପ୍ରକାଶ କହିଥିଲେ। ଶାନ୍ତି ଶୃଙ୍ଖଳାକୁ ଗୁରୁତ୍ୱଦେବା ସହିତ ବିଭିନ୍ନ ଉନ୍ନତ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହୋତ୍ସବ କାର୍ଯ୍ୟକୁ ସୁପରିଚାଳନା ପାଇ ସମସ୍ତଙ୍କ ସହଯୋଗ ଦରକାର ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ଖଳିସାହିକୁ ହରାଇଲା ବୈଦେଶ୍ୱର

## ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖଣ୍ଡପଡ଼ା,୭।୧୨ (ଅଜୟ କୁମାର ମହାରଣା)**

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡ଼ିୟମରେ ମା' ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୯ତମ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ୩ୟ ଦିନରେ ଖେଳ ଅନୁଷ୍ଠିତ ହୋଇଯାଇଛି। ଖଳିସାହି କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ ଉଇକେଟ ହରାଇ ୧୨୯ରନ ସଂଗ୍ରହ କରିଥିଲା। ଜବାବରେ ବୈଦେଶ୍ୱର କ୍ରିକେଟ କ୍ଲବ ୧୧.୨ ଓଭରରେ ୩ ଉଇକେଟ ହରାଇ ୧୩୧ ରନ କରି ୭ ଉଇକେଟରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଗଣେଶ୍ୱର ମହାପାତ୍ର ୩୧ ବଲରେ ୭୧ ରନ କରି ମ୍ୟାଚର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ଦିପୁ ବେହେରା ଓ ସମୀର ଦଳେଇ ପରିଚାଳନା କରିଥିଲେ। ଶେଷଦେବ ନାୟକ ଭାଷ୍ୟକାର ଓ ସ୍ୱରଜ ମହାରଣା ସ୍କୋରର ଦାୟିତ୍ୱ ତୁଲେଇ ଥିଲେ ବୋଲି କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹4.06 କୋଟି ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସୀୟ କଲୋନୀରେ ଏକୀକୃତ ସୁବିଧା ପରିଚାଳନା ସେବା (ଆଇଏଫଏମଏସ୍) ପ୍ରଦାନ ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 12, 2026 ଅପରାହ୍ଣ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**DIRECTORATE OF AVIATION**
**GOVERNMENT OF ODISHA**
**NOTICE**

**File No. TRN-AV-GEN0083-2024-15142/T** **Date: 05.12.2025**

No. J-04: The Directorate of Aviation recruitment notice published vide Recruitment Notice No. OIPR-38001/11/0029/2526 on 09.05.2025 with respect to recruitment of Director of Aviation, Deputy Director-Operation and Protocol, Assistant Director-Business Development & Flight Operation and Senior Executive - MIS is hereby cancelled. It is further clarified that the recruitment for the posts of Accountable Executive, Terminal Manager and Safety Manager as advertised in the same notice, shall remain unaffected and will not be cancelled.

All applications submitted for the post of Director of Aviation, Deputy Director-Operation and Protocol, Assistant Director - Business Development & Flight Operation and Senior Executive - MIS as per recruitment Notice No. OIPR-38001/11/0029/2526 shall not be considered.

* Candidates are advised to visit the official website of the Commerce & Transport Department **(https://ct.odisha.gov.in/)** for detailed information regarding any future vacancies. Any queries may be submitted through the email address provided below.

**ADDRESS:**

**Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, PIN - 751020, E-mail: orissa_aviation@yahoo.com, transcivilaviation@gmail.com.**

**Sd./- Officer on Special Duty**
**OIPR-38001/11/0047/2526 Directorate of Aviation, Bhubaneswar**



इंडियन बैंक Indian Bank | इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଭଦ୍ରକ ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡା / **ସହ-ଋଣଗ୍ରହୀତା: ନିରୁପମା ପଣ୍ଡା,** ସ୍ୱାମୀ: ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ବାରିକପୁର, ଜିଲ୍ଲା: ଭଦ୍ରକ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ,** ପିତା: କୈଳାସ କୁମାର ପ୍ରଧାନ, ସା: ସାମରାଏପୁର, ପୋ: ଗେଲପୁର, ଜିଲ୍ଲା: ଭଦ୍ରକ | ଟ.୧୭,୪୪,୨୩୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୦୫.୧୨.୨୦୨୫ | **ପ୍ରସନ୍ନ କୁମାର ପଣ୍ଡା,** ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୭/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |

**ସ୍ଥାନ: କଟକ, ତାରିଖ : ୦୬.୧୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ଉପଯୋଗ ଜରୁରୀ: ରାଜ୍ୟପାଳ

■ ୩୯ଜଣଙ୍କୁ ପିଏଚ୍‌ଡି ଓ ୩୦୫୯ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ
■ ୨୧ଜଣଙ୍କୁ ଭିଜିଟର୍ସ, ସ୍ମାରକୀ ଓ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ



ଉତ୍ସବରେ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଣେ ଛାତ୍ରଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୭।୧୨ (ଅନୁରାଧା ମହାରଣା)

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ କହିଲେ, ନୂତନତାକୁ ଆପଣେଇବା ଓ ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ପଡ଼ିବ। ଆଜିର ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ଦେଶର ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଦୃଶ୍ୟପଟ୍ଟକୁ ଆକାର ଦେବା ପାଇଁ ସେମାନଙ୍କୁ ନେତୃତ୍ୱ ନେବାକୁ ପଡ଼ିବ। ଛାତ୍ରଛାତ୍ରୀମାନେ ପାଠପଢ଼ା ପଢ଼ନ୍ତା ସହ ଗବେଷଣାକୁ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ସମସ୍ୟାର ବିକାଶ ଓ ଅର୍ଥନୈତିକ ସହାୟକ ହୋଇପାରିବ। ନିଯୁକ୍ତି ପଛରେ ନ ପଡ଼ି, ନିଯୁକ୍ତି ପ୍ରଦାନକାରୀ ହେବାକୁ ଚେଷ୍ଟା କରନ୍ତୁ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ କହିଲେ, ଆବିଷ୍କାରମୂଳକ ଶିକ୍ଷା ଓ ଦକ୍ଷତାଭିତ୍ତିକ ତାଲିମ ମାଧ୍ୟମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀଙ୍କ ବିକାଶ ଲକ୍ଷ୍ୟ ରଖିଛି। ଇସ୍ରୋ ସ୍ପେସ କମିଶନ ଅଧ୍ୟକ୍ଷ ତଥା ସ୍ପେସ ମନ୍ତ୍ରଣାଳୟର ସଚିବ ଡ. ଭି ନାରାୟଣ କହିଲେ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ତା'ର ଗୁଣାତ୍ମକ ଶିକ୍ଷାଦାନ ପ୍ରତି ସବୁବେଳେ ପ୍ରତିଶ୍ରୁତିବଦ୍ଧ। ନୂତନତା ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ସଶକ୍ତ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟସେବା, ଉଦ୍ୟୋଗିତା, ସାମାଜିକ ବିକାଶ କିମ୍ବା ସେମାନେ ବାଛିଥିବା ଯେକୌଣସି କ୍ଷେତ୍ରରେ ନିଶ୍ଚିତ ଭାବେ ସାର୍ଥକ ଅବଦାନ ଦେବେ। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଡିଆରଡିଓ)ର ମହାନିର୍ଦ୍ଦେଶକ ଡ. ବିକେ ଦାସ କହିଲେ, ଆମ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି। ଏହା ନୂତନତା, ବିକାଶ ଏବଂ ବିଶ୍ୱ ପ୍ରଭାବରେ ଅଗ୍ରଗତି କରୁଛି। ତେଣୁ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ମୂଲ୍ୟବୋଧ ଓ ନୈତିକତା ସହିତ ଆଗକୁ ବଢ଼ନ୍ତୁ। ଏହି ଅବସରରେ ୩୯ଜଣ ପିଏଚ୍‌ଡି ସ୍କଲାର୍ ଏବଂ ପୂର୍ବ ବ୍ୟାଚ୍‌ର ୧୩ ଜଣ ଛାତ୍ରଛାତ୍ରୀ ଓ ୨୦୨୫ ଗ୍ରାଜୁଏଟ ବ୍ୟାଚ୍‌ର ୩୦୫୯ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ବି.ଟେକ ଇଞ୍ଜିନିୟରିଂ (ମେରାଇନ)ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓନିମେୟ ପ୍ରିମ୍ବିଆ ଅଜାକାଙ୍କୁ 'ଭିଜିଟର୍ସ ଗୋଲ୍ଡ ମେଡାଲ' ପ୍ରଦାନ କରାଯାଇଛି। ସେହିପରି ମାଷ୍ଟର ଅଫ୍ ଫାର୍ମାସିରେ ଶ୍ରେଷ୍ଠ ମହିଳା ସ୍ନାତକ ଭାବେ ସଙ୍ଗୀତା ଘୋଷଙ୍କୁ 'ଧୀରେନ ପଟ୍ଟନାୟକ ସ୍ମାରକୀ ଗୋଲ୍ଡ ମେଡାଲ', ସ୍କୁଲ ଅଫ ମ୍ୟାନେଜମେଣ୍ଟରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ସାକେତ ରାଜଙ୍କୁ 'ପିଟର ରେଜିଙ୍କ ସ୍ମାରକୀ ଗୋଲ୍ଡ ମେଡାଲ' ଓ ଆଲାଏଡ୍ ହେଲ୍‌ଥକେୟାର୍ ସାଇନ୍ସେସର ଶ୍ରେଷ୍ଠ ସ୍ନାତକ ଭାବେ ଅର୍ପିତା ମହାପାତ୍ରଙ୍କୁ 'ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଗୋଲ୍ଡ ମେଡାଲ'ରେ ସମ୍ମାନିତ କରାଯାଇଛି। ଏଥିସହ ୧୭ଜଣ ଛାତ୍ରଛାତ୍ର ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ ଏବଂ ୪୩ ଜଣଙ୍କୁ 'ମେରିଟ ଆୱାର୍ଡ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ଡି. ଏନ୍. ରାଓ, କୁଳସଚିବ ପ୍ରଫେସର ଅନିତା ପାତ୍ର ଓ ପ୍ରୋ-ଭାଇସ ଚାନ୍ସେଲର ଡ. ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## OFFICE OF THE NOTIFIED AREA COUNCIL, KANTABANJI
No.1836/Dt.03.12.2025
NO.C-1689
**e-Procurement Notice**
**Bid Identification No.-NAC-KBJ-003/2025-26**

Name of the work for which tender invited : **Extension of Administrative Building, Sale Counter and Co-compost shed and other ancilary structure inside existing SETP at Notified Area Council Kantabanji**
No. of Works : 1 No.
Project Cost : 64.46 Lakhs
Period of Completion : As per DTCN
Date & Time of Availability of RFP in the Online Portal : From Dt.05.12.2025, 11:00 A.M. to Dt.26.12.2025, 05:00 P.M.
Last date & time of receipt of Bid through online Portal : Dt.26.12.2025 upto 05:00 P.M.
Deadline for Submission of Clarification : From Dt.05.12.2025, 11:00 A.M. to Dt.12.12.2025, 05:00 P.M.
Opening of Bid documents : Dt.30.12.2025 at 11:00 A.M.
The bidder has to participate in online bidding only : https://tendersodisha.gov.in
Further details are available in the website :

Sd./- Executive Officer
Kantabanji NAC
OIPR-13111/11/0008/2526

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ – ୦୬୮୧୧ – ୨୮୦୦୨୫, ଟୋଲଫ୍ରି – ୧୪୪୨୦
At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420
Email : hinjilicutmunicipality@gmail.com
: Hinjilicut Municipality, : Hinjilicutmunicipality
Letter No. 3111/Dev. Date : 04.12.2025
**E-Procurement Notice No. - HIN-MUN-04/2025/26**
**No.C-1684** : The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.
1. Total Number of Civil works — 34 Nos.
2. Period of completion — As per DTCN
3. Date & time of availability of Bid Documents in the portal — From 10.00 A.M. of Dt.07.12.2025 to 5.00 P.M. of Dt.18.12.2025 for online bidding
4. Last date of receipt of Bid through Online — Dt.18.12.2025 of upto 5.00 P.M.
5. Date of opening of Bid — Dt.19.12.2025 at 11.00 A.M.

Further details can be seen from the procurement portal : https://tendersodisha.gov.in
Sd./- Executive Officer
Hinjilicut Municipality
OIPR-13105/11/0024/2526

## OFFICE OF THE SUPERINTENDENT, CHC, KUJANGA, JAGATSINGHPUR
**Tender Call Notice for Hiring of RBSK Vehicle**
Advt. No. : 688 Dated : 05.12.2025
**No.E-572** : Sealed Tenders are invited from interested eligible bidders (individuals/Tour Operators / travel Agency) for hiring of vehicles (Mahindra TUV/Bolero/ Scorpio etc.) for CHC Kujanga, Jagatsinghpur on a monthly basis. The eligible criteria, the terms of reference and the formats for submission of bids are available in Jagatsinghpur district website, i.e https://jagatsinghpur.odisha.gov.in The details of proposal(s) complete in all respect super scribing "Tender for hiring of vehicles on rental (Monthly basis) for ______ place/Purpose _____ " on the envelope should reach the office of the Superintendent, CHC Kujanga, Jagatsinghpur on or before **Dt: 19.12.2025 till 5 PM** through speed post / regd. Post / courier only. The technical & Financial bids shall be opened at the office of the Superintendent, CHC Kujanga, Jagatsinghpur on **Dt: 20.12.2025 at 11 AM.** The authority reserves the right to reject any or all proposals without assigning any reason thereof.
Sd./- Superintendent
CHC, Kujanga, Jagatsinghpur
OIPR-10267/11/0002/2526

## PANCHAYAT SAMITI OFFICE, LATHIKATA
**INVITATION FOR BIDS**
**Bid Identification No. BDO/LKT/02/2025-26**
**Letter No. 3418** **Dt.01.12.2025**
No. i-410: The Panchayat Samiti Office, Lathikata on behalf of the Govt. of Odisha invites Percentage Rate bids in Single Cover System on Online mode. Bid identification No. BDO/LKT/02/2025-26 for 03 Nos. Civil work with value of Rs.12.76 Lakh to 42.49 Lakh.
1. Bid documents will be available in website **www.tendersorissa.gov.in** from 06.12.2025.
2. Bid must be submitted on "Online" on or before 16.12.2025 by 17.00 hours.
3. Bids shall be opened at 11.00 hours on 18.12.2025 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

Sd./- Block Development Officer, Lathikata
OIPR-19036/11/0007/2526

## OFFICE OF THE MUNICIPAL COUNCIL : JEYPORE
Phone No. : 06854-231098, e-Mail : ulbjeypore@gmail.com
Letter No.5102 Date : 05.12.2025
**Advertisement for Expression of Interest (EOI) for selection of Self-help groups for O&M of ESTP under Jeypore Municipality**
**No.C-1706** : Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ ALFs for O&M of ESTP.

| Sl. No. | Particulars | Details |
|---|---|---|
| 1 | Availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date and time | 06.12.2025, 10.00 A.M. |
| 3 | Last date and time of submission of EOI | 20.12.2025, 5.00 P.M. |
| 4 | Start date and time of opening EOI and venue | At the chamber of the Executive Officer of Jeypore Municipality |

- The authority reserves the right to reject any or all the EOIs without assigning any reason thereof.
- Any change, correction/corrigendum in respect of the above shall be placed on the website.

Sd./- Executive Officer,
Jeypore Municipality
OIPR-13079/11/0076/2526

## OFFICE OF THE MUNICIPAL COUNCIL, TALCHER
**'e' - Procurement Notice**
**Tender Reference No. TCRM-09/2025-26**
**Bid Identification No.2025_ORULB_122532**
**No.4149/Dt.02.12.2025**
**No.C-1686** : Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20 website i.e. **www.tendersorissa.gov.in**
1) Name of the Work : Civil work as mentioned in the website
2) No. of works : 16 Nos.
3) Eastimated Cost : Rs.1.25 to 36.12 lakhs
4) Period of Completion : As per DTCN
5) date & time of availability of Bid document in the portal : Dt.04.12.2025 at 4.00 P.M.
6) Last date & time for receipt of Bid in the portal : Dt.15.12.2025 at 5.00 P.M.
7) Date of Opening Bid : Dt.16.12.2025 at 11.00 A.M.
8) Name & Address of the Officer inviting the bid : Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in
Sd./- Executive Officer
Talcher Municipality
OIPR-13077/11/0069/2526

## OFFICE OF THE NOTIFIED AREA COUNCIL, DHARMAGARH
DIST - KALAHANDI, PIN - 766015
**'e'-Procurement NOTICE**
**Bid Identification No. DHM / 03 / 2025-26**
**No.C-1682** : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Number of Civil Works : **05 (Five) numbers**
2. Estimated Costs : **2.21 Lakh to 11.58 Lakh**
3. Period of Completion : As per NIT
4. Date and time of availability of the bid documents in the Portal : **From 03.00 P.M. of 04.12.2025 to 05.00 PM of 17.12.2025**
5. Last Date/Time for rceceipt of bids in the Portal : **05.00 PM of 17.12.2025**
6. Bids will be opened on : **11.00 AM of Dt.19.12.2025**
7. Name and address of the Officer Inviting Bid : **Executive Officer, Dharmagarh NAC**

Sd./- Executive Officer
Dharmagarh NAC
OIPR-13163/11/0019/2526

## PANCHAYAT SAMITI, BELPADA
Email Id: ori-belpada@nic.in
**E-Procurement Notice**
No. i-412: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Tender Reference No. : 3/2025-26
2. Bid Identificatio No. : 2025_PRBBP_122582_1_1 to 8
3. Name of the work : As mentioned in DTCN
4. No. of Works : 08
5. Estimated Cost : As per DTCN
6. Period of Completion : As per DTCN
7. Date & time of Bidding through online only : 05.12.2025 at 11 A.M. to 15.12.2025 upto 02.00 P.M.
8. Last date & time for receipt of bids in the portal : 15.12.2025 upto 02.00 P.M.
9. Opening of Price Bid : 15.12.2025 at 02.30 P.M.
10. Name and address of the Officer Inviting Bid : Panchayat Samiti, BELPADA

Further details can be seen from the procurement portal i.e. **https://www.tendersorissa.gov.in**.
OIPR-19110/11/0006/2526 Sd./- BDO, Belpada

## OFFICE OF THE DIVISIONAL HEAD, WS & EC DIVISION-II, IDCO, IDCO TOWERS, BHUBANESWAR-751022
idco | ODISHA NEW OPPORTUNITIES No.CAD-2612
Tender Call Notice No. WS/EC-II/D-1902/01/2025-26/2048 Dated : 26.11.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of work (Approx) | Period of Completion |
|---|---|---|---|
| 1 | Laying and interconnecting the existing pipeline for water supply to different unita like Mogll lab, Sova Solar & BMDM at AAPPL, Angul | ₹ 22.65 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-II, IDCO, IDCO Towers, Bhubaneswar-751022 | BID ID No.- WS & EC-II/D-4/2025-26 | 17:00 Hours of dt.12.12.2025 | 17:00 Hours of dt.23.12.2025 |

Further details can be seen from the e-procurement portal, **www.tendersodisha.gov.in**. Corrigendum or addendum if any will not be published in newspapers and can only be seen in the e-procurement portal **www.tendersodisha.gov.in** as well as IDCO website **www.idco.in**
Sd./- Divisional Head
WS&EC Division-II, IDCO, Bhubaneswar
OIPR-14003/11/0257/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
**(AUCTION SALE NOTICE)**
**No. 7444** **Date: 04.12.2025**
No. E-569: Sealed quotations are invited from prospective bidders (have valid PAN & GST Number) for auction sale of different condemned equipment's, furniture, instruments etc. of DHH Dhenkanal as a whole. The prospective bidders can avail the detailed list with term & condition from the Office of the undersigned and inspect the said items (Physically) during office working days from 11 A.M. to 12.00 P.M. The details, terms and conditions, guidelines etc. including bid paper format can be downloaded from the district website **www.dhenkanal.nic.in**. The bidders in the prescribed format along with all relevant documents for DHH, Dhenkanal should reach the office of the undersigned on Dt.15.12.2025, 12.00 P.M. through Speed Post/Courier only. The envelope should be duly superscribed on top of envelope as "Revised auction for different condemned equipment, furniture, instruments etc. of DHH Dhenkanal". The bid will be opened on Dt.16.12.2025 at 11.30 A.M. The undersigned reserves the right to reject any or all the bids/tenders without assigning any reason thereof.
Sd./- Chief District Medical &
Public Health Officer, Dhenkanal
OIPR-10059/11/0028/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH
(Department of Housing & Urban Development, Government of Odisha)
At/PO./PS. : Titilagarh, Dist : Balangir - 767033, e-mail : titilagarhmunicipality@gmail.com
**No.3546/Date : 03.12.2025**
**QUOTATION CALL NOTICE**
**No.C-1671** : Sealed Quotations are invited from the intending surveyor firm for conducting Drone survey, Hydrographic survey for rejuvenation of water bodies under jurisdiction of Titilagarh Municipality as detail scheduled mentioned below.
1. Last date of selling of tender document : upto 17.00 hrs on dated 11.12.2025
2. Last date of offline submission of technical and financial bid receiving of tender document : upto 17.00 hrs on dated 12.12.2025
3. Date and time of opening of bid : At 11.00 hrs on dated 13.12.2025 at Titilagarh Municipality
4. Cost of paper : Rs.600/- (Non-refundable) (Demand Draft from any scheduled bank should be in favour of Executive Officer, Titilagarh Municipality payable at Titilagarh)

The details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.
The undersigned reserves the right to accept or reject any or all the Quotations without assigning reason thereof.
Sd./- Executive Officer,
Titilagarh Municipality
OIPR-13095/11/0036/2526

E-mail: eemijharsuguda@gmail.com
## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA
**'e' Procurement Notice**
**Bid Identification No. SE MID JSD 10/2025-26**
eemijharsuguda@gmail.com
No. 3155 // MID // Date: 05.12.2025
No. A-1069: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of the works : Civil Construction work
2. Total No. of works : 04 (Four) Nos.
3. Estimated Cost (Detail list of work annexed) : Rs.88.62 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0023/2526 Sd./- Superintending Engineer, M.I. Division, Jharsuguda

## Government of Odisha
No.B-771
**"e" Procurement Notice**
## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA
E-mail ID : sepwdrgda1@gmail.com
**Bid Identification No. : RC (RANDB) RGD 18/2025-2026**
**(Single Cover-Online tender)**
**File No. E-II-C8-28/2025 No.10711 Dated 28.11.2025**
1. No. of the works : 01 (One) Shifting of Utility Work (Electrical) only
2. Estimated Cost : Rs.47.87 Lakh
3. Cost of document : Rs.6,000/- for each work
4. Bid Security : Rs.47,900/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 09.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I
OIPR-34040/11/0018/2526

## OFFICE OF THE NOTIFIED AREA COUNCIL, CHANDBALI
PIN - 756133 (ODISHA)
E-Mail: chandbali.nac@gmail.com
Letter No. 3081 Dt.: 26.11.2025
**CORRIGENDUM**
No. C-1592: With reference to the Tender Call Notice No. 2945/CN-01-2025-26, Dt.11.11.2025 for 81 Nos. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and time of availability of bid documents at the Municipality Office | From 11.00 A.M. of 15.11.2025 to 5.30 P.M. of 27.11.2025 | From 11.00 A.M. of 15.11.2025 to 5.30 P.M. of 06.12.2025 |
| 2 | Last date and time for receipt of bids | 28.11.2025 by 5.30 P.M. | 09.12.2025 by 5.30 P.M. |
| 3 | Date and time of Opening of bids | 29.11.2025 by 11.00 A.M. | 10.12.2025 by 11.00 A.M. |

All other terms and conditions remain unchanged.
Sd./- Executive Officer, Chandbali NAC
OIPR-13129/11/0012/2526

E-mail: eemijharsuguda@gmail.com
## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA
**'e' Procurement Notice**
**Bid Identification No. SE MID JSD 09/2025-26**
eemijharsuguda@gmail.com
No. 3127 // MID // Date: 05.12.2025
No. A-1063: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of the works : Civil Construction work
2. Total No. of works : 05 (Five) Nos.
3. Estimated Cost (Detail list of work annexed) : Rs.41.03 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0025/2526 Sd./- Superintending Engineer, M.I. Division, Jharsuguda

## OFFICE OF THE MUNICIPAL COUNCIL, KEONJHARGARH
email: keonjharm.hud@rediffmail.com
**Invitation for Bids (IFB), 'e' Procurement NOTICE**
**Bid Identification No. ODULB_KGM-19/2025-26**
**Letter No. 9633/KGM** **Date: 05.12.2025**
No. C-1700: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single Cover System, through e-Procurement.

| | | | |
|---|---|---|---|
| 1. | Nature of Work | : | Civil Work |
| 2. | No. of Work | : | 45 Nos. |
| 3. | Value of Works | : | Rs.3,55,200/- to 30,48,000/- |
| 4. | Date & time of availability of Bid document in the portal | : | From 08.12.2025 at 11.00 A.M. upto 18.12.2025 at 5.30 P.M. |
| 5. | Date of opening of bid in portal | : | 19.12.2025 at 11.00 A.M. |
| 6. | Name & address of the Officer in Inviting Bid | : | EO, Keonjhargarh Municipality |

Further details can be seen from website: **www.tendersorissa.gov.in.**
Sd./- Executive Officer
Keonjhargarh Municipality
OIPR-13115/11/0055/2526

## OFFICE OF THE NOTIFIED AREA COUNCIL, NILGIRI, DIST-BALASORE
Ph-06782-233259, e-Mail-ID : nilgirinac.balasore@gmail.com
Letter No.5093/Date : 03.12.2025
**EXPRESSION OF INTEREST**
**No.C-1675** : Executive Officer, on behalf of Nilgiri NAC invites Expression of Interest from the Registered/Experienced/Reputed Consultants/Architects having valid Income Tax and GST Registration Certificates for Preparation of Detailed Project Report (DPR) for **"Beautification of Sankarakhunta Pond and surrounding area / Construction of Market Complexes/Construction Town Hall Building & for other Development Work as and when required by Nilgiri NAC" including soil testing if required"**.
Preference shall be given to those consultants who have already rendered similar type of services to various urban local bodies of Odisha State Government. The EOI paper along with all documents shall be received in the office of the Executive Officer, Nilgiri NAC through Regd. Post/Speed post or by person on or before **dt.12.12.2025 up to 4.30 PM and the same will be opened on dt.15.12.2025 at 11.30 AM** in the presence of the quotationer or their authorized representative. The EOI received beyond the schedule date and time will not be considered at all. The interested firm should enclose copy of experience of doing similar nature of work, copy of GST Registration, copy of PAN card and firm Registration certificate. The EOI must be accompanied with Bank Draft amount of Rs. 10000/- (Rupees Ten Thousands) only drawn in favour of the Executive Officer, Nilgiri NAC., towards the cost of Tender paper and EMD @1.0 % of quoted value only in favour of the Executive Officer, Nilgiri NAC payable at any Nationalized Bank.
The undersigned has reserves the rights to accept/cancel/reject any or all the EOI without assigning any reason thereof.
**Exemption in EMD for Micro & Small Enterprises registered with NSIC/MSME:** The micro and small enterprises registered with the NSIC/MSME are exempted from the submission of EMD/ Bid Security Deposit on production of requisite proof in the form of valid certification from NSIC/MSME for the tendered item/services. Micro and small enterprises having Udyog Aadhaar Memorandum are also entitled for the above exemption for which submission of valid memorandum certificate is must.
Further details can be seen from the Nilgiri NAC website www.nilgirinac.in.
Sd./- Executive Officer
Nilgiri NAC
OIPR-13179/11/0041/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER NUAPADA IRRIGATION DIVISION, NUAPADA
**e-Procurement Notice No. (NID) 02/2025-26**
**No. A-1055** **e-mail address: ee.npd.irr@gmail.com**
**PERCENTAGE RATE e-TENDER**
1. The Superintending Engineer, Nuapada Irrigation Division, Nuapada, Dist.: Nuapada, PIN - 766105, Odisha on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below, which are eventually to be drawn on P1 agreement.

| | |
|---|---|
| Package No. | BID ID No. (NID) 24/2025-26 |
| Nature of Work | 01 (One) Road Work |
| Approximate value of work | Rs.84.18 lakhs (Excluding GST) |
| Period of Completion | 08 (Eight) Calendar Months |
| Classification of Bidder | 'B' Class Contractor only |
| Bid documents available date and time | From 09.12.2025 10.00 A.M. to 19.12.2025 upto 5.30 P.M. |
| Bid clarification start date & closing date | From 09.12.2025 10.00 A.M. to 19.12.2025 upto 5.30 P.M. |
| Date, time and venue of opening of Technical bid online | 20.12.2025 at 10.00 A.M. in office of the Superintending Engineer, Nuapada Irrigation Division, Nuapada |
| Date/time of opening of Financial Bid online | To be intimated after evaluation of Technical Bid |
| If stipulation arises the tender will be decided through Lottery System | To be intimated after opening of Financial Bid |

Further details can be seen, any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in** only.
Sd./- Superintending Engineer
Nuapada Irrigation Division, Nuapada
OIPR-32026/11/0005/2526

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR
No.B-798
E-mail : eeroads.khr@rediffmail.com
**No. 6312 Date : 02.12.2025**
**Invitation For Bids**
**Bid Identification No. SER&BKHR-17/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only | |
| 2 | Nature of work | Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | 02 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 09.12.2025 to 17.00 hours of 20.12.2025 |
| 7 | Date of opening of Technical Bid | Dt.22.12.2025 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division,
Khariar
OIPR-34062/11/0051/2526

# ଗୋପାଳପୁରରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ

- ବୁଣାକାରଙ୍କ ସହ ଆଲୋଚନା କଲେ, ସମସ୍ୟା ଶୁଣିଲେ
- ଗୋପାଳପୁରକୁ ବୟନ ଗ୍ରାମ ଘୋଷଣା ଦାବି ଉଠିଲା

**ରସୁଲପୁର,୭।୧୨(ରଞ୍ଜିତ ରାଉତ):**

ଯାଜପୁର ଜିଲାର ବୁଣାକାର ଗାଁ ଭାବେ ପରିଚିତ ଗୋପାଳପୁରରେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ରବିବାର ପୂର୍ବାହ୍ନ ୧୦ଟାରେ ପହଞ୍ଚି କାରିଗରମାନଙ୍କ ସହ ଆଲୋଚନା କରିଛନ୍ତି।

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ଏହି ଗାଁରେ ୧୮ ବୁଣାକାର ସମିତି କାର୍ଯ୍ୟ କରୁଛି। ଏହା ଜାଣିବା ପରେ ସଚିବ ବସ୍ତ୍ର ପ୍ରସ୍ତୁତି କାରଖାନାଗୁଡ଼ିକୁ ବୁଲି ଦେଖିଛନ୍ତି। ମା'ତାରିଣୀ ବୁଣାକାର ସମିତିରେ ପହଞ୍ଚି କୋଷାରୁ ସୂତା, ସୂତାରୁ ଲୁଗା ବୁଣିବା ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟକୁ ଅନୁଧ୍ୟାନ କରିଛନ୍ତି। କେତେଜଣ କାରିଗର କରୋନା ପରଠାରୁ ସୁରଟରୁ ଆସି ଗାଁରେ ଲୁଗା ବୁଣିବାରେ ନିୟୋଜିତ ହୋଇଥିବା ଆଲୋଚନାବେଳେ ସଚିବ ଜାଣିବାକୁ ପାଇଛନ୍ତି। ସୁରଟର ସୂତାକଳ ଓ ନିଜ ଗାଁରେ ହାତରେ ଲୁଗା ବୁଣିବା ଏବଂ ସୂତାକାଟିବା ଆଦି କାମ କରିବାର ଫରକ କ'ଣ ବୋଲି ସଚିବ କାରିଗରଙ୍କୁ ପଚାରି ବୁଝିଛନ୍ତି। କାରିଗର ଗାଁରେ କାମ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ମଜୁରି ବୃଦ୍ଧି କରିବାକୁ ଦାବି କରିଛନ୍ତି। କାରିଗରଙ୍କ ଦକ୍ଷତା ବୃଦ୍ଧି ପାଇଁ ଆହୁରି ଅଧିକ ତାଲିମ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ବୁଣାକାର ନେତା ରମେଶ ଚନ୍ଦ୍ର ଦାସ, ଅଶୋକ ଗୁଇଁଙ୍କ ସମେତ ଅନ୍ୟ ବହୁ ବୁଣାକାର ନେତାଙ୍କ ସହ ସଚିବ ଆଲୋଚନା କରିଛନ୍ତି। ବୁଣାକାର ବ୍ୟବହାର କରୁଥିବା ଟସର, ମୁଗା, ମଲବରୀ, ଏରୀ ଓ କରୁଣା ସିଲ୍କ ଭଳି ୫ ପ୍ରକାର ସୂତାର ବ୍ୟବହାର ଏବଂ ସେଥିରୁ ଉତ୍ପାଦିତ ବସ୍ତ୍ର ସମ୍ପର୍କରେ ସଚିବ ଅବଗତ ହୋଇଛନ୍ତି। ବୁଣାକାରଙ୍କୁ ଛାତ ଉପରେ କର୍ମଶାଳା ନିର୍ମାଣ ପାଇଁ ଅନୁମତି ପ୍ରଦାନ, ବରିଷ୍ଠ ବୁଣାକାରଙ୍କୁ ବର୍ଦ୍ଧିତ ହାରରେ ଭତ୍ତା, ନୂତନ ଜ୍ଞାନକୌଶଳ ବିନିଯୋଗ, ଗୋପାଳପୁରକୁ ବୟନ ଗ୍ରାମ ଘୋଷଣା କରିବା ପାଇଁ ବୁଣାକାରମାନେ ଦାବି କରିଛନ୍ତି।

ମା' ତାରିଣୀ ବୁଣାକାର ସମିତି ସଭାନେତ୍ରୀ ରେବତୀ ଗୁଇଁ, ମା' ମଙ୍ଗଳା ସଭାନେତ୍ରୀ ନିରୁପମା ଦାସଙ୍କ ସହ ସଚିବ ଆଲୋଚନା କରି ମହିଳା ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ସଚିବ ବିଭିନ୍ନ ୟୁନିଟ୍ ପରିଦର୍ଶନ ସମୟରେ କାରିଗରି, ବସ୍ତ୍ରର ଗୁଣବତ୍ତା, ଡିଜାଇନ ଆଦିକୁ ପ୍ରଶଂସା କରିବା ସହ ବୁଣାକାରଙ୍କ ସମସ୍ୟା ଦୂର କରିବା ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ବ୍ୟୟବରାଦ ୫ଗୁଣା ବଢ଼ାଇ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରସ୍ତାବ ଆସିଲେ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଗୋପାଳପୁର ଛକର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମିଶନଶକ୍ତି କାଫେ ନିକଟରେ ବୟନ ଗ୍ରାମ ନିର୍ମାଣ ପାଇଁ ୧.୯ ଏକର ଜମି ଚିହ୍ନଟ କରାଯାଇଛି ବୋଲି ସଚିବ ଅବଗତ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ଉକ୍ତ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

ତାଙ୍କର ଏହି ପରିଦର୍ଶନ ସମୟରେ ଯାଜପୁର ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ (ସାଧାରଣ ପ୍ରଶାସନ) ଯୁଧିଷ୍ଠିର ନାଏକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା, ବିଡିଓ ସତ୍ୟାନନ୍ଦ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବିଶ୍ୱାଳ, ବ୍ଲକ ପ୍ରୋଗ୍ରାମ ପରିଚାଳିକା ସୁପ୍ରଭା ଜେନା, କଟକ ବୟନ ମଣ୍ଡଳ ପକ୍ଷରୁ ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର, ସୁପରଭାଇଜର ସୁନିଲଲାଲ ମଣ୍ଡଳ, ଏସ୍‌ଆର୍‌ଏସ୍ ଦୁଷ୍ମନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଲୁଗାବୁଣା କାର୍ଯ୍ୟ ଦେଖୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବିଧାୟକ ଅମର କୁମାର ନାୟକ ରବିବାର ବଡ଼ଚଣା ବ୍ଲକ୍ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ଦର୍ପଣସ୍ଥିତ ଲାଲବାହାଦୁର ହାଇସ୍କୁଲଠାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହାପରେ ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଦର୍ପଣ ସ୍ଥିତ କୋଲସାହି ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କୁମାରଖାଟ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବନ୍ତଳା ପଞ୍ଚାୟତର ବରୀ–ଠେଙ୍ଗଡ଼ାଠାରୁ ଉପ୍ପଳା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଚଣ୍ଡିଖୋଲର ୨ ଯନ୍ତ୍ରୀ ଶୁଭ୍ରାଂଶୁ ଦାସ ଓ ଶୁଭଶ୍ରୀ ରାଉତ ଉପସ୍ଥିତ ଥିଲେ। ଆଉ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଗମନାଗମନର ଅସୁବିଧା ରହିବ ନାହିଁ ବୋଲି ବିଧାୟକ କହିଥିଲେ।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଅମର ନାୟକ ଓ ଅନ୍ୟମାନେ।

# କାଶୀନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବରୀ,୭।୧୨(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅଧୀନ କାଇପଡ଼ା କାଶୀନାଥ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ କ୍ରୀଡ଼ା ଉତ୍ସବ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପଦାକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ର ନିଜକୁ ଜଣେ ପ୍ରତିଭାବାନ ଖେଳାଳି ଭାବେ ଉପସ୍ଥାପିତ କରିବାର ଏହି ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ଉତ୍ସବକୁ କ୍ରୀଡ଼ା ଶିକ୍ଷକ ଦେବବ୍ରତ ପତି ପରିଚାଳନା କରିଥିଲେ। କପିଳ ଚନ୍ଦ୍ର ମହାନ୍ତି, କିଶୋର ସାହୁ, ଅରୁଣ ଦାସ, ପ୍ରଦୀପ ରାଉତ ଓ ସସ୍ମିତା ସାମଲଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଛାତ୍ର ବିଶ୍ୱଜିତ ମଲ୍ଲିକ ଓ ଛାତ୍ରୀ କ୍ରିଷ୍ଣାପ୍ରିୟା ମଲ୍ଲିକ ଚାମ୍ପିୟନ ହୋଇଥିଲେ। ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଛାତ୍ର ଶୋଭକାନ୍ତ ଦାସ ଓ ଛାତ୍ରୀ ଚିନ୍ମୟୀ ପାତ୍ର ଚାମ୍ପିୟନ ହୋଇଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।



କାଶୀନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

# ନିମ୍ନମାନ ରାସ୍ତା କାର୍ଯ୍ୟର ତଦନ୍ତ ଆରମ୍ଭ



ଦବି ଯାଇଥିବା ରାସ୍ତା ଖୋଳାଯାଇ ତଦନ୍ତ କରାଯାଉଛି।

**ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ପୂର୍ତ୍ତ ବିଭାଗ ଚାରବାଟିଆ ଡିଭିଜନ ଅଧୀନ ବଡ଼ଚଣା ସବ୍‌ଡିଭିଜନର ୫୩ନଂ. ଜାତୀୟ ରାଜପଥଠାରୁ ବାଲିଚନ୍ଦ୍ରପୁର ବଜାର ବାଇପାସ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରବିବାର ସକାଳେ ଯେଉଁ ସ୍ଥାନ ଫାଟିଥିଲା ଓ ଦବ ଯାଇଥିଲା ସେହି ସ୍ଥାନକୁ ଖୋଲି ପିଚୁ, ବଜୁରୀ ଓ ମାଟି ତାଡ଼ି ନମୁନା ପରୀକ୍ଷା କରାଯାଇଛି। ଏହି କାମ କରିଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

ମାତ୍ର ୪୮୦ ମିଟର ରାସ୍ତା ପାଇଁ ୧ କୋଟି ୭୨ ଲକ୍ଷ ୧୫ ହଜାର ୭୨୫ ଟଙ୍କା ବ୍ୟୟବରାଦ ହୋଇ ଚୁକ୍ତି ହୋଇଥିଲା। ରାଜେଶ ସାହୁ ନାମକ ଠିକାଦାର ଚୁକ୍ତିକରି କାମ ଆରମ୍ଭ କରିଥିଲେ। ୨୦୨୩–୨୪ ଆର୍ଥିକ ବର୍ଷରେ ଟେଣ୍ଡର ହୋଇଥିଲା। ୨୦୨୪ ଫେବୃଆରୀ ୧୫ରୁ କାମ ଆରମ୍ଭହୋଇ ୨୦୨୪ ଅଗଷ୍ଟ ୧୪ରେ କାମ ଶେଷ ହେବାରଥିଲା। ମାତ୍ର ଠିକାଦାର କାମ ନ କରି ପକାଇ ରଖିଥିଲେ। ଅବଧି ଶେଷ ହେବାର ୧ ବର୍ଷ ୪ ମାସ ପରେ ଅର୍ଥାତ ଗତ ନଭେମ୍ବରରେ ରାସ୍ତାର ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୫ ନଭେମ୍ବର ୨୯ରେ ପିଚୁ କାର୍ଯ୍ୟ ଶେଷ ହୋଇଥିଲା। ଡିସେମ୍ବର ୧ରେ ରାସ୍ତା ସର୍ବସାଧାରଣ ଯାତାୟାତ ପାଇଁ ରାସ୍ତା ଖୋଲାଯାଇଥିଲା। ମାତ୍ର ସେହିଦିନ ହିଁ ରାସ୍ତାରେ ଫାଟ ଦେଖାଦେଇ ଥିଲା ଓ ଗୋଟିଏ ସ୍ଥାନରେ ରାସ୍ତା ଦବିଯାଇଥିଲା। ଫଳରେ ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ୫ ତାରିଖରେ ଧରିତ୍ରୀରେ ଏକ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ନୂଆ ମାଟି ପକାଇ ସଙ୍ଗେସଙ୍ଗେ ପିଚୁ କରିବାରୁ ଏହା ଫାଟିଯାଇଛି। ତେଣୁ ସେସବୁକୁ ସମ୍ପୂର୍ଣ୍ଣ ଖନନ କରି ନୂଆକାମ କରିବା ପାଇଁ ଠିକାଦାରଙ୍କୁ କୁହାଯାଇଛି।

# 'ସାହିତ୍ୟର ଅନ୍ତୁଡ଼ିଶାଳ ଶିଶୁ ସାହିତ୍ୟ'

**ଧର୍ମଶାଳା,୭।୧୨(ବଟକୃଷ୍ଣ ପରିଡ଼ା):**

## ଶୁଭ ସକାଳ ଶିଶୁ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶୁଭସକାଳ ଶିଶୁ ସାହିତ୍ୟ ଅନୁଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ ଧର୍ମଶାଳା କଲେଜ ପରିସରରେ ରବିବାର ପାଳିତ ହୋଇଯାଇଛି। ସଭାପତି ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଡ. ଗୌରହରି ଦାସ ମୁଖ୍ୟଅତିଥି ଓ ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତାଭାବେ ଯୋଗଦେଇ ସାହିତ୍ୟର ଏନ୍ତୁଡ଼ିଶାଳ ଶିଶୁ ସାହିତ୍ୟ ବୋଲି କହିଥିଲେ। ପରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ଶୁଭ ସକାଳକୁ ଉନ୍ମୋଚନ କରିବା ସହ ରତ୍ନାକର ନାୟକଙ୍କ 'ଧୋ ରେ ବାୟା ଧୋ' ଏବଂ ରାଜକିଶୋର ପାଢ଼ୀଙ୍କ ପୁସ୍ତକ 'ଛବିର ଘର'କୁ ଲୋକାର୍ପଣ କରିଥିଲେ। ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ଶୁଭ ସକାଳ ସମ୍ମାନ, ଶିଶୁ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କୁ ବଂଶୀଧର ସେଠୀ ସାହିତ୍ୟ ସମ୍ମାନ, ଡା. ସୁମନ କଲ୍ୟାଣ ବେହେରାଙ୍କୁ ଡା. ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ଦନେଇ ସାହୁଙ୍କୁ ବଂଶୀଧର ସେଠୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ସେମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରହଲ୍ଲାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରିଥିଲେ। ଉପସଭାନେତ୍ରୀ ମିନତି ସାହୁ ସଭା ପରିଚାଳନା କରିଥିଲେ। ପଦ୍ମଜା ଶରଣ, ପ୍ରତିଭା ମଞ୍ଜରୀ ଦାଶ, ପ୍ରେମଲତା ମହାରଣା, ସବିତା ମିଶ୍ର, ପ୍ରତାପରୁଦ୍ର ପଣ୍ଡା, ଗଣେଶ୍ୱର ବେହେରା ପ୍ରମୁଖ ପ୍ରଦତ୍ତ ମାନପତ୍ର ପାଠ କରିଥିଲେ। ଛାତ୍ରୀମାନେ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




ଶୁଭ ସକାଳର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବ୍ରାହ୍ମଣୀ ବାଲିଘାଟରେ ଚଢ଼ାଉ, ଟ୍ରାକ୍ଟର ଜବତ


**କଳିଙ୍ଗନଗର,୭।୧୨(ଶୁଭାଶିଷ ରାଉତ):**

ଖପୁରିଆପଦା ବ୍ରାହ୍ମଣୀ ନଦୀଘାଟରୁ ବାଲିଚାଲାଣ ହେଉଥିବା ଖବର ପାଇ ରବିବାର ଲକ୍ଷ୍ମୀ ଖଣିଜ ବିଭାଗ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇଛି। ସ୍କ୍ୱାଡ୍ ଟିମ୍ ଚଢ଼ାଉ କରି ଏକ ଟ୍ରାକ୍ଟରକୁ ଜବତ କରି ଯାଜପୁର ରୋଡ ପୋଲିସ ଜିମା ଦେଇଛି। ଚଢ଼ାଉରେ ବିଶ୍ୱଜିତ ସ୍ୱାଇଁ, ସିତେଶ ନାୟକଙ୍କ ସମେତ ପୋଲିସ ଅଧିକାରୀ ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କ ପରଲୋକ

**ବଡ଼ଚଣା,୭।୧୨(ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ଛକ ସନ୍ନିକଟ ସିଦ୍ଧିପୁର ଗ୍ରାମର ଖବରଦାତା ଶିବରାମ ସାହୁଙ୍କ ଜ୍ୟେଷ୍ଠ ଭ୍ରାତା ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଘୁନାଥ ସାହୁ(୮୦)ଙ୍କ ପରଲୋକ ହୋଇଯାଇଛି। ସେ ନିଜ ଗ୍ରାମର ବହୁ ବିକାଶ କରିଥିଲେ। ମା' ସିଦ୍ଧ ଧଉଳେଇ ଠାକୁରାଣୀ ପୀଠର ଉନ୍ନତୀମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମୃତଦେହକୁ ଅଞ୍ଚଳ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅମରଜିତ ମୁଖାଗ୍ନି ଦେଇଥିଲେ। ରାଘୁନାଥଙ୍କ ବିୟୋଗରେ ଚଣ୍ଡିଖୋଲ ପ୍ରେସକ୍ଲବ୍ ସଭାପତି ବେଣୁଧର ପଣ୍ଡା, ସମ୍ପାଦକ ହେମନ୍ତ ଜେନା, କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ପ୍ରଶାନ୍ତ ଜେନା, ଭାରତ ଭୂଷଣ ପଣ୍ଡା, ମୋହନ ଖିଲାର, ସମରେନ୍ଦ୍ର ମାହାଲା, ଦିଲୀପ ସାହୁ, ସୁରେନ୍ଦ୍ର ସାମଲ, ସେକ୍ ସବିରଉଦ୍ଦିନ, ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।



# ଖଣି ଅଞ୍ଚଳରେ ହାତୀ ଆତଙ୍କ



**କାଳିଆପାଣି,୭।୧୨(ଅସିତ ମହାନ୍ତ):** ଯାଜପୁର ଜିଲା ସୁକିନ୍ଦା ଓ ଟମକା ରେଞ୍ଜ ଅନ୍ତର୍ଗତ କଂସ ପଞ୍ଚାୟତର କୋଳିପଶି ଏବଂ ସରୁଆବିଲଠାରେ ୩ ବଣୁଆ ହାତୀ ପଶି ଶନିବାରଠାରୁ ଆତଙ୍କ ସୃଷ୍ଟି କରିଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। କୋଳିପଶୀ ନିକଟ ହଟିଂକୁ ରାତିରେ ଏକ ବଡ଼ହାତୀ ଓ ୨ ଛୋଟ ହାତୀ ପଶି ଆସିଥିଲେ। ଏହାଦେଖି ଲୋକେ ଆତଙ୍କିତ ହୋଇ ଘରୁ ବାହାରି ଓଡ଼ିଶା ଖଣି ନିଗମର ପାର୍କିଂ ୟାଡ୍ ଆଡ଼କୁ ଚାଲି ଯାଇଥିଲେ। ହାତୀ ୩ଟି ଲୋକଙ୍କ କୋଳାହଳ ଶୁଣି ଖଣି ବାଉଣ୍ଡରି ଭାଙ୍ଗି ପଶିବାକୁ ଚେଷ୍ଟା କରୁଥିବାବେଳେ ଖଣି ନିଗମ ନିରାପତ୍ତା ରକ୍ଷୀ ମୁଖ୍ୟ ନୀରୋଧ ନାୟକଙ୍କ ସମେତ କେତେଜଣ କର୍ମଚାରୀ ଓ ଟମକା ରେଞ୍ଜର, କଂସ ଫରେଷ୍ଟରଙ୍କ ସମେତ ବନକର୍ମଚାରୀ ହାତୀଙ୍କୁ ଘଉଡ଼ାଇଥିଲେ। ରାତିପ୍ରାୟ ୨ଟାରେ ହାତୀ ଜଙ୍ଗଲକୁ ଯାଇଥିଲେ। ଏହି ହାତୀ ଶୁକ୍ରବାରଠାରୁ କପିଳାସ ସଂରକ୍ଷିତ ଜଙ୍ଗଲରୁ ଭ୍ରମଣ ଦେଇ ଖଣି ଅଞ୍ଚଳକୁ ଆସିଥିବା ବନବିଭାଗ ସୂଚନା ଦେଇଛି। ବନବିଭାଗ କର୍ମଚାରୀ ହାତୀ ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ହାତୀ ଭୟରେ ସନ୍ଧ୍ୟା ପୂର୍ବରୁ ଲୋକେ ଘରେ ତାଟି କବାଟ ଦେଇ ରହୁଥିବା ଦେଖିବାକୁ ମିଳିଛି।

# ଟମ୍‌କା-ମଙ୍ଗଳପୁର ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର

## ଡିଏମ୍‌ଏଫ୍ ପାଣ୍ଠିରେ ସରୁନି ସମ୍ପ୍ରସାରଣ କାର୍ଯ୍ୟ

**କାଳିଆପାଣି, ୭।୧୨(ଅସିତ ମହାନ୍ତ)**

ଖଣି ଓ ଶିଳ୍ପାୟନ ପ୍ରଭାବିତ ଅଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ସହ ପାରିପାର୍ଶ୍ୱିକ ଉନ୍ନୟନ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବହୁ କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ବିଶେଷକରି ଖଣି ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଗଠନ ହୋଇଛି। ୮ ବର୍ଷ ହେବ ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳର ମଙ୍ଗଳପୁର–ଟମ୍‌କା ରାସ୍ତାର ଉନ୍ନତୀକରଣ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ପ୍ରତିବର୍ଷ ମରାମତି ନାମରେ ବହୁ ଟଙ୍କା ଖର୍ଚ୍ଚ କରାଯାଉଥିବାରୁ ତାହା ଆର୍ ଆଣ୍ଡ୍ ବି ତଥା ପୂର୍ତ୍ତ ବିଭାଗର କେତେଜଣ ଅଧିକାରୀଙ୍କୁ ସୁହାଉଛି।

ଅଭିଯୋଗ ଅନୁଯାୟୀ ବର୍ଷରେ ୨ରୁ ୩ ଥର ଟମ୍‌କା–ମଙ୍ଗଳପୁର ରାସ୍ତା ମରାମତି ହେଉଥିବାବେଳେ କିଛି ଦିନ ପରେ ପିଚୁ ଉଠି ରାସ୍ତା ପୂର୍ବ ଭଳି ଖାଲଖମା ହୋଇଯାଉଛି। ଚଳିତ ବର୍ଷ ବର୍ଷା ଦିନରେ ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଯାଇଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବହୁ ଦାବି ପରେ ଏବେ ରାସ୍ତା ମରାମତି ହେଉଛି । କିନ୍ତୁ କାର୍ଯ୍ୟ ଯେଉଁଭଳି ଭାବେ କରାଯାଉଛି, ମାତ୍ର ଦିନ କେଇଟାରେ ରାସ୍ତାର ପୂର୍ବାବସ୍ଥା ଫେରିଯିବ ବୋଲି ଅଭିଯୋଗ ହେଉଛି। ବଡ଼ ଖାଲଗୁଡ଼ିକରେ ନିମ୍ନମାନର ପଥର ଗୁଣ୍ଡରେ ଅଳ୍ପ କିଛି ଜୁରି ଚିପ୍ସ ମିଶାଇ ତା'ଉପରେ ପିଚୁ ପକାଇ ଦିଆଯାଉଛି। ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ରଖି ରାସ୍ତା କାର୍ଯ୍ୟ ହେଉନାହିଁ। ଯେନତେନ ଭାବେ କାର୍ଯ୍ୟସାରି ବିଲ୍ ଉଠାଇ ନେବାର ପ୍ରୟାସ ଚାଲିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ମଧୁସୂଦନ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।



ରାସ୍ତା ମରାମତି ଚାଲିଛି।

GOVERNMENT OF ODISHA
E-mail: sebalangir@gmail.com

DEPARTMENT OF WATER RESOURCES

OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR

"e-Procurement Notice"

No. A-1061
BID Identification No. ACE, BOIC-06/2025-26

Procurement Details

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Inspection Bunglow (I.B) At: Padampur under Ong Dam Division, Padampur for the financial year 2025-26 | Rs.146.63 Lakh (excluding G.S.T.) | 'A' & 'B' Class | Rs.1,46,700/- | Rs.10,000/- | 12 (Twelve) Calendar Months |
| 2 | Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26 | Rs.105.72 Lakh (excluding G.S.T.) | 'A' & 'B' Class | Rs.1,05,800/- | Rs.10,000/- | 12 (Twelve) Calendar Months |
| 3 | Construction of (G+1) Style D-Type Quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 | Rs.163.09 Lakh (excluding G.S.T.) | 'A' & 'B' Class | Rs.1,63,100/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-06/2025-26 | Dt.11.12.2025 At 10.00 hours | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 at Office during office hours (In working days) | Dt.03.01.2026 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0009/2526
Sd./- Additional Chief Engineer, Balangir Irrigation Circle, Balangir

GOVT. OF ODISHA
No.O-1698

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : KEONJHAR

email : se_nerwkjr@rediffmail.com

eProcurement Notice for Road Works under PM-JANMAN Batch-I

Identification No.NCB-36/RWCKJR/2025-26

No. 5233 // Date : 04.12.2025//

1. Name of the work : **Construction of road works under PM-JANMAN Batch-I in the District of Keonjhar**, 2. Package No. : **OR-17-JNM-02**, 3. Estimated Cost : **Rs.182.64 Lakhs (Approximately)**, 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **09** (Nine) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-36/ RWCKJR /2025-26 | Dt.09.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.25 at 11.00 A.M. | Will be intimated later |

• **Further details can be seen from the website : www.pmgsytenders.gov.in**

**Sd./- Chief Construction Engineer, R.W. Circle, Keonjhar**

OIPR-25177/11/0115/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

e-mail : serwsbd2003@yahoo.com

Letter No. : 6475
Date : 05.12.2025

2nd Corrigendum

**No.O-1727** : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539, Dtd.23.09.2025, partial modification of NCB has been made due to GePENIC portal is not allowing to process due to want Administrative Approval which is yet to be accorded by the competent authority in WAMIS portal.

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. | Extended up to 30.12.2025 5.00 PM |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer, Rural Works Circle, Sunabeda**

OIPR-25182/11/0100/2526

# ରାସ୍ତା, ସେତୁ ପାଇଁ କେନ୍ଦ୍ରାପଡ଼ା ସହର ସଙ୍କୁଚିତ

- ଗାଡ଼ି, ସାଧାରଣ ଚଳାଚଳରେ ବ୍ୟାଘାତ
- ଶିଳାନ୍ୟାସର ୬ ବର୍ଷରେ ଆରମ୍ଭ ହୋଇନାହିଁ ସେତୁ
- ବାଇପାସ୍ ରାସ୍ତା ଅପେକ୍ଷାରେ ସହରବାସୀ

**କେନ୍ଦ୍ରାପଡ଼ା, ୭।୧୨ (ଜଗନ୍ନାଥ ଧଳ)**

ରାଜ୍ୟର ସର୍ବ ପୁରାତନ ମାନ୍ୟତାପ୍ରାପ୍ତ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଲୋକସଂଖ୍ୟା ପ୍ରତିବର୍ଷ ବଢ଼ୁଛି। ୨୦୧୧ ଜନଗଣନାରେ ୪୭ ହଜାର ସଂଖ୍ୟା ରହିଥିବାବେଳେ ବର୍ତ୍ତମାନ ସହରାଞ୍ଚଳରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଅଧିବାସୀ ଅଛନ୍ତି। ଏମାନଙ୍କ ଯାତାୟାତ ଓ ଗାଡ଼ି ଚଳାଚଳରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବିଧାନସଭାରେ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ପ୍ରସଙ୍ଗ ଉଠାଇ ଏହାର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘବର୍ଷ ଧରି ରାସ୍ତା ଓ ସେତୁ ପାଇଁ ସହର ସଙ୍କୁଚିତ ଅବସ୍ଥାରେ ଥିବା ସହରର ଅଧିବାସୀ ମତ ରଖିଛନ୍ତି।

ଏ ସମ୍ପର୍କରେ ସହରର ମନୋଜ କୁମାର ସିଂହ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ଅମରବର ବିଶ୍ୱାଳ, ମୀର ଅବୁ ଓବେଦା, ବିଜୟ କୁମାର ମଣ୍ଡଳ ପ୍ରମୁଖ କହିଛନ୍ତି, ସହରର ଗୋଟିଏ ପାର୍ଶ୍ୱରେ ଜାତୀୟ ରାଜପଥ ଚଣ୍ଡିଖୋଲ-ପାରାଦୀପ ଯାଇଛି। ଅପରପାର୍ଶ୍ୱରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଅଛି। କଟକ-ଚାନ୍ଦବାଲି ରାସ୍ତାର ତିନିମୁହାଣିଠାରେ ବ୍ରିଟିଶ ଅମଳର ଚଟିପୋଲରେ ଯାତାୟାତ ହେଉଛି। ଏହି ପୋଲ ଯାତାୟାତ ପାଇଁ ବିପଦସଙ୍କୁଳ ହୋଇଛି। ଗୋବରୀ ନଦୀ ଉପରେ ଥିବା ଏହି ପୋଲ ନିକଟ ରାସ୍ତା ପାର୍ଶ୍ୱରୁ ଗତ ୨ ବର୍ଷ ଧରି ୩ ଥର ଅତଡ଼ା ଧସିଛି। ମରାମତି ହୋଇଥିଲେ ମଧ୍ୟ ପୋଲ ସୁରକ୍ଷିତ ନୁହେଁ। ଏହି ରାସ୍ତାରେ ପ୍ରତ୍ୟହ ୫ ହଜାରରୁ ଉର୍ଦ୍ଧ୍ୱ ଛୋଟବଡ଼ ଗାଡ଼ି ଚଳାଚଳ କରୁଛି। ଜାତୀୟ ଉଦ୍ୟାନ ଭିତରକନିକା, ଯାଜପୁର ଓ ଭଦ୍ରକ ଜିଲାର ଏହା ସଂଯୋଗ ରାସ୍ତା। ସେହିପରି ଜିଲାବାସୀ ଏହି ପୋଲ ଦେଇ ବାହାର ଜିଲାକୁ ଯାଉଛନ୍ତି। ଚଟିପୋଲର ଏହି ଦୁରବସ୍ଥା ଦୃଷ୍ଟିରୁ ୨୦୧୯ ମସିହାରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଦ୍ୱିତୀୟ ଗୋବରୀ ସେତୁ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୬ ବର୍ଷ ବିତିଛି। ମାତ୍ର ୨୫୦ କୋଟିର ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ସହରର କ୍ରମବର୍ଦ୍ଧିଷ୍ଣୁ କଳେବର ପାଇଁ ତିନିମୁହାଣିଠାରୁ ଗରାପୁରର କାଳିମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଦ୍ୱିତୀୟ ରାସ୍ତା ସହରକୁ ସମୃଦ୍ଧ କରିବା ସହ ଯାତାୟାତକୁ ସୁଗମ କରିବ ବୋଲି ଆଶା ଥିଲା। ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ସେତୁ ପ୍ରତିଷ୍ଠା କରାଯାଇ ସହର ଓ ଗୁଲନଗର ପଞ୍ଚାୟତକୁ ସଂଯୋଗ କରାଯାଇଥାନ୍ତା। ତେବେ ଗତ ୩ ବର୍ଷ ପୂର୍ବେ ଏହି ପ୍ରକଳ୍ପିତ ରାସ୍ତାର ସେତୁ ନିର୍ମାଣ ସମୟରେ ଭାଙ୍ଗି ଯାଇଥିଲା। ଏହା ପରଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ଚଉଡ଼ା ରାସ୍ତା ସହ ସେତୁ ନିର୍ମାଣକୁ ତ୍ୱରାନ୍ୱିତ କରାଯାଇ ପାରିଲେ ସହରର କଳେବର ବୃଦ୍ଧି ହେବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ପଚାରିବାରେ ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।


ଚଟିପୋଲ ନିକଟରେ ଗୋବରୀ ନଦୀ ଉପରେ ଦ୍ୱିତୀୟ ସେତୁ ପାଇଁ କରାଯାଇଥିବା ଶିଳାନ୍ୟାସ ଫଳକ।

# ୪୮ ବର୍ଷ ପରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ଆଳି,୭।୧୨ (ବନମାଳୀ ସେନାପତି)**

ଆଳି ଉଚ୍ଚ ବିଦ୍ୟାଳୟରେ ପରିସରରେ ୧୯୭୭ ବ୍ୟାଚ ବନ୍ଧୁମାନଙ୍କ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାଡିବାର ଦୀର୍ଘ ୪୮ ବର୍ଷ ବ୍ୟବଧାନ ପରେ ହୋଇଥିବା ଏହି ବନ୍ଧୁ ମିଳନ ଉତ୍ସବରେ ସମସ୍ତେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପାଇଁ କିଏ ଲଣ୍ଡନରୁ ତ କିଏ ସାଉଦି ଆରବରୁ ଆସି ପହଞ୍ଚି ଥିଲେ। କଟକ, ଭୁବନେଶ୍ୱରରେ ବାସ କରୁଥିବା ବନ୍ଧୁମାନେ ମଧ୍ୟ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରି ଆସି ପହଞ୍ଚି ଥିଲେ। ପୁରାତନ ଛାତ୍ର କବି ତଥା ସାହିତ୍ୟିକ ବନମାଳୀ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ବ୍ରଜ ସୁନ୍ଦର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଦ୍ଧକ୍ୟ ଯୋଗୁ ଆସି ପାରି ନ ଥିବା ପୂର୍ବତନ ଶିକ୍ଷକ କେଶବ ଚରଣ ବେହେରା ଓ ଚିରଞ୍ଜିବି ରାୟଙ୍କ ଘରକୁ ଯାଇ ଛାତ୍ରୀଛାତ୍ରମାନେ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବନ୍ଧୁ ସେମାନଙ୍କ ପରିଚୟ ଓ ଅବସ୍ଥାନ ବିଷୟରେ କହିବା ପରେ ଲଣ୍ଡନରୁ ଆସିଥିବା ଡାକ୍ତର ସହଦେବ ସ୍ୱାଇଁ, ସାଉଦିରୁ ଆସିଥିବା ବନ୍ଧୁ ନିଜାମ୍ ଖାନ ଏବଂ ନବାବ ଖାଁ, ଗୁଣନିଧି ସାମଲ, ହିମାଂଶୁ ରାଉତ, ଦୁର୍ଗା ଚରଣ ନାୟକ, ରବୀନ୍ଦ୍ର ବେହେରା, ନରେଶ ବେହେରା, ସରୋଜିନୀ ମହାନ୍ତି ପ୍ରମୁଖ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ହୃଦାନନ୍ଦ ସାହୁ ଓ ସୁରେଶ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସେନାପତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ବିଦ୍ୟାଳୟ ପରିସରରେ ଥିବା ବାଗଦେବୀ ସରସ୍ୱତୀ ଓ ଗଣେଶଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ବିଦ୍ୟାଳୟ ପରିସରରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା।

# ରାଜ୍ୟସ୍ତରୀୟ ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ, ରାଜକନିକା ବିଜୟୀ


ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି ଅତିଥିମାନେ।

**ଡେରାବିଶ, ୭।୧୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ୨୪ତମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟକୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କ ସମେତ ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା, ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ ଓ ଗୋଲକ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ଗୋଲକ ଚନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ବାବୁଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍ ଜଗତ୍‌ସିଂହପୁର ଓ ରାଜକନିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜକନିକା ଦଳ ଜଗତ୍‌ସିଂହପୁର ଦଳକୁ ପ୍ରଥମାର୍ଦ୍ଧରେ ଗୋଟିଏ ଓ ଦ୍ୱିତିୟାର୍ଦ୍ଧରେ ଗୋଟିଏ ଗୋଲ ଦେଇ ୨-୦ ରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଜିତେନ୍ଦ୍ର ବାରିକ, ରିଆଜ କାଦ୍ରୀ ଓ ସୁଶାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ବିଶ୍ୱ ରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, ରାମଚନ୍ଦ୍ର ସେଠୀ ଓ ଅଭୟ ମଲ୍ଲିକ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

# ସାମୂହିକ ନିଃଶୁଳ୍କ ବ୍ରତ ଉପନୟନକୁ ଗୁରୁତ୍ୱ

**ତୁଳସୀକ୍ଷେତ୍ର ପଣ୍ଡିତ ସଭା ବୈଠକ**

**କେନ୍ଦ୍ରାପଡା, ୭।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ସହର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ଷୋଡଷତମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨୦୨୬ ମସିହାରେ ହେବାକୁ ଥିବା ସାମୂହିକ ନିଃଶୁଳ୍କ ବ୍ରତ ଉପନୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀ, ପଣ୍ଡିତ ହୃଷୀକେଶ ରଥ, ବସନ୍ତ ଦାସ, ନୃସିଂହ ଚରଣ ପତି, ତପନ କୁମାର ଦାଶ, କୁଳମଣୀ ପଣ୍ଡା ପ୍ରମୁଖ ଯୋଗଦେଇ ପଣ୍ଡିତ ସଭାର ଆଗାମୀ ୨୦୨୬ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷର ଆୟ ବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଆସନ୍ତାବର୍ଷରେ ସନାତନ ଧର୍ମର ମୁନି, ଋଷି, ସଂସ୍କୃତ ବିଦ୍ୱାନ, ଲେଖକ, କବିଙ୍କ ଜୟନ୍ତୀ ଦିବସ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସେହିପରି ସଂସ୍କୃତ ଭାଷାର ସୁରକ୍ଷା, ପ୍ରଚାର ପ୍ରସାର ପାଇଁ ମାଧ୍ୟମିକ ଶିକ୍ଷାସ୍ତରରୁ ପୁସ୍ତକରେ ସନ୍ନିବେଶ କରିବା ପାଇଁ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ଏହି ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା। କର୍ମକର୍ତ୍ତା ହରିହର ଶତପଥୀ, ପ୍ରଭାକର ଆଚାର୍ଯ୍ୟ, ମହେଶ୍ୱର ପାଣି, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କ୍ରୀଡ଼ା ମାନସିକ, ଶାରୀରିକ ବିକାଶ କରେ

**ପିକେ ଗୁରୁକୁଳ ଆଶ୍ରମ ବିଦ୍ୟାଳୟ, ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ**

**ପାଟକୁରା, ୭।୧୨ (ରବୀନ୍ଦ୍ର ନାଥ ବାରିକ)**


କୃତୀ କ୍ରୀଡ଼ାବିତଙ୍କୁ ମୁଖ୍ୟ ଅତିଥି ବିଜୟ ମହାପାତ୍ର ପୁରସ୍କୃତ କରୁଛନ୍ତି।

ଗରଦପୁର ବ୍ଲକ୍ ଅଧୀନ ନିଶ୍ଚିନ୍ତା ଶାସନ ପିକେ ଗୁରୁକୁଳ ଆଶ୍ରମ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୨୨ଟି ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀ ମାନେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗ ଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ମୁଖ୍ୟ ଅତିଥି ଶୀଲ, କପ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତା କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତିଯୋଗିତାର ମନଭାବ ବୃଦ୍ଧି କରେ। ଏହା ସେମାନଙ୍କ ମାନସିକ, ଶାରୀରିକ ବିକାଶ କରିବା ସହ ଅନ୍ତର୍ନିହିତ ପ୍ରତିଭାର ବିକାଶ କରେ ବୋଲି ମୁଖ୍ୟ ଅତିଥି ମହାପାତ୍ର କହିଥିଲେ। ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି ବାର୍ଷିକ କ୍ରୀଡା ଉତ୍ସବରେ ବନ୍ତଳା ସମିତି ସଭ୍ୟ ବ୍ରଜକିଶୋର ସାହୁ ସମ୍ମାନିତ ଅତିଥି ଭାବେ ସରପଞ୍ଚ ରଞ୍ଜନ ନାୟକ, କ୍ଷିତୀଶ ଚନ୍ଦ୍ର ଦାଶ ମଧ୍ୟ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି କ୍ରୀଡାରେ ଭାଗ ନେଇଥିବା ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ଶୌର୍ଯ୍ୟ ଦିବସ ପାଳିତ



ଶୌର୍ଯ୍ୟ ଦିବସ ପାଳନ ଅବସରରେ ଯୋଗଦେଇଥିବା ସଦସ୍ୟମାନେ।

**କେନ୍ଦ୍ରାପଡା, ୭।୧୨ (ଜଗନ୍ନାଥ ଧଳ)**

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସହରର ତିନିମୁହାଣୀଠାରେ ଶୌର୍ଯ୍ୟ ଦିବସ ରବିବାର ପାଳନ ହୋଇଛି। ଜିଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ରାମ ମନ୍ଦିର ପାଇଁ ବୀରତ୍ୱ ଦେଖାଇଥିବା ଶ୍ରଦ୍ଧାଳୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। କଲିକତା କ୍ଷେତ୍ର ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ରୀୟ ସେବା ପ୍ରମୁଖ ହରିଶ ଚନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯୯୨ ଡିସେମ୍ବର ୬ରେ ରାମ ମନ୍ଦିର ପାଇଁ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ମତ ରଖିଥିଲେ। ଏଥିସହ ଦୀର୍ଘ ୫୦୦ ବର୍ଷର ସଂଘର୍ଷ ପରେ ସନାତନୀଙ୍କ ହାତରେ ରାମ ମନ୍ଦିର ନିର୍ମାଣ ହୋଇଥିବାରୁ ଏଥିରେ ସାମିଲ ଥିବା ପ୍ରତ୍ୟେକ ଆନ୍ଦୋଳନକାରୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସଭାରେ ଜିଲା କର୍ମକର୍ତ୍ତା ସନ୍ତୋଷ ସାହୁ, ନୀଳକଣ୍ଠ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଜିଲା ଶାଖାର ସଦସ୍ୟଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଖଣ୍ଡରୁ ଶତାଧିକ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଦିବସ



ସ୍ମୃତି ଦିବସରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କେନ୍ଦ୍ରାପଡ଼ା, ୭।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଉଦୟନଗରସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୬ତମ ସ୍ମୃତିଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି କର୍ମକର୍ତ୍ତା ସୁଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ସୁଦର୍ଶନ ନାୟକ, ସିପ୍ରା ମଲ୍ଲିକ ଓ ଡ. ଅଲେଖ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଭାଗବତ ବାବୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମାଜ ପାଇଁ ସାମାଜିକ କାର୍ଯ୍ୟ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରିଥିବା ବ୍ୟକ୍ତି, ଶିକ୍ଷାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର କନଭରଜେନ ଓ ଭାଗବତ ବାବୁଙ୍କ ସ୍ୱରଚିତ ଆତ୍ମଜୀବନୀ ସଂଗ୍ରାମର ସ୍ୱରଲିପିର ଇଂରାଜୀରେ ଅନୁବାଦ ହୋଇଥିବା ପୁସ୍ତକ ଦି ସିମ୍ଫୋନୀ ଅଫ ଷ୍ଟ୍ରଗଲକୁ ଉନ୍ମୋଚନ କରିଥିଲେ। ଉତ୍ସବ ପରିଚାଳନାରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ କଳିଙ୍ଗ କେଶରୀ ବେହେରାଙ୍କ ସମେତ ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶିକ୍ଷାବିତ୍ ଡ. ରବୀନ୍ଦ୍ର କୁମାର ବଳ , ଡ. ଗୌତମ ପଟ୍ଟନାୟକ, ଡ. ଚିରଞ୍ଜିବି ପଣ୍ଡା ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ଡେରାବିଶ, ୭।୧୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜି ଗ୍ରାମ ନିବାସୀ ତଥା ଅବସରପ୍ରାପ୍ତ ସୈନିକ କୈଳାସ ଚନ୍ଦ୍ର ପ୍ରଧାନ(୪୩)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। କୈଳାସ ଭାରତୀୟ ପଦାତିକ ବାହିନୀରେ କାର୍ଯ୍ୟକରି ୫ ବର୍ଷ ହେବ ଅବସର ଗ୍ରହଣ କରିଥିଲେ। ରବିବାର ପ୍ରତ୍ୟୁଷରେ ଘରେ ଶୋଇଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଙ୍କ ପକ୍ଷରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେୟ। ଉକ୍ତ ଖବର ପ୍ରଚାରିତ ହେବା କ୍ଷଣି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ଅବସରପ୍ରାପ୍ତ ସୈନିକ ସଂଘର କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ଡାଳିଜୀ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।


କୈଳାସ ଚନ୍ଦ୍ର ପ୍ରଧାନ

# ବାଚସ୍ପତିଙ୍କୁ ଭେଟି ଦୁଃଖ ଜଣାଇଲେ ଶବର ମହିଳା



ବାଚସ୍ପତିଙ୍କୁ ପୁଷ୍ପଗୁଚ୍ଛ ଦେଲେ ଶବର ମହିଳାପୁରୁଷ।

**ଗାଁକୁ ରାସ୍ତା, ମୁଣ୍ଡ ଗୁଞ୍ଜିବାକୁ ଛାତଘର ପାଇଁ କଲେ ଗୁହାରି**

**ମହାକାଳପଡ଼ା,୭।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ଭବନଠାରେ ରବିବାର ପୂର୍ବାହ୍ନରେ ଜନସଂଘ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ଗୁରୁ ଚରଣ ଦାସଙ୍କ ୧୪ତମ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଗୁରୁ ଚରଣ ଦାସଙ୍କ ପୁତ୍ର ଭାଜପା ଉପସଭାପତି ବିଷ୍ଣୁ ଦାସଙ୍କ ସମେତ ବହୁ ଭାଜପା ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନଜାତିମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ପ୍ରୟାସ ରହିଛି। ଏବେ ବି ଜନଜାତିଙ୍କ ଗାଁକୁ ଭଲ ରାସ୍ତା ନାହିଁ। ଗର୍ଭବତୀ ଓ ରୋଗୀଙ୍କୁ ଦୋଳା ଭାରରେ ମୁଖ୍ୟ ରାସ୍ତାକୁ ଆମ୍ବୁଲାନ୍ସ ସେବା ଗାଡ଼ି ପାଖକୁ ନେବାକୁ ପଡେ। ୨୪ ବର୍ଷ ପୂର୍ବ ସରକାରଙ୍କ ପକ୍ଷରୁ ଏହି ଜନଜାତିଙ୍କ ବିକାଶ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ହେଲା ନାହିଁ। ପୂର୍ବ ସରକାର ଗଲା ପରେ ରାଜ୍ୟରେ ଭାଜପା ସରକାର ଗଠନ ହୋଇଛି। କେତେଜଣ ଆଦିବାସୀ ଶବର ସମ୍ପ୍ରଦାୟର ଲୋକେ ଗାଁକୁ ରାସ୍ତା ଓ ମୁଣ୍ଡ ଗୁଞ୍ଜିବାକୁ ଛାତଘର ନାହିଁ। ଏହା ପୂର୍ବରୁ କେତେବାବୁଙ୍କୁ କାକୁତି ମିନତି ହୋଇଥିଲେ ମଧ୍ୟ କିଛି ଫଳପ୍ରଦ ହେଲାନି। ବାଧ ହୋଇ କେତେଜଣ ଆଦିବାସୀ ଶବର ସମ୍ପ୍ରଦାୟ ଜନଜାତି ମହିଳାପୁରୁଷ ରବିବାର କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ରାଜ୍ୟ ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କୁ ଭେଟି ତାଙ୍କର ଦୁଃଖ ଜଣାଇଛନ୍ତି। ବାଚସ୍ପତି ପାଢୀ ହୃଦୟର ସହ ଶୁଣି ନିଶ୍ଚିତ ଆପଣଙ୍କ ଅଭିଯୋଗ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଦିବାସୀ ଶବର ମହିଳା ପୁରୁଷମାନେ କେବେ ଭାବି ପାରି ନ ଥିଲେ ପ୍ରଥମ ଥର ବାଚସ୍ପତିଙ୍କୁ ଭେଟିବୁ ବୋଲି ତାହା ସ୍ୱପ୍ନ ଥିଲା। ଏହା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ପେଟଛେଲା ପଞ୍ଚାୟତ ଜଙ୍ଗଲି ଘେରି ଗ୍ରାମର ହୀରା ଆହାଡ଼ି, ଦ୍ରୌପଦି ଭକ୍ତା, କର୍ପୁରା ଆହାଡି, ମିଟ ନାୟକ, ଲକ୍ଷ୍ମୀଧର ଆହାଡି, ପାର୍ବତୀ ଭକ୍ତା, ସୁଦନ ଭକ୍ତା, ସୁଦାମ ନାୟକ, ଶ୍ରୀଧର ମଲିକ, ଅନାମ ନାୟକ ପ୍ରମୁଖ କହିଛନ୍ତି।


GOVERNMENT OF ODISHA
E-mail: sebalangir@gmail.com

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**"e-Procurement Notice"**

No. A-1061

BID Identification No. ACE, BOIC-06/2025-26

Procurement Details

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)- (in INR) | Cost of tender document-(Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Inspection Bunglow (I.B) At: Padampur under Ong Dam Division, Padampur for the financial year 2025-26 | Rs.146.63 Lakh (excluding G.S.T.) | 'A' & 'B' Class | Rs.1,46,700/- | Rs.10,000/- | 12 (Twelve) Calendar Months |
| 2 | Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26 | Rs.105.72 Lakh (excluding G.S.T.) | 'A' & 'B' Class | Rs.1,05,800/- | Rs.10,000/- | 12 (Twelve) Calendar Months |
| 3 | Construction of (G+1) Style D-Type Quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 | Rs.163.09 Lakh (excluding G.S.T.) | 'A' & 'B' Class | Rs.1,63,100/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-06/2025-26 | Dt.11.12.2025 At 10.00 hours | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 at Office during office hours (In working days) | Dt.03.01.2026 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0009/2526

Sd./- Additional Chief Engineer, Balangir Irrigation Circle, Balangir



No.O-1698

**GOVT. OF ODISHA**

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE : KEONJHAR**

email : se_nerwkjr@rediffmail.com

**eProcurement Notice for Road Works under PM-JANMAN Batch-I**

**Identification No.NCB-36/RWCKJR/2025-26**

**No. 5233 // Date : 04.12.2025//**

1. Name of the work : **Construction of road works under PM-JANMAN Batch-I in the District of Keonjhar**, 2. Package No. : **OR-17-JNM-02**, 3. Estimated Cost : **Rs.182.64 Lakhs (Approximately)**, 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **09** (Nine) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-36/ RWCKJR /2025-26 | Dt.09.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.25 at 11.00 A.M. | Will be intimated later |

• **Further details can be seen from the website : www.pmgsytenders.gov.in**

**Sd./- Chief Construction Engineer, R.W. Circle, Keonjhar**

OIPR-25177/11/0115/2526



**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE, SUNABEDA**

e-mail : serwsbd2003@yahoo.com

Letter No. : 6475 | Date : 05.12.2025

**2nd Corrigendum**

**No.O-1727** : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539, Dtd.23.09.2025, partial modification of NCB has been made due to GePENIC portal is not allowing to process due to want Administrative Approval which is yet to be accorded by the competent authority in WAMIS portal.

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. | Extended up to 30.12.2025 5.00 PM |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer, Rural Works Circle, Sunabeda**

OIPR-25182/11/0100/2526

**ବିଲୁଆ କାମୁଡ଼ାରେ ୫ ଆହତ**

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ବିଲରୁ ଧାନ କାଟି ଘରକୁ ଫେରୁଥିବା ବେଳେ ବିଲୁଆ କାମୁଡ଼ାରେ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ନିକଟ ରୋହିଗାଁର ସୁକୁନୁ ଜେନା,ସୋଲି ସ୍ୱାଇଁ,ତପସିନୀ ଜେନା,ଶର୍ମିଳା ଜେନା ଓ ଗୁରୁଦେବ ରଣା। ଏମାନଙ୍କ ବୟସ ୨୫ରୁ ୬୦ ବର୍ଷ ମଧ୍ୟରେ ରହିଛି। ପରିବାର ଲୋକେ ସେମାନଙ୍କୁ ନିକଟସ୍ଥ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଇଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଂଶଧାରା ନଦୀ ଉପରେ ନିର୍ମାଣହେବ ପୋଲ

ପାରଳାଖେମୁଣ୍ଡି,୭।୧୨(ଗିରିଧାରୀ ପରିଛା)

ବଂଶଧାରା ନଦୀ ଉପରେ ନିର୍ମାଣ ହେବ ପୋଲ। ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ଲିହୁରି ଗୋପୀନାଥ ମନ୍ଦିରକୁ ଯାତାୟାତ କରିବା ଏଣିକି ଓଡ଼ିଶାବାସୀଙ୍କ ପାଇଁ ସହଜ ହେବ। ନିର୍ମାଣ ହେବାକୁ ଥିବା ୪୬୦ ମିଟର ଲମ୍ବର ଏହି ପୋଲ ହେଲେ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ରହିଥିବା ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବ। ବଂଶୀଧରା ନଦୀ ଉପରେ ବଥବା-ଲିହୁରି ମଧ୍ୟରେ ଏହି ପୋଲ ନିର୍ମାଣ ହେବ। ପାରଳା ମହାରାଜା ୧୮୦୦ ମସିହାରେ ବଂଶଧାରା ନଦୀକୂଳ ଲିହୁରିଠାରେ ଗୋପୀନାଥ ମନ୍ଦିର ନିର୍ମାଣ କରିଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଏହା ଓଡ଼ିଶା ବାହାରେ ରହିଯାଇ ପରବର୍ତ୍ତୀ ସମୟରେ ଏହା ଆନ୍ଧ୍ରରେ ରହିଛି। ଗୁପ୍ତ ବୃନ୍ଦାବନ ଭାବେ ପରିଚିତ ଏହି ଗୋପୀନାଥ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ରହିଛି। ବଂଶଧରା ଉପରେ ପୋଲ ନିର୍ମାଣ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗୋବିନ୍ଦ ମାର୍ଣ୍ଡି ସୂଚନା ଦେଇ କହିଛନ୍ତି, ସରକାର ବଂଶଧାରା ଉପରେ ପୋଲ ନିର୍ମାଣ ଲାଗି ଘୋଷଣା କରିବା ପରେ ଏବେ ସର୍ଭେ କାମ ଆରମ୍ଭ ହୋଇଛି। ଏହାର ସବିଶେଷ ରିପୋର୍ଟ ଶୀଘ୍ର ସରକାରଙ୍କୁ ପ୍ରଦାନ କରାଯିବ। ଆବଶ୍ୟକ ପାଣ୍ଠି ଆସିବା ପରେ ପୋଲ ନିର୍ମାଣ କାମ ଆରମ୍ଭ ହେବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଦେଶ ସ୍ୱାଧୀନତାକୁ ଇତିମଧ୍ୟରେ ୭ଦଶନ୍ଧିରୁ ଉର୍ଦ୍ଧ୍ୱ ବିତିଗଲାଣି। ଏହି ଐତିହାସିକ ସ୍ଥାନର ଯେଉଁଭଳି ଉନ୍ନତି ହେବା କଥା ତାହା ହୋଇନାହିଁ। ଲିହୁରିସ୍ଥିତ ଗୋପୀନାଥ ମନ୍ଦିରକୁ ଯିବାକୁ ଆନ୍ଧ୍ର ପଟେ ରହିଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ବେଳେ ଓଡ଼ିଶା ପଟେ ବଂଶଧାରା ନଦୀ ବାଧକ ସାଜିଆସିଛି। ଏହି ମନ୍ଦିରକୁ ଯିବାପାଇଁ ବଂଶଧାରା ନଦୀ ଉପରେ ପୋଲଟିଏ ନିର୍ମାଣ କରିବାକୁ ଲୋକେ ଦୀର୍ଘ ଦିନ ହେଲା ଦାବି କରିଆସୁଥିଲେ।

ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ


ପୋଲ ନିର୍ମାଣ ପାଇଁ ସର୍ଭେ ଚାଲିଛି।

**ଶୀଘ୍ର ସରକାରଙ୍କୁ ପ୍ରଦାନ କରାଯିବ ସର୍ଭେ ରିପୋର୍ଟ: ଅଧୀକ୍ଷଣ ଯନ୍ତ୍ରୀ**

ଏବେ ବଂଶଧାରା ଉପରେ ୪୬୦ମିଟର ଲମ୍ବର ପୋଲ ନିର୍ମାଣ ପାଇଁ ସବୁଜ ସଂକେତ ଦେଇଛନ୍ତି। ଗଜପତି ଜିଲା କାଶୀନଗର ବ୍ଲକ୍ ବଥବା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଲିହୁରିକୁ ଏହି ସେତୁ ଯୋଡ଼ିବ। ଏହାଦ୍ୱାରା କେବଳ ସାଂସ୍କୃତିକ ନୁହେଁ, ସାମାଜିକ ଓ ବ୍ୟବସାୟିକ କ୍ଷେତ୍ରରେ ଅଞ୍ଚଳର ଅନେକ ଉନ୍ନତି ହୋଇପାରିବ ବୋଲି ଉଭୟ ଆନ୍ଧ୍ର ଓ ସେଠାରେ ବସବାସ କରୁଥିବା ଓଡ଼ିଶାର ଓଡ଼ିଆ ଲୋକେ କହିଛନ୍ତି। ବୃନ୍ଦାବନରେ ଯମୁନା ନଦୀ କୂଳରେ ପୂଜା ପାଉଥିବା ରାଧାରାଣୀଙ୍କ ଭଳି ଏଠାରେ ମଧ୍ୟ ବଂଶଧାରା କୂଳରେ ନିମ୍ବଦାରୁରେ ନିର୍ମିତ ପ୍ରାୟ ୪ଫୁଟ ଉଚ୍ଚର ତ୍ରିଭଙ୍ଗୀ ଠାଣିର ଶ୍ରୀକୃଷ୍ଣଙ୍କ ସହ ରାଧାରାଣୀଙ୍କ ସୁନ୍ଦର ବିଗ୍ରହ ରହିଛି। ପାରଳାଖେମୁଣ୍ଡି ମହାରାଜା ଜଗନ୍ନାଥ ଦେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ଗୋପୀନାଥ ମନ୍ଦିର ପରିଚାଳନା ପାରଳା ମହାରାଜା କରୁଛନ୍ତି। ଦୋଳଯାତ୍ରା ଏବଂ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ଏଠାରେ ଭିଡ଼ ଜମେ। ପ୍ରତ୍ୟହ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଆନ୍ଧ୍ର ପଟେ ଆସି ଦର୍ଶନକରି ଫେରିଥାନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଗୁରୁତ୍ୱ ଦେଇ ୧୯୦୦ ମସିହାରେ ନୌପଡ଼ା-ପାରଳାଖେମୁଣ୍ଡି ନ୍ୟାରୋଗଜ୍ ରେଳପଥକୁ ଗୁଣପୁର ଯାଏ ସଂପ୍ରସାରଣ କରିବା ବେଳେ ଲିହୁରିଠାରେ ଗୋଟିଏ ଷ୍ଟେଶନ କରିଥିଲେ। ଆଜିଯାଏ ଲୋକେ ସେହି ଷ୍ଟେଶନରେ ଓହ୍ଲାଇ ବଂଶଧାରା ନଦୀ ଭିତର ଦେଇ ବିପଦସଙ୍କୁଳ ଅବସ୍ଥାରେ ଠାକୁର ଦର୍ଶନକରି ଫେରୁଛନ୍ତି।

ଅନ୍ୟପକ୍ଷରେ ବଂଶଧାରା ଉପରେ ପୋଲ ନିର୍ମାଣ ନେଇ ନିଷ୍ପତ୍ତି ରାଜ୍ୟ ସରକାର ନେବା ପରେ ଭାଜପା ଓ ବିଜେଡି ମଧ୍ୟରେ ଶ୍ରେୟ ନେବାକୁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୫ବର୍ଷ ତଳେ ସେ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା ରାଜ୍ୟ ଭାଜପା ଉପସଭାପତି କେ. ନାରାୟଣ ରାଓ ଏକ ଖବରଦାତା ସମ୍ମିଳନୀରେ କହିଥିବା ବେଳେ ପାରଳାଖେମୁଣ୍ଡିର ବର୍ତ୍ତମାନର ବିଜେଡି ବିଧାୟକ ରୂପେଶ ପାଣିଗ୍ରାହୀ ୧୯।୯।୨୦୨୫ ଚିଠି ନମ୍ବର ୪୦୧୮/୨୫ରେ ଏନେଇ ସେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାକୁ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି।

# ୨ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୭।୧୨(ଅଶେଷ ନାଥ ମିଶ୍ର)

**ଡକାୟତି, ହତ୍ୟା ଉଦ୍ୟମ ମାମଲା**

ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୁଆପଡା ଗ୍ରାମରେ ୨୦୨୩ରେ ଘଟିଥିବା ଏକ ଡକାୟତି ଓ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ କେ. ନୂଆଗାଁ ଥାନା ପୋଲିସ ୨ ବର୍ଷ ପରେ ରବିବାର ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମର ବିଦ୍ୟାଧର ପ୍ରଧାନ ଓରଫ ବିଜୟ। ତାଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଥିଲା। କେ.ନୂଆଗାଁ ଥାନା ମାମଲା ନଂ.୪୩୬/୨୩ ଅନୁଯାୟୀ ବିଦ୍ୟାଧରଙ୍କ ଜାମିନ ଖାରଜ ହୋଇ ଯିବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

୨୦୨୩ଅକ୍ଟୋବର ୨୩ତାରିଖ ରାତିରେ ତେଣ୍ଟୁଆପଡା ଗ୍ରାମର ପୀତାମ୍ବର ନାଇକ ଓ ପରିବାରର ଅନ୍ୟ ସଦସ୍ୟମାନେ ଖାଉଥିବା ବେଳେ ବିଦ୍ୟାଧର ଓ ତାଙ୍କର ୧୦ରୁ ଉର୍ଦ୍ଧ୍ୱ ସହଯୋଗୀ ପିସ୍ତଲ, ଖଣ୍ଡା ଆଦି ଧରି ଘରେ ପଶିଥିଲେ। ସେମାନେ ପୀତାମ୍ବରଙ୍କୁ ଘରୁ ଘୋଷାଡି ଆଣି ମରଣାନ୍ତକ ଆକ୍ରମଣ କରି ୧୦ ହଜାର ଟଙ୍କା ଓ ସୁନା ଚେନ ଲୁଟି ନେଇଥିଲେ। ସେହିଦିନ ବିଳମ୍ବିତ ରାତିରେ କେ.ନୂଆଗାଁ ଥାନା ଚାନ୍ଦପୁର ଗ୍ରାମର ନାନା ପଣ୍ଡାଙ୍କୁ ଅପହରଣ କରିବା ସହ ତାଙ୍କୁ ମାଡ ମାରି ୨୩ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ବିଦ୍ୟାଧର ଗଞ୍ଜେଇ ଚାଲାଣ ମାମଲାରେ ମୁମ୍ବାଇ ପୋଲିସ ଦ୍ୱାରା ଗିରଫ ହୋଇ ସେଠାକାର ଜେଲରେ ଥିଲେ। ପରେ ଜାମିନରେ ମୁକୁଳି ଗାଁକୁ ଫେରିଥିଲେ। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଲକ୍ଷ୍ମୀଧର ପ୍ରଧାନ ଶନିବାର ଜେଲରୁ ଜାମିନରେ ମୁକୁଳିଥିବା ବେଳେ ତାଙ୍କୁ ବିଦ୍ୟାଧର ଦେଖା କରିବାକୁ ଦିଗପହଣ୍ଡି ଯାଇଥିଲେ। କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲଙ୍କ ଠାରୁ ଖବରପାଇ ତଦନ୍ତକାରୀ ଅଧିକାରୀ ଏସ.ଆଇ ଜୟନାଥ ପ୍ରଧାନ ସଦଳବଳେ ବିଦ୍ୟାଧରଙ୍କୁ ଗିରଫ ପାଇଁ ତାଙ୍କୁ ଦିଗପହଣ୍ଡିରୁ ପିଛା କରିଥିଲେ। ପରେ ଦେଓଖାଳି ଗ୍ରାମ ଛକରେ ବିଦ୍ୟାଧରଙ୍କୁ ଧରିଥିଲେ। ବିଦ୍ୟାଧର ଦିଗପହଣ୍ଡି ଓ କେ.ନୂଆଗାଁ ଥାନା ର ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ଆଇଆଇସି କହିଛନ୍ତି।

# ସାନ୍ଦୀପନି ବିଦ୍ୟାନିକେତନରେ ରକ୍ତଦାନ ଶିବିର



ଚିକିଟି,୭।୧୨(ପ୍ରକାଶ ଚନ୍ଦ୍ର ସାହୁ)

ନୂଆପଡା ସ୍ଥିତ ସାନ୍ଦୀପନିବିଦ୍ୟାନିକେତନର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନୂଆପଡା ଶ୍ରୀବାଲାଜୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି, ନୂଆପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଷିକେଶ ନାୟକ, ବ୍ରହ୍ମପୁର ପତଞ୍ଜଳିର ହୋଲସେଲ ବ୍ୟବସାୟୀ ଇ ସୁବନ୍ଧ କୁମାର, ଅନୁଷ୍ଠାନର ସଭାପତି ଏସ ନାଗଭୂଷଣ ସମ୍ମାନିତ ଅତିଥିଭାବେ ଯୋଗଦେଇ ରକ୍ତଦାନ ମହତଦାନ ବୋଲି କହିଥିଲେ। ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ବିଭୂଧେନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଧାନଚାର୍ଯ୍ୟ ଅଜିତ କୁମାର ପଣ୍ଡା, ଗୁରୁଜୀ ବିବେକାନନ୍ଦ ପଟନାୟକ, ଉମାକାନ୍ତ ପାତ୍ର, ସନ୍ତୋଷ ବେହେରା, ସନ୍ତୋଷ ବେଜ, ରଂଜନ ବାଡ଼ତ୍ୟା, ଗୁରୁମା ରଶ୍ମିରେଖା ପଣ୍ଡା ସସ୍ମିତା ଜେନା, ପ୍ରମିତା ପ୍ରଧାନ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

# ୨୫ରୁ ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥାର ପ୍ରଦେଶ ମହାସଭା

ଭଞ୍ଜନଗର,୭।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତିଳିସିଙ୍ଗିଠାରେ ଆସନ୍ତା ୨୫ତାରିଖରୁ ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥାର ପ୍ରଦେଶ ମହାସଭା ହେବ। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୫ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେବେ। ଇତିମଧ୍ୟରେ ଏଥିରେ ସାମିଲ ହେବାକୁ ପ୍ରଦେଶ ମହାସଭାରେ ରାଷ୍ଟ୍ରୀୟ ଅଖିଳ ଭାରତୀୟ କୁର୍ମୀ କ୍ଷତ୍ରିୟ ମହାସଭା ଅଧ୍ୟକ୍ଷ ଡ. ବିଜୟ ସିଂ ନିରଞ୍ଜନ, ସଂଯୋଜକ ଏଲପି ପଟେଲ, ରାଷ୍ଟ୍ରୀୟ ଅଖିଳ ଭାରତୀୟ କୁର୍ମୀ କ୍ଷତ୍ରିୟ ମହିଳା ଅଧ୍ୟକ୍ଷା ଲତା ଚନ୍ଦ୍ରକର, ଯୁବ ସଚିବ ଅରୁଣ ପଟେଲ ସ୍ୱୀକୃତି ଦେଇଛନ୍ତି। ମହାସଭା ସଫଳତା ପାଇଁ ଭଞ୍ଜନଗର ବିଧାୟକ ତଥା ବାରୁଡ଼ା ଅଞ୍ଚଳ ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ ଗୁରୁତ୍ୱାରୋପ କରୁଛନ୍ତି। ସେ ଶନିବାର ତିଳିସିଙ୍ଗି, ବାରୁଡ଼ା, ଲେମ୍ବେଇ ଗ୍ରାମ ପରିଦର୍ଶନ କରି ମହାସଭାକୁ ଆସିବାକୁ ଥିବା କର୍ମକର୍ତ୍ତା କିଭଳି ରହିବେ, ଚକରାଘାଟି ପରିଦର୍ଶନ କରି ଘୁମୁସର ବୀର ଚକରାଙ୍କ ଇତିହାସ ସମ୍ପର୍କରେ ଜାଣିବେ ତାହାର ତଦାରଖ କରୁଛନ୍ତି।

ଶନିବାର ବିଧାୟକ ନାୟକଙ୍କ ସମୀକ୍ଷା ସମୟରେ ରାଜ୍ୟର ଧରାକୋଟ, ଶେରଗଡ଼, ସୋରଡା, ଜିଲୁଣ୍ଡି, କରଚୁଲି, ସାକିରି, ଫୁଲବାଣୀ, ଭବାନୀପାଟଣା, ଛାମୁଣ୍ଡା, ବାରୁଡ଼ା ଅଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ରହି ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପ୍ରଦେଶ ମହାସଭାରେ ମହିଳା ସଶକ୍ତୀକରଣ, ନାରୀ ଶିକ୍ଷା, ଯୁବ ବିକାଶ, ଜାତିର ସଂଗଠନ, ସାମାଜିକ ସ୍ଥିତି, ରାଜନୈତିକ ସ୍ଥିତି, ଯୌତୁକ ପ୍ରଥା ଉଚ୍ଛେଦ ଉପରେ ଆଲୋଚନା ହେବ। ବିଧାୟକଙ୍କ ଗସ୍ତ ସମୟରେ ପ୍ରଦେଶ ସଭାପତି ସୂର୍ଯ୍ୟ ନାରାୟଣ ପ୍ରଧାନ, ପ୍ରଦେଶ ସମ୍ପାଦକ ବିଶନାଥ ରାଉତ, ରାଷ୍ଟ୍ରୀୟ ସଦସ୍ୟ ଗଙ୍ଗାଧର ନାୟକ, ରାଷ୍ଟ୍ରୀୟ ସଚିବ ନେତାଜୀ ବିଷୋୟୀ, ସଭ୍ୟ ସୂର୍ଯ୍ୟ ନାରାୟଣ ନାୟକ, ବଂଶୀଧର ନାୟକ, ବୈଦ୍ୟନାଥ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ଅକ୍ଷୟ ଦଳବେହେରା ଉପସ୍ଥିତ ଥିଲେ।

# ଶାନ୍ତିଝରରେ ପର୍ଯ୍ୟଟକଙ୍କ ଭିଡ


ଶାନ୍ତିଝରକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ।

ଧରାକୋଟ,୭।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗଡ଼ ନିକଟ ଥିବା ଶାନ୍ତିଝରଠାରେ ଚଳିତ ଡିସେମ୍ବରରେ ପର୍ଯ୍ୟଟକଙ୍କ ଭିଡ ଜମିବାରେ ଲାଗିଛି। ଏଠାର ପ୍ରାକୃତିକ ପରିବେଶ ଓ ଜଙ୍ଗଲରୁ ଝରି ଆସୁଥିବା ଝରଣାର କୁଳୁ କୁଳୁ ନାଦ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଶାନ୍ତିଝର ପୀଠର ଆରମ୍ଭରେ ଥିବା ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି, ପୀଠର ପାଦ ଦେଶରେ ମା' କଠୁଲିଆ ଦେବୀଙ୍କ ମନ୍ଦିର, ମଧ୍ୟ ଭାଗରେ ସିଦ୍ଧ ଗୁମ୍ଫାରେ ବିରାଜିତା ମା' ରାଜ ରଜେଶ୍ୱରୀ ଗଡଚଣ୍ଡୀଙ୍କ ମୂର୍ତ୍ତି, ପାହାଡ ଶିଖରରେ ହନୁମାନ ବାଟିକା, ହନୁମାନ ବାଟିକା ନିକଟରେ ଜଳ ପରିପୂର୍ଣ୍ଣ କୁଣ୍ଡ, ତଳ ଭାଗରେ ରହିଥିବା ଶିଶୁ ପାର୍କ ମନ ମୋହୁଛି। ମହାବୀର ଘାଟିରେ ଗାଡି ଚାଳନା ପର୍ଯ୍ୟଟକ ମାନଙ୍କୁ ଅନନ୍ୟ ଅନୁଭୂତି ଦେଉଛି।

ରାଜ୍ୟର କୋଣ ଅନୁକୋଣରୁ ଲୋକେ ଏଠାରେ ଭିଡ ଜମାଉଥିବା ବେଳେ ବିଦ୍ୟାଳୟ ଗୁଡ଼ିକର ଛାତ୍ରୀ ଛାତ୍ରମାନେ ପିକନିକ କରୁଛନ୍ତି। ବଣଭୋଜି ପାଇଁ ବିଶୁଦ୍ଧ ପାନୀୟ ଜଳ ସାଙ୍ଗକୁ ଭୋଜି ରାନ୍ଧିବା ପାଇଁ ପିଣ୍ଡି ଓ ନିକଟରେ ପାର୍କିଂ ସ୍ଥାନ ରହିଛି। ସବୁଠାରୁ ଆକର୍ଷଣୀୟ କଥା ହେଲା ସନ୍ଧ୍ୟାରେ ମୟୂର ଦଳ ଦଳ ହୋଇ ପୀଠ ନିକଟରେ ଶୋଭା ବର୍ଦ୍ଧନ କରିଥାନ୍ତି। ମୟୂରମାନଙ୍କ ସୁରକ୍ଷା ସାଙ୍ଗକୁ ପରିବେଶର ସ୍ୱଚ୍ଛତା ପାଇଁ ଶାନ୍ତିଝର ଉନ୍ନୟନ କମିଟି ସର୍ବଦା ଗୁରୁତ୍ୱ ଆରୋପ କରୁଥିବାରୁ ବର୍ଷ ସାରା ଏଠାକୁ ପିକନିକ ପାଇଁ ଲୋକେ ଆସନ୍ତି। ସମ୍ପ୍ରତି ଶାନ୍ତିଝର ଉନ୍ନୟନକମିଟି ଉଦ୍ୟମ କ୍ରମେ ହନୁମାନ ବାଟିକାରେ ୩୧ଫୁଟ ଉଚ୍ଚତାର ହନୁମାନ ପ୍ରତିମୂର୍ତ୍ତି ନିର୍ମାଣ ଚାଲିଛି। ଏହାମଧ୍ୟରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନି ଓ ଜିଲାପାଳ ଭି. କୀର୍ତ୍ତି ଭାସନ ଶାନ୍ତିଝର ପରିଦର୍ଶନ ପରେ ଏହାର ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଝୁଲନ୍ତା ମୃତଦେହ ଜବତ

ଚିକିଟି,୭।୧୨ (ପ୍ରକାଶ ଚନ୍ଦ୍ର ସାହୁ)

କେ. ନୂଆଗାଁ ଥାନାଠାରୁ ୫ଶହ ମିଟର ଦୂରରେ ଥିବା ଏକ ଗଛରୁ ରବିବାର ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ମାଧବ ନାଇକ (୧୮)। ଗଛରେ ବେକରେ ରଶି ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଦେଖି ଲୋକେ କେ. ନୂଆଗାଁ ଥାନାକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏହା ଚିହ୍ନଟ ହେବା ପରେ ପରିବାର ଲୋକଙ୍କୁ ଜଣାଇଥିଲା। ଏନେଇ କେ. ନୂଆଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

# 'ଗୃହରକ୍ଷୀମାନେ ନିଷ୍ଠାପର ଭାବେ ସେବା କରୁଛନ୍ତି'

ପାରଳାଖେମୁଣ୍ଡି,୭।୧୨(ଗିରିଧାରୀ ପରିଛା)

**ଜିଲାସ୍ତରୀୟ ୬୩ତମ ଗୃହରକ୍ଷୀ ବାହିନୀ ଦିବସ ପାଳିତ**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଜିଲାସ୍ତରୀୟ ୬୩ତମ ଗୃହରକ୍ଷୀ ବାହିନୀ ଦିବସ ପାଳିତ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ତଥା ଗୃହରକ୍ଷୀ ବାହିନୀର ଉପଦେଷ୍ଟା ଯତୀନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପଣ୍ଡା କହିଥିଲେ, ଗୃହରକ୍ଷୀବାହିନୀ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ଆରମ୍ଭ ହୋଇଥିଲା। ଦେଶର ସୁରକ୍ଷା ନିମନ୍ତେ ପୋଲିସବାହିନୀକୁ ସହଯୋଗ କରିବାକୁ ୧୯୬୧ରେ ଏହା ସ୍ଥାପନ ହୋଇଥିଲା। ଦେଶ ସୁରକ୍ଷାରେ ଏହି ବାହିନୀ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଗୃହରକ୍ଷୀମାନେ ଆଇନଶୃଙ୍ଖଳା ରକ୍ଷା, ବନ୍ୟା, ବାତ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଷ୍ଠାପର ଭାବେ ସେବା କରି ଆସୁଛନ୍ତି। ଏଭଳି କାର୍ଯ୍ୟ କରି ସର୍ବଦା ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଣ୍ଡା ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗୃହରକ୍ଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଦଣ୍ଡନାଚ ମହାସଂଘ ବୈଠକ, କର୍ମକର୍ତ୍ତା ଚୟନ

କବିସୂର୍ଯ୍ୟନଗର,୭।୧୨(କୃପାସିନ୍ଧୁ ସ୍ୱାଇଁ)

**ଅପସଂସ୍କୃତି ବିହୀନ ସାମାଜିକ ନାଟକ ମଞ୍ଚସ୍ଥ ପାଇଁ ଶପଥ**

ଗଞ୍ଜାମ ଜିଲାର ଦଣ୍ଡଯାତ୍ରାରେ ପାରମ୍ପରିକ ନୃତ୍ୟ ପରିବେଷଣ ହେବ ବୋଲି ଜିଲା ପ୍ରଶାସନ ଏସ୍‌ଓସି ଜାରି କରିବା ପରେ ରାତିରେ ମଞ୍ଚରେ ସାମାଜିକ ନାଟକ ମଞ୍ଚସ୍ଥ ହେବ କି ନାହିଁ ଦ୍ୱନ୍ଦ୍ୱ ରହିଥିଲା। ଏହାକୁ ନେଇ କିଛିଦିନ ହେବ ବିଭିନ୍ନ ସ୍ଥାନରେ ବୈଠକ ସହ ପ୍ରତିବାଦର ସ୍ୱର ଉଠିବାରୁ ଜିଲା ପ୍ରଶାସନକୁ ଏକାଧିକ ଅନୁଷ୍ଠାନ ଜଣାଇଥିଲେ।

ଏହାର ସମାଧାନ ପାଇଁ ଗତ ୩ ତାରିଖ ଦିନ ଅତିରିକ୍ତ ଜିଲାପାଳ ସୁନିଲ କେର୍କେଟା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଆଦିତି ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଆଲୋଚନା ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା। କିଛି ନିଷ୍କର୍ଷ ନ ବାହାରିବାରୁ ଆଉ ଏକ ତାରିଖ ଧାର୍ଯ୍ୟ ହୋଇଥିଲା। ସାମାଜିକ ନାଟକ ବନ୍ଦ କରିବାକୁ କେତେଜଣ ବ୍ୟକ୍ତି ଚକ୍ରାନ୍ତ କରିବା ସହ ଦଣ୍ଡନାଚ ସଙ୍ଗଠନକୁ କଳୁଷିତ କରୁଥିବା ବିଷୟକୁ ନେଇ ରବିବାର କବିସୂର୍ଯ୍ୟନଗର ଦଣ୍ଡକାଳୀ ମନ୍ଦିର ନିକଟରେ ଜିଲାସ୍ତରୀୟ ବୈଠକ ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବହୁ ଦଣ୍ଡନାଚ ଅନୁଷ୍ଠାନ ଯୋଗଦେଇ ଚଳିତ ବର୍ଷ ଦଣ୍ଡନାଚ ମଞ୍ଚରେ ସାମାଜିକ ନାଟକ ଅପସଂସ୍କୃତି ବିହୀନ କରିବା ନେଇ ଶପଥ ନେଇଥିଲେ। ବୈଠକରେ ବରିଷ୍ଠ ଲୋକକଳା ଗୁରୁ ନବଘନ ପରିଡା, ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ ସଭାପତି ରାଜ ଗୋପାଳ ପାଢ଼ୀ, ରାଜ୍ୟ ଚିତ୍ରାଳୟ ମାଲିକ ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ଭବାନୀ ଶଙ୍କର ମଳିକ, କୃଷ୍ଣଚନ୍ଦ୍ର ପଣ୍ଡା, ମୋହିନୀ ଗୌଡ଼, ତ୍ରିପତି ମହାରଣା, ବିବେକାନନ୍ଦ ପ୍ରଧାନ, ରଜନୀକାନ୍ତ ସାହୁ ପ୍ରମୁଖଙ୍କ ସହ ଜିଲାର ବହୁ ଦଣ୍ଡ ଅନୁଷ୍ଠାନର ମ୍ୟାନେଜର, ଅଧିକାରୀ ଓ କର୍ମକର୍ତ୍ତା, ଚିତ୍ରାଳୟ ସଂଘ କର୍ମକର୍ତ୍ତା, ନୃତ୍ୟଦଳ, ଲାଇଟ ଆଣ୍ଡ ସାଉଣ୍ଡ କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ। ଏହି ଅବସରରେ ଦଣ୍ଡନାଚ ମହାସଂଘର ୩ଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନୂତନ ସଭାପତି ଭାବେ ବ୍ରଜ ସୁନ୍ଦର ମଳିକ, ସମ୍ପାଦକ ଭାବେ ବିବେକାନନ୍ଦ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ କୃତିବାସ ଡାକୁଆଙ୍କୁ ଉପସ୍ଥିତ ସଭ୍ୟଙ୍କ ସମର୍ଥନରେ ମନୋନୀତ କରାଯାଇଥିଲା।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

GOVERNMENT OF ODISHA
E-mail: sebalangir@gmail.com
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
"e-Procurement Notice"
No. A-1061
BID Identification No. ACE, BOIC-06/2025-26
Procurement Details

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Inspection Bunglow (I.B) At: Padampur under Ong Dam Division, Padampur for the financial year 2025-26 | Rs.146.63 Lakh (excluding G.S.T.) | 'A' & 'B' Class | Rs.1,46,700/- | Rs.10,000/- | 12 (Twelve) Calendar Months |
| 2 | Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26 | Rs.105.72 Lakh (excluding G.S.T.) | 'A' & 'B' Class | Rs.1,05,800/- | Rs.10,000/- | 12 (Twelve) Calendar Months |
| 3 | Construction of (G+1) Style D-Type Quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 | Rs.163.09 Lakh (excluding G.S.T.) | 'A' & 'B' Class | Rs.1,63,100/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-06/2025-26 | Dt.11.12.2025 At 10.00 hours | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 at Office during office hours (In working days) | Dt.03.01.2026 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".
OIPR-32347/11/0009/2526
Sd./- Additional Chief Engineer, Balangir Irrigation Circle, Balangir

GOVT. OF ODISHA
No.O-1698
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : KEONJHAR
email : se_nerwkjr@rediffmail.com
eProcurement Notice for Road Works under PM-JANMAN Batch-I
Identification No.NCB-36/RWCKJR/2025-26
No. 5233 // Date : 04.12.2025//

1. Name of the work : **Construction of road works under PM-JANMAN Batch-I in the District of Keonjhar**, 2. Package No. : **OR-17-JNM-02**, 3. Estimated Cost : **Rs.182.64 Lakhs (Approximately)**, 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **09** (Nine) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-36/ RWCKJR /2025-26 | Dt.09.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.25 at 11.00 A.M. | Will be intimated later |

• **Further details can be seen from the website : www.pmgsytenders.gov.in**
Sd./- Chief Construction Engineer, R.W. Circle, Keonjhar
OIPR-25177/11/0115/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
e-mail : serwsbd2003@yahoo.com
Letter No. : 6475
Date : 05.12.2025
2nd Corrigendum

**No.O-1727** : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539, Dtd.23.09.2025, partial modification of NCB has been made due to GePENIC portal is not allowing to process due to want Administrative Approval which is yet to be accorded by the competent authority in WAMIS portal.

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. | Extended up to 30.12.2025 5.00 PM |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
Sd./- Chief Construction Engineer, Rural Works Circle, Sunabeda
OIPR-25182/11/0100/2526

# ନିଯୁକ୍ତି ସୃଜନ ସରକାରୀ ଯୋଜନା ଦିଗହରା

**ପଟ୍ଟାମୁଣ୍ଡାଇ, ୭।୧୨ (କଳ୍ପତରୁ ନାୟକ):**

- ବଢ଼ୁଛି ବେକାରି ସମସ୍ୟା, କେନ୍ଦ୍ରାପଡ଼ାରେ ସର୍ବାଧିକ
- ଅଣୁ, କ୍ଷୁଦ୍ର ଉଦ୍ୟୋଗକୁ ମିଳୁଛି ଅନୁମୋଦନ, ମିଳୁନି ପ୍ରୋତ୍ସାହନ
- ବ୍ୟାଙ୍କକୁ ଦୌଡ଼ି ନିରାଶ ହିତାଧିକାରୀ
- ଯୁବବର୍ଗ ଯାଉଛନ୍ତି ଦାଦନ ଖଟି



ମସଲା ୟୁନିଟ୍।

ଦେଶରେ ବେକାରି ସମସ୍ୟା ଦୂରୀକରଣ ପାଇଁ କେନ୍ଦ୍ର ସରକାର ଏକ କ୍ରେଡିଟ୍-ଲିଙ୍କ୍ ସବ୍‌ସିଡି ଯୋଜନାରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ପ୍ରାରମ୍ଭ କରିଥିଲେ। ଯାହା ଗ୍ରାମୀଣ ଓ ସହରାଞ୍ଚଳର ବେକାର ଯୁବତୀଯୁବକ ଆତ୍ମ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିଲା। ଏ ନେଇ ପ୍ରକଳ୍ପ ଉପରେ ୧୫%ରୁ ୩୫% ପର୍ଯ୍ୟନ୍ତ ସରକାରୀ ସବ୍‌ସିଡି ଯୋଗାଇ ଦିଆଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ହେଲେ ଏହି ଯୋଜନା ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ ଦିଗହରା ହୋଇପଡିଛି। ଏହି ଯୋଜନାରେ ଇଚ୍ଛୁକ ଯୁବତୀଯୁବକଙ୍କୁ ଅନୁମୋଦନ ମିଳୁଛି, ମାତ୍ର ବ୍ୟାଙ୍କରୁ ଋଣ ମିଳୁନାହିଁ। ଫଳରେ ସେମାନେ ନିରୁପାୟ ହୋଇ ଦାଦନ ଖଟିବାକୁ ବିଦେଶ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ଅଗ୍ରଣୀ ହୋଇପାରିନାହିଁ। ଯେଉଁ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ହୋଇଛି ତାହା ଦେଖିବାକୁ ମିଳିପାରୁନାହିଁ। ଏଥିପାଇଁ କାର୍ଯ୍ୟ କରୁଥିବା ଜିଲା ଶିଳ୍ପକେନ୍ଦ୍ର ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କ ସାମଗ୍ରିକ ଚେଷ୍ଟା ପରିଲକ୍ଷିତ ହେଉନାହିଁ। ମାତ୍ର ପ୍ରତିବର୍ଷ ନିଜ ଟାର୍ଗେଟ ପୂରଣ କରୁଥିବା ଦର୍ଶାଉଛନ୍ତି। ଗତ ୫ ବର୍ଷର ହିସାବକୁ ନେଲେ ଜିଲାରେ ପ୍ରାୟ ଏକ ହଜାରରୁ ଅଧିକ ବିଭିନ୍ନ ଉଦ୍ୟୋଗ ରହିଥିବା କୁହାଯାଇଛି। ମାତ୍ର ସରକାରୀ ଭାବେ ଜିଲାରେ ୩୧,୦୪୫ଟି ଅଧିକ ଅଣୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ରହିଛି ବୋଲି ଗତ ବିଧାନସଭା ପ୍ରଶ୍ନ କାଳରେ ସରକାରୀ ଭାବେ ଜଣାପଡିଛି। ତେବେ ଜିଲାରେ ଏତେ ସଂଖ୍ୟାକ ଉଦ୍ୟୋଗ ଥିବାବେଳେ ଜିଲାରେ ଶିଳ୍ପର ବିକାଶ କାହିଁକି ହୋଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଲୋକେ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଆଲୋଚନା ହେଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଷ୍ଣୁପ୍ରିୟା ବାରିକ ପିଏମ୍‌ଇଜିପିରେ ଏକ ଅଣୁ ଉଦ୍ୟୋଗ କରିବାକୁ ୨୦୨୨ରେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ ପରେ ଅନୁମୋଦନ ମିଳିଥିଲା। ସ୍ଥାନୀୟ ଏକ ବ୍ୟାଙ୍କ ୨୫।୧।୨୦୨୨ରେ ଚିଠି କରି ସମସ୍ତ କାଗଜପତ୍ର ସହ ଜମା ଅର୍ଥ ଭରିବାକୁ କୁହାଗଲା। ସମସ୍ତ ବ୍ୟବସ୍ଥା ପରେ ଋଣ ମିଳିପାରିଲା ନାହିଁ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଓ ବନ୍ଧକ ରଖିବାକୁ ସ୍ଥାବର ସମ୍ପତ୍ତି ନ ଥିବାରୁ ସେ ଋଣ ପାଇବାରୁ ବଞ୍ଚିତ ହେଲେ। ଯଦି ବନ୍ଧକ ନ ରଖିଲେ ଋଣ ମିଳିବନାହିଁ ତେବେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ଷଣ୍ଢପଲ୍ଲୀ ଗ୍ରାମର ରାଜଲକ୍ଷ୍ମୀ ମାହାଳିକ କହିଛନ୍ତି, ଜିଲା ଶିଳ୍ପ କେନ୍ଦ୍ରରୁ ଇଡିପି ଟ୍ରେନିଂ ନେଇ ଏକ ରେଡିମେଡ୍ କପଡ଼ା ସିଲାଇ ମେଶିନ ପାଇଁ ପିଏମ୍‌ଇଜିପିରେ ଆବେଦନ କାରିଥିଲି। ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୨୦୧୮ରେ ଆବେଦନ ପତ୍ର ଆସିଥିଲା। ବ୍ୟାଙ୍କ ଦ୍ୱାରା ସରଜମିନ ତଦନ୍ତ କରାଯାଇଥିଲା। ମାତ୍ର ବାରମ୍ବାର ଦୌଡିବା ପରେ ମଧ୍ୟ ଋଣ ପ୍ରଦାନ କାରାଗଲାନାହିଁ। ସେଥିନେଇ କଟକ ଅଦାଲତର ପିଏଲ୍‌ଏ ୭/୨୦୧୯ରେ ଏକ ମାମଲା କରାଯାଇଥିଲା। ଅଦାଲତ ସପକ୍ଷରେ ରାୟ ପ୍ରକାଶ କଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଋଣ ମିଳିପାରିଲା ନାହିଁ। ଯାହା ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା କେନ୍ଦ୍ର ସରକାରଙ୍କ ଏକ ପ୍ରହସନ ବୋଲି ସେ କହିବା ସହ ଗରିବ ମଲିମୁଣ୍ଡିଆଙ୍କ ପାଇଁ ସରକାରଙ୍କ ସମସ୍ତ ଯୋଜନା ଦିଗହରା ବୋଲି ସେ କହିଛନ୍ତି। ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନାରେ ଅନାଦାୟ ଋଣ (ଏନ୍‌ପିଏ) ତାଲିକା ବଢ଼ିବାରୁ ବାଧ୍ୟ ହୋଇ ବିନା ବନ୍ଧକରେ ଋଣ ଦେବାକୁ ପଛଘୁଞ୍ଚା ଦେଉଛୁ। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶିକ୍ଷିତ ବେକାରି ଯୁବତୀଯୁବକ ସଂଖ୍ୟା ଢେର ଅଧିକ। କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପିଏମ୍‌ଇଜିପି ମାଧ୍ୟମରେ ଋଣ ଅନୁମୋଦନ ମିଳୁଥିଲେ ମଧ୍ୟ ଅନେକ ବେକାରି ଯୁବତୀଯୁବକ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହେଉଛନ୍ତି। ଯାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେଲେ କେତେ ପରିମାଣର ଦାଦନ ସମସ୍ୟା ଦୂର ହୋଇପାରନ୍ତା।

# ପାରାଦୀପ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ, ନାଟକ 'ଭୟ' ମଞ୍ଚସ୍ଥ



ନାଟକରେ କଳାକାରମାନେ ଅଭିନୟ କରୁଛନ୍ତି।

**ପାରାଦୀପ,୭।୧୨(ଶରତ ରାଉତ)**

ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ପାରାଦୀପ ସାଂସ୍କୃତିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବନ୍ଦରର ଅର୍ଥ ବିଭାଗର କଳାକାରମାନେ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ନାଟକ 'ଭୟ' ମଞ୍ଚସ୍ଥ କରିଥିଲେ। ଏକ ଅଦୃଶ୍ୟ ଶକ୍ତି ଯାହା ମନୁଷ୍ୟକୁ ଭିତରୁ ଖାଇଯାଏ ଓ ମନର ଅନ୍ଧକାରରେ ଘର କରିଯାଏ ସେଇଠି ଭୟ ସୃଷ୍ଟି ହୁଏ। ସେଠାରେ ଭୟ ଏବଂ ମନୁଷ୍ୟତା ମୁହାଁମୁହିଁ ହୋଇଯାଆନ୍ତି। ଏକ ସାଧାରଣ ପରିବାରର ମା', ବାପା ଓ ଝିଅଙ୍କ ଜୀବନର ଦିଗକୁ ଏକ ଅଜଣା ଶବରେ ବଦଳାଇ ଦିଏ। ମନୁଷ୍ୟତା ଭାବି ସେମାନେ ଚେଷ୍ଟା କରନ୍ତି ଶବକୁ ଚିହ୍ନିବା ପାଇଁ, ସମ୍ମାନର ସହିତ ଶବଦାହ କରିବା ପାଇଁ। କିନ୍ତୁ ସମାଜ ଭୟରେ ନୀରବ ହୋଇଗଲା। ଯେଉଁଠି ସମସ୍ତେ ପଛକୁ ହଟିଗଲେ ସେଥି ବାପା ଓ ଝିଅ ସତ୍ୟ ଖୋଜିବାରେ ଅତୁଟ ରହିଲେ। ଯେତେବେଳ ସତ୍ୟ ପରିପ୍ରକାଶ ହେଲା ତାହା ଭୟଙ୍କର ଥିଲା। ଏହା ହେଉଛି ନାଟକର ବିଷୟବସ୍ତୁ। ଏଥିରେ ମନୁଷ୍ୟ ମନରେ ଥିବା 'ଭୟ', ଦାୟିତ୍ୱ ଓ ମାନବତାର ସଂଘର୍ଷର ଏକ ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଛି। ଅନ୍ତିମ ସନ୍ଧ୍ୟାର ନାଟକର ମୁଖ୍ୟ ଆକର୍ଷଣ ଥିଲା ପ୍ରଶାନ୍ତ ମହାରଣା ଏବଂ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ପାଲା ପରିବେଷଣ। ଓଡ଼ିଶାର ପୁରାତନ କଳା ପାଲାକୁ ପରିବେଷଣ କରି କଳାକାରମାନେ ଦର୍ଶକମାନଙ୍କ ପ୍ରଶଂସା ସାଉଁଟିଥିଲେ। ୯ ଦିନ ଧରି ପାରାଦୀପ ବନ୍ଦର ତରଫରୁ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବରେ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ କଳା ସଂସ୍କୃତି ପ୍ରତି ନିଜର ପ୍ରତିବଦ୍ଧତା ସୃଷ୍ଟି କରିଥିଲା। ଏଥିସହ ଅନ୍ତେବାସୀମାନଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା। ଏହି ମହୋତ୍ସବ ସେମାନଙ୍କ ମଧ୍ୟରେ ଭାଇଚାରା ମଧ୍ୟ ସୃଷ୍ଟି କରିପାରିଥିଲା।

# ଭଙ୍ଗାଘରେ ୪ ପ୍ରାଣୀ କୁଟୁମ୍ବ, ପିଲାଙ୍କ ପାଠପଢ଼ାରେ ଡୋରି

**ରାଜକନିକା,୭।୧୨(ସଞ୍ଜୟ କୁମାର ଦାଶ)**

### ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଅସହାୟ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ବରାଡ଼ିଆ ପଞ୍ଚାୟତ ଶିଆଳିଆ ଗାଁର ସୁଶୀଳା ମଲିକ(୩୫)ଙ୍କ ସ୍ୱାମୀ ଅଭୟ ମଲିକ ୮ ବର୍ଷ ତଳେ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁ ପରଠାରୁ ଦୁଃଖକଷ୍ଟରେ ଭଙ୍ଗା ଘରେ ଦିନ କାଟୁଛନ୍ତି ସୁଶୀଳାଙ୍କ ସମେତ ୨ଝିଅ ସୁଧାଂଶୁବାଳା(୧୧), ଶୈଳବାଳା(୮) ଓ ବୃଦ୍ଧା ଶାଶୁ ଶାନ୍ତିଲତା(୮୦)। ସ୍ୱାମୀଙ୍କ ମୃତ୍ୟୁର ୮ ବର୍ଷ ହେବ ପରିବାର ପ୍ରତିପୋଷଣ ପାଇଁ ସୁଶୀଳା ସଂଘର୍ଷ କରି ଚାଲିଛନ୍ତି। ନିଜ ଘରେ ଏକ ସିଲେଇ ମେଶିନ ପକାଇ ସେଥିରୁ ଯାହା ରୋଜଗାର ହୁଏ କଷ୍ଟେମଷ୍ଟେ ପରିବାର ଚଳିଯାଉଛି। ଟେଲରିଂ କାମ ନ ଥିଲେ ଚୁଲି ଜଳେନି ଘରେ। ଓଳିଏ ଖାଇଲେ ଆର ଓଳି କଥା ଚିନ୍ତା କରିବାକୁ ପଡେ। ଏମିତି ବି ପରିବାର ଉପବାସ ରହୁଥିବା ନଜିର ଅଛି ବୋଲି କୋହଭରା କଣ୍ଠରେ ସୁଶୀଳା କହିଛନ୍ତି। ଏ ପରିସ୍ଥିତିରେ ପରିବାରରେ କାହାର ଦେହ ଖରାପ ହେଲେ ଏମିତିକି ବୃଦ୍ଧା ଶାଶୁଙ୍କୁ ଠିକ୍ ଭାବେ ଔଷଧ ଟିକକ ମଧ୍ୟ ଯୋଗାଇ ହେଉ ନାହିଁ। ଝିଅ ଦୁହିଁଙ୍କ ପାଠପଢ଼ା ପ୍ରତି ଆଗ୍ରହ ଥିଲେ ମଧ୍ୟ ଆବଶ୍ୟକ ପାଠ୍ୟ ଉପକରଣ ବହି, ଖାତା ଓ କଲମ ଆଦି ଯୋଗାଇ ହେଉ ନ ଥିବାରୁ ସେମାନଙ୍କ ପାଠ ପଢ଼ାରେ ଡୋରି ଲାଗିଥିବା କଥା କହିଛନ୍ତି।

ସାନଝିଅ ଶୈଳବାଳା କହିଛନ୍ତି, ପାଠ ପଢ଼ି ଭଲ ମଣିଷ ହେବା ଓ ଭଲ ଚାକିରି କରି ଘର ପରିସ୍ଥିତି ସୁଧାରିବାକୁ ଇଚ୍ଛା ଥିଲେ ବି ପରିବେଶ ପରିସ୍ଥିତି ଏବଂ ଗରିବି ପିଛା ଛାଡୁନି, ଆମ ଦୁହିଁଙ୍କର ପାଠପଢ଼ା ପ୍ରତି ଆଗ୍ରହ ଥିଲେ ବି ପଢ଼ିବାର ସୁଯୋଗ ପାଉନାହୁଁ। ଅପରପକ୍ଷରେ ୪ ପ୍ରାଣୀ କୁଟୁମ୍ବ ରହୁଥିବା ଘର ଭାଙ୍ଗିଗଲାଣି। ବହୁବର୍ଷ ହେବ ବଖରାଏ ଛାତ ଘର ଅଛି। ସେ ପୁଣି ବର୍ଷାଦିନରେ ଛାତରୁ ପାଣି ଗଳୁଛି। ଛାତର କେତେକ ସ୍ଥାନରେ ଫାଟି ଆଁ କରି ଲୁହାଛଡ଼ ଦିଶିଲାଣି। ଯେକୌଣସି ମୁହୂର୍ତ୍ତରେ ଛାତ କଂକ୍ରିଟ ଖସି ଅଘଟଣା ଘଟିବାର ଆଶଙ୍କା ରହିଛି। ତେବେ ଏହି ଅସହାୟ ପରିବାରକୁ ସରକାରୀ ଯୋଜନାରେ ଘର ଖଣ୍ଡେ ସହ ପିଲାଙ୍କ ପାଠପଢ଼ା ଓ ପରିବାର ପ୍ରତିପୋଷଣ ପାଇଁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ପଚାରିବାରେ ଉକ୍ତ ପରିବାରର ପିଇଓଙ୍କ ତଦନ୍ତ ପରେ ସରକାରୀ ନିୟମାନୁଯାୟୀ ଯାହା ସହାୟତା ଯୋଗାଇହେବ ତାହା ଦିଆଯିବ ବୋଲି କହିଛନ୍ତି।



ଭଙ୍ଗା ଘରେ ଶାନ୍ତିଲତାଙ୍କ ପରିବାର।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିପିନ



@ ଦିଲୀପ



@ ଲିଙ୍ଗରାଜ



@ ମୃତ୍ୟୁଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତାରାମଣୀ କପିଳେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ

**ରାଜକନିକା,୭।୧୨(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ଶିକ୍ଷା ମଣ୍ଡଳ ଅଧୀନ କାଟଣା ପଞ୍ଚାୟତ ତାରାମଣୀ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କନିକା ତସିଲଦାର ଭାନୁମତୀ ମାଝୀ, ମୁଖ୍ୟ ବକ୍ତା ଭାବେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି, ମଣ୍ଡଳ ସାଧନା କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯଇଥିଲା। ପୂର୍ବତନ ସିଆରସିସି ମହେନ୍ଦ୍ର କୁମର ମାହୁନ୍ତ ଅତିଥି ପରିଚୟ ପ୍ରାଦନ କରିଥିଲେ। ଶିକ୍ଷୟିତ୍ରୀ ତପେଶ୍ୱରୀ ତ୍ରିପାଠୀ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ସତ୍ୟଜିତ ଦାସ ଧନ୍ୟବାଦ ଦେଇଥିଲେ।

# ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଶୋଭାଯାତ୍ରା



ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଯାଜପୁର ଟାଉନ,୭।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ରବିବାର ସୌର୍ଯ୍ୟ ଦିବସ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା କୁଆଖିଆ ମଧୁବନ ନିକଟ ମା' ହିଙ୍ଗୁଳା ପଡ଼ିଆରୁ ବାହାରି କୁଆଖିଆ, ହରିପୁର, ବରୁଆଁ, ବୁଢ଼ାଘାଟ, ମଲ୍ଲିକାପୁର, ଗୋଖନା, ଏନସି କଲେଜ, ମାନସାପୋଲ, ରେଡ୍‌କ୍ରସ ଛକ, ମେଡିକାଲ ଛକ, ଗାନ୍ଧିଛକ, ହାବେଳି ବଜାର, ବଡ଼ବଜାର, ନାରାୟଣ ଛକ, ଗରିଆପୁର, ଯୋଡ଼ିକୁଅ, କୁଆଁସରପୁର, ବିରଜା ହାଟ ଦେଇ ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ପ୍ରଭାତ ମଲ୍ଲିକ, ଜିଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ବାଦଲ ନାୟକ, ଅନିଲ ଦାଶ, ଗୌତମ ପ୍ରସାଦ ସାହୁ, ଆନନ୍ଦ ରାଉତ, ଅରବିନ୍ଦ ଦାଶ, ସୁରେଶ କୁମାର ପତି, ଦିପନ ଦାଶଙ୍କ ସମେତ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ବାଇକ୍ ଓ ଚାରି ଚକିଆ ଯାନରେ ଶୋଭାଯାତ୍ରା କରିଥିଲେ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ

### ପର୍ଯ୍ୟଟନକୁ ଗୁରୁତ୍ୱାରୋପ

**ଯାଜପୁର /କାଳିଆପାଣି/ କଳିଙ୍ଗନଗର, ୭।୧୨(ହର୍ଷବର୍ଦ୍ଧନ ବେହେରା/ ଅସିତ ମହାନ୍ତ/ଶୁଭାଶିଷ ରାଉତ**



ଛାତ୍ରୀଛାତ୍ରଙ୍କ ସହ ଚାନ୍ଦମାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଓ ଅନ୍ୟ ଅଧିକାରୀ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର (ଆଇଏଏସ୍) ରବିବାର ଯାଜପୁର ଜିଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସଚିବ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ। ଏହାପରେ ଷଠିପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଚାନ୍ଦମାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଦାନଗଦି ଓ ସୁକିନ୍ଦା ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମା' ଗୃହ ଓ ଏନ୍‌ଆର୍‌ସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଓଡ଼ିଶାର ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ। କ୍ଷେତ୍ର ପରିଦର୍ଶନ ସରିବା ପରେ ବ୍ୟାସନଗରସ୍ଥିତ ଟାଉନ୍‌ହଲ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ମିଶ୍ରଙ୍କ ସହ ଯାଜପୁର ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲାର ମଧ୍ୟ ଏକ ବଡ଼ ଯୋଗଦାନ ରହିଛି ବୋଲି କହିଥିଲେ। ସଚିବ ମିଶ୍ର ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଞ୍ଚି ପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ମିଶ୍ରଙ୍କ ଦିଗଦର୍ଶନ ଅନୁଯାୟୀ ଯାଜପୁର ଜିଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବା ସହ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଅମ୍ବର କୁମାର କର କହିଥିଲେ।

# ବିଲରେ ନଡ଼ା, ପାଳ ପୋଡ଼ି ଚିନ୍ତାର କାରଣ

ନୟାଗଡ଼, ୭।୧୨(ଲୋକନାଥ ମିଶ୍ର)

■ସଚେତନତା, କାର୍ଯ୍ୟାନୁଷ୍ଠାନ ପାଇଁ ନାହିଁ ପଦକ୍ଷେପ
■ଧାନ ଅମଳ ପରେ ଆଗଭଳି ଆଉ ଘରକୁ ଯାଉନି ପାଳ, ନଡ଼ା

ଧାନ ଅମଳ ଋତୁରେ ନୟାଗଡ ଜିଲାର ଧାନ ଜମି (ବିଲ)ରେ ନଡ଼ା ଓ ପାଳ ପୋଡ଼ି ବଢ଼ୁଥିବାରୁ ଚିନ୍ତାର କାରଣ ପାଲଟିଛି। ନଡା, ପାଳ ପୋଡି ନେଇ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ବାୟୁ ଓ ପରିବେଶ ପ୍ରଦୂଷିତ ହେଉଛି। ଏଥିପାଇଁ ବଜେଟରେ ଚାଷ ଓ ଗୋପାଳନ ପାଇଁ ଅଧିକ ପରିମାଣର ଅର୍ଥ ବ୍ୟବସ୍ଥା ପାଇଁ ଦାବି ଉଠିଛି। ପ୍ରତିବର୍ଷ ନଡା ଓ ପାଳ ପୋଡି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ନିରାକରଣ ପାଇଁ ପ୍ରଶାସନ କି ସରକାର ପଦକ୍ଷେପ ନ ନେବା କାରଣରୁ ବଢ଼ି ଚାଲିଛି।

ଗାଁ ଗହଳିରେ ଗାଈ, ବଳଦ, ପୋଢୁଅ, ମଇଁଷୀଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ଘରେ ଗୃହ ପାଳିତ ପ୍ରାଣୀ ନ ଥିବା, ଗାଁରେ ଚାଳ ଛପର ଘର ନ ଥିବା କାରଣରୁ ପାଳ ଓ ନଡା ଆଉ ଦରକାର ହେଉ ନାହିଁ। ଆଗରୁ ଧାନ ଘର ବାରିକୁ ଅଣାଯାଇ ବେଙ୍ଗଳା ପକାଯାଏ। ଏବେ ଧାନବିଲରେ ମେଶିନ ସାହାଯ୍ୟରେ ଧାନ କଟା ଓ ଅମଳ କରାଯାଉଛି। ପାଳ ଓ ନଡା ବାରିକୁ ଆଣିବାକୁ ହେଲେ ପରିବହନ ବାବଦରେ ଚାଷୀ ଖର୍ଚ୍ଚ କରୁଛି ତାହାର ଲାଭ ପାଉନାହିଁ। ଏଣୁ ଧାନ ଜମିରୁ ବାରି ଖଳାକୁ ନଡା ଓ ପାଳ ଚାଷୀ ଆଣୁନାହିଁ। ବିଲରେ ଧାନ ଅମଳ ପରେ କେବଳ ପାଳ ବାହାରୁଛି। ଆଉ ଆଗପରି ନଡା କରାଯାଉନି। ଚାଷୀ ଜମିରେ ପାଳ ଛାଡି ଚାଲି ଆସୁଛନ୍ତି। ପରେ ପାଳରେ ନିଆଁ ଲଗାଇ ପୋଡି ଦେଉଛନ୍ତି। ଯେଉଁ ହାତ ଗଣତି ଚାଷୀ ନଡା କରୁଛନ୍ତି ସେମାନଙ୍କଠାରୁ ଛତୁ ଚାଷୀ ନଡା ନେଉଛନ୍ତି। ହେଲେ ଅମଳ ହେଉଥିବା ସମସ୍ତ ନଡାକୁ ଛତୁ ଚାଷୀ ନେଉ ନ ଥିବାରୁ ଚାଷୀ ନଡା କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ଧାନ ଅମଳ ଋତୁ ସରିବା ପରେ ଚାଷୀ ବିଲରେ ନଡାପାଳ ପୋଡି ଦେଉଛନ୍ତି। ଏଭଳି ନଡାପାଳ ପୋଡିବା ପ୍ରକ୍ରିୟା ବିଗତ ୨୦୧୭ରୁ ଆରମ୍ଭ ହୋଇଛି। ନଡା ଓ ପାଳ ପୋଡି କାରଣରୁ ବାୟୁ, ପରିବେଶ ପ୍ରଦୂଷିତ ହେଉଛି। ଏହାର ପ୍ରଭାବରେ ଜନସାଧାରଣ ମୁଖ୍ୟତଃ ଶ୍ୱାସ ଜନିତ ରୋଗ ସହ ଅନେକ ପ୍ରକାର ରୋଗରେ ରୋଗାକ୍ରାନ୍ତ ହେଉଛନ୍ତି। ଏ ନେଇ ନଡାପାଳର ଚାହିଦା କମିଯାଇଛି। ଏହାର ନିରାକରଣ ପାଇଁ ଗୋସମ୍ପଦ ବୃଦ୍ଧି ନିହାତି ଜରୁରୀ। ଗୋସମ୍ପଦ ହ୍ରାସ ହେତୁ ଜମିକୁ ଗୋବର ଖତ ଭଳି ଜୈବିକ ସାର ମିଳୁନାହିଁ। ଯାହା ଚାଷ ପାଇଁ ନିତ୍ୟାନ୍ତ ଆବଶ୍ୟକ। ଏବେ ଚାଷୀଙ୍କ ପାଖରେ ଗୋବର ଖତ ନ ଥିବା ଯୋଗୁ ରାସାୟନିକ ସାର ଚାଷୀ ଜମିରେ ପକାଉଛନ୍ତି।

## ଗୀତରେ ପାଳ, ନଡ଼ା ପୋଡ଼ିର ଭୟାବହତା



ପରିବେଶବିତ୍ ସୁକାନ୍ତ ଚୌଧୁରୀ ଗୀତ ବୋଲି ଲୋକଙ୍କୁ ସଚେତନ କରୁଛନ୍ତି।

ଗୋଖାଦ୍ୟ ପାଳ ଓ ନଡା ବିଲରେ ପୋଡିର ଭୟାବହତା ଓଡଗାଁ ବ୍ଲକ କୁରାଳ ଗାଁର ପରିବେଶ୍‌ବିତ୍ ସୁକାନ୍ତ ଚୌଧୁରୀ ଓଡ଼ଗାଁ, ନୂଆଗାଁ ଓ ଦଶପଲ୍ଲା ବ୍ଲକର ବିଭିନ୍ନ ଗାଁକୁ ଗାଁ ବୁଲି ଗୀତ ମାଧ୍ୟମରେ ସଚେତନତା କରାଉଛନ୍ତି। ଜିଲାସାରା ସଚେତନତା କରାଯିବାର ଲକ୍ଷ୍ୟ ରଖିଛନ୍ତି। ସେହିପରି ଗାଁ ଲୋକ, ଚାଷୀଙ୍କୁ ନଡା ଓ ପାଳ ପୋଡି ନ କରିବାକୁ ପରାମର୍ଶ ଦେଉଛନ୍ତି। ସୁକାନ୍ତ ନିଜ ସ୍କୁଟିରେ ଏକ ଡାକବାଜୀ ଯନ୍ତ୍ର ଯୋଗେ ନଡା ଓ ପାଳ ପୋଡି ବନ୍ଦ କରିବାକୁ ଗୀତରେ ଅଳି କରୁଛନ୍ତି। ପୁଣି ପାଳ ପୋଡିର ବିଫଳତାର ବାର୍ତ୍ତା ବାଣ୍ଟୁଛନ୍ତି। ନିଜେ ଲେଖିଥିବା ଗୀତରେ ମା' ଓ ଭଉଣୀଙ୍କୁ କରୁଛି ଅଳି ଅଯଥାରେ ପାଳ କୁଟା ଦିଅନାହିଁ ଜାଳି। ପାଳ ପାଉଁଶରେ ନ ଥାଏ ସାର, ପାଳଖତ କରେ ଜମିକୁ ଉର୍ବର କରିଥାଏ। ଫସଲ ଆମର ଘରକୁ ନେଇ ଜମି ପାଇଁ ପାଳ, ନଡା ଦେବା ଫେରାଇ ଦେବା ପରି ଗୀତ ଗାଇ ଆକୃଷ୍ଟ କରି ଚାଲିଛନ୍ତି। ସୁକାନ୍ତଙ୍କ ଗୀତକୁ ନେଇ ଗାଁ ଲୋକ ଶୁଣୁଛନ୍ତି। କେହି କେହି ସୁକାନ୍ତଙ୍କ ବାର୍ତ୍ତା ଶୁଣି ପାଳ ଓ ନଡା ପୋଡି ନ କରିବାକୁ କହୁଛନ୍ତି। ଆଉ କେତେଜଣ ଶୁଣୁ ନାହାନ୍ତି। ତେବେ ସୁକାନ୍ତ ଏଥିରେ ହାର ନମାନି ଆଗକୁ ବଢ଼ି ଚାଲିଛନ୍ତି। ଏ ନେଇ ପରିବେଶବିତ ସୁକାନ୍ତ ଚୌଧୁରୀଙ୍କୁ ପଚାରିବାରେ ନଡା ଓ ପାଳ ପୋଡି ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଜମିର ଉର୍ବରତା ହ୍ରାସ ଓ ଉପକାରୀ କୀଟ ପ୍ରାଣ ହରାଉଛନ୍ତି। ଏଭଳିସ୍ଥିତି ଲାଗି ରହିଲେ ଆଉ କିଛି ବର୍ଷ ପରେ ଦିଲ୍ଲୀ ପରି ଅସୁବିଧା ନୟାଗଡ଼ ଜିଲାର ଗାଁ ଗହଳିର ଲୋକଙ୍କୁ ଭୋଗିବାକୁ ପଡିପାରେ। ପୁଣି ପଞ୍ଜାବ ଓ ହରିୟାଣାର ଚାଷୀମାନଙ୍କ ପରି ଆମେ ବି ହଇରାଣ ହେବାର ସମ୍ଭାବନା ରହିଛି। ଏଣୁ ନଡା ଓ ପାଳ ପୋଡି ବନ୍ଦ ପାଇଁ ସଚେତନତା ଜାରି ରହିଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିପିନ



@ ଦିଲୀପ



@ ଲିଙ୍ଗରାଜ



@ ମୃତ୍ୟୁଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଟିସି କୋଣାର୍କ ନଗର ଖୋର୍ଦ୍ଧା ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଭାପୁର, ୭।୧୨ (ପ୍ରଭାତ ବରାଡ)

## ଚକ୍ରଧରପ୍ରସାଦ କ୍ରିକେଟ ଟୁର୍ଣାମେଣ୍ଟ

ଭାପୁର ବ୍ଲକ ଅନ୍ତର୍ଗତ ଚକ୍ରଧରପ୍ରସାଦ କ୍ରିକେଟ ଟି-୨୦ ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏମ.ଟି.ସି କୋଣାର୍କ ନଗର ଖୋର୍ଦ୍ଧା ଚାମ୍ପିୟନ ହୋଇଥିବା ବେଳେ ନୟାଗଡ଼ ଇଲେଭନ ଟିମ୍ ରନର୍ସ ହୋଇଛି। ବିଭିନ୍ନ ଜିଲାର ୮ ଟି ଟିମକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସମସ୍ତଙ୍କୁ ପଛରେ ପକାଇ କୋଣାର୍କ ନଗର ଖୋର୍ଦ୍ଧା ଓ ନୟାଗଡ଼ ଫାଇନାଲରେ ପ୍ରବେଶ କରିଥିଲେ। ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ ରବିବାର ଗ୍ରାଣ୍ଡ ଫାଇନାଲରେ ୩ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଫର୍ମାଟରେ ଏମ୍‌ଟିସି କୋଣାର୍କ ନଗର ଖୋର୍ଦ୍ଧା ୬ ଓଭରରେ ୪ ଉଇକେଟ ହରାଇ ୭୩ ରନ କରିଥିଲା। ଜବାବରେ ନୟାଗଡ଼ ୬ ଓଭରରେ ୬ ଉଇକେଟ ହରାଇ ୪୩ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ନୟାଗଡ଼ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୬ ଓଭରରେ ୬ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ଜବାବରେ କୋଣାର୍କ ନଗର ୨.୪ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ତୃତୀୟ ଫର୍ମାଟ ମ୍ୟାଚରେ କୋଣାର୍କ ନଗର ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ନୟାଗଡ଼ ଇଲେଭନ ୫ ଓଭରରେ ୨ ଉଇକେଟ ହରାଇ ୬୧ ରନ କରିଥିଲା। ୩ଟି ଫର୍ମାଟରୁ ୩ଗୋଟି ମ୍ୟାଚକୁ ଏମ୍‌ଟିସି କୋଣାର୍କ ନଗର ଖୋର୍ଦ୍ଧା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ଚାମ୍ପିୟନ ଦଳର ରାଜେଶ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଜ୍ୟୋତି ପ୍ରକାଶ ବାରିକ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏହି ଗ୍ରାଣ୍ଡ ଫାଇନାଲ ମ୍ୟାଚର ଖେଳ ପରିଚାଳନା ରଙ୍କନିଧି ସାହୁ ଓ ସୂର୍ଯ୍ୟକାନ୍ତ ପରିଡା କରିଥିଲେ। ଖେଳର ଧାରା ବିବରଣୀ ପ୍ରଦୀପ କୁମାର ପ୍ରଧାନ ପ୍ରଦାନ କରିଥିବା ବେଳେ ସ୍କୋରର ସହାୟତା ଗୌରାଙ୍ଗ ଚରଣ ସେଠୀ କରିଥିଲେ। ଗ୍ରାଣ୍ଡ ଫାଇନାଲରେ ମୁଖ୍ୟ ଅତିଥି ଭାବରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ, ଭାପୁର ବ୍ଲକ ବିଜେଡି ଯୁବ ସଭାପତି ସନ୍ତୋଷ କୁମାର ପାଲଟା ସିଂ, ଚକ୍ରଧରପ୍ରସାଦ ଗ୍ରାମ୍ୟ କମିଟି ସଭାପତି ରାମଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖୋର୍ଦ୍ଧା ଚାମ୍ପିୟନ ଦଳକ ଟ୍ରଫି ଓ ନଗଦ ୧୮ ହଜାର ଟଙ୍କା ଓ ନୟାଗଡ଼ ଇଲେଭନ ଟିମକୁ ରନର୍ସ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଚକ୍ରଧରପ୍ରସାଦ କ୍ରିକେଟ ଟୁର୍ନାମେଣ୍ଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭୂତଳ ସମ୍ବଳ ସୂଚୀ ମାଧ୍ୟମରେ ଚାଷ ଜମିର ଉତ୍ପାଦନ ବୃଦ୍ଧି କର୍ମଶାଳା

ଓଡ଼ଗାଁ, ୭।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ଆନୁକୂଲ୍ୟରେ ରଙ୍ଗଣୀପାଟଣା ଏବଂ ପନ୍ତିଖାରୀ ପଞ୍ଚାୟତରେ ଚାଷ ଜମିର ଉତ୍ପାଦନତା ବୃଦ୍ଧି ଓ ଜଳବାୟୁ ସହନଶୀଳ କୃଷି ପାଇଁ ବିଜ୍ଞାନ ସମ୍ମତ ଜଳ ବିଭାଜିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରଙ୍ଗଣୀପାଟଣା ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ସସ୍ମିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, କୃଷି ଏବଂ ଜଳ ବିଭାଜିକା ସମ୍ବନ୍ଧୀୟ ବୈଜ୍ଞାନିକ ସଚିନ ରାଉତରାୟ, କେଭିକେ ମଧୁସ୍ମିତା ଯେନା, ଓଡ଼ଗାଁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରା, ସମିତିସଭ୍ୟ ସସ୍ମିତା ଶୁକ୍ଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଭୂ ସମ୍ପଦର ତଥ୍ୟାବଳୀ ମୃତ୍ତିକାର ପ୍ରକାର ଭେଦ ଏବଂ ସଂରକ୍ଷଣ ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେବା ସହିତ ମୃତ୍ତିକାର ଗୁଣବତ୍ତା ପରୀକ୍ଷା ଦ୍ୱାରା କେଉଁ ମୃତ୍ତିକାରେ କେଉଁ ପ୍ରକାର ଚାଷ ହୋଇପାରିବ ତାର ବୈଜ୍ଞାନିକ ପରାମର୍ଶ ଏବଂ ସହଯୋଗ ରହିଛି। ଏହାକୁ ସଦୁପଯୋଗ କରି ଚାଷୀ ତାର ଉତ୍ପାଦନକୁ ଦ୍ୱିଗୁଣିତ କରିପାରିବ ବୋଲି ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ପନ୍ତିଖାରୀ ପଞ୍ଚାୟତର ମଶାବାରୀ କଲ୍ୟାଣ ମଣ୍ଡପଠାରେ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରୋକ୍ତ ସମସ୍ତ ଅତିଥିଙ୍କ ସହିତ ପନ୍ତିଖାରୀ ସମିତି ସଭ୍ୟ ବୁଲୁ ଯେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ଚାଷୀଙ୍କ ସମସ୍ୟା ସମ୍ପର୍କରେ ବୈଜ୍ଞାନିକଙ୍କ ସହିତ ଆଲୋଚନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଚାଷୀ ଅଂଶଗ୍ରହଣ କରିଥିବା ବେଳେ ଓଭରସିୟର ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



କର୍ମଶାଳାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଛତ୍ରପୁର,୭।୧୨(ଦିଲୀପ ସାମଲ)

ଛତ୍ରପୁର ଥାନା ଅଧୀନ ପିଲିବନ୍ଧ ନିକଟରୁ ଅଚେତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ କେତେଜଣ ଲୋକ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଛତ୍ରପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ବ୍ରହ୍ମପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରି ସଂରକ୍ଷିତ ରଖାଯାଇଛି। ଯୁବକ ଜଣକ କିଛି ଦିନ ହେବ ଉକ୍ତ ଅଞ୍ଚଳରେ ରହି ଜରି ଗୋଟାଉ ଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

# ଜଗନ୍ନାଥ ଜ୍ଞାନ ସଂସ୍କୃତି ଜାତୀୟସ୍ତରୀୟ ପରୀକ୍ଷା

## ଓଡ଼ଗାଁ ବ୍ଲକର ଲିପ୍ସା ପ୍ରିୟଦର୍ଶିନୀ ପ୍ରଥମ, ଗାୟତ୍ରୀ ସାହୁ ଦ୍ୱିତୀୟ

ଓଡ଼ଗାଁ, ୭।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ପୁରୀ ଦ୍ୱାରା ସଞ୍ଚାଳିତ ଜଗନ୍ନାଥ ଜ୍ଞାନ ସଂସ୍କୃତି ଜାତୀୟସ୍ତରୀୟ ପରୀକ୍ଷାରେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଞ୍ଚରିଡା ଲୋକ ବିଦ୍ୟାପୀଠରେ ଲିପ୍ସା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ଗାୟତ୍ରୀ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ନୟାଗଡ଼ ଜିଲା ତଥା ଓଡ଼ଗାଁ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଅନ୍ୟପକ୍ଷରେ ଯାଜପୁର ଜିଲାର ମୋନାଲିସା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରବିବାର ପୁରୀଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ପରୀକ୍ଷା ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଲୋକନାଥ ଦଇତାପତି, ଭଗବାନ ସୁଆର, କୃଷ୍ଣଚନ୍ଦ୍ର ପୂଜାପଣ୍ଡା ଏବଂ ପୂର୍ବତନ ବିଧାୟକ ଜୟନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପୁରସ୍କାର ୫ ହଜାର, ଦ୍ୱିତୀୟ ପୁରସ୍କାର ୩ ହଜାର ଏବଂ ତୃତୀୟ ପୁରସ୍କାର ୨ ହଜାର ଟଙ୍କା ସହିତ ପ୍ରତ୍ୟେକଙ୍କୁ ଉପଢ଼ୌକନ ସହ ପ୍ରଶଂସା ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରୀକ୍ଷାକୁ ପରୀକ୍ଷା ନିୟନ୍ତ୍ରକ ଡ.ସୁରେଶ ଚନ୍ଦ୍ର ବରାଡ ପରିଚାଳନା କରିଥିବା ବେଳେ ନିରାକାର ସ୍ୱାଇଁ ଏବଂ ଗୋଦାବରୀ ବସନ୍ତିଆ ସହଯୋଗ କରିଥିଲେ।



ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନେ।

# ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଫାଟି ଆଁ

## ଠିକାଦାରଙ୍କ ମନମୁଖି କାର୍ଯ୍ୟ ପ୍ରଶାସନର ନିର୍ଦ୍ଦେଶକୁ ଫୁ

ଗଣିଆ, ୭।୧୨(ସନ୍ତୋଷ କୁମାର ପ୍ରଧାନ)



ରାସ୍ତା ନିର୍ମାଣ ପରେ ସୃଷ୍ଟି ହୋଇଥିବା ଫାଟ।



ନିର୍ମାଣ ହୋଇ ନ ଥିବା ରାସ୍ତା ଖାଲଖମାରେ ପୂର୍ଣ୍ଣ।

ନୟାଗଡ଼ ଜିଲା ଗଣିଆ ବ୍ଲକର ମା' କଳାପାଟଙ୍କ ମନ୍ଦିରଠାରୁ ବଡ଼ମୂଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଦୀର୍ଘ ୩ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ସରିପାରୁନାହିଁ। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ନୀରବତା ଯୋଗୁ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ନିର୍ଦ୍ଦେଶକୁ ଠିକାଦାର ଫୁ କରିଦେଇଛନ୍ତି। ଅଧାପନ୍ତରିଆ ଖାଲଖମା ରାସ୍ତା ପାଇଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି।

ଗଣିଆଠାରୁ ବଡ଼ମୂଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଥିଲା। ଏପରିକି ଲୋକମାନେ ଅନେକଥର ଗଣିଆ ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ହିଁ ମିଳିଛି। ଏ ନେଇ ଗତ ଜୁନ୍ ୭ରେ ଆଞ୍ଚଳିକ ବିକାଶ ପରିଷଦ ମାଧ୍ୟମରେ ଛାମୁଣ୍ଡିଆ ପଞ୍ଚାୟତର ଶତାଧିକ ଲୋକ ଗଣିଆ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାର ୩ ଦିନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଭିଜନାଲ ହେଡ ଦିବ୍ୟରାଣୀ ପୃଷ୍ଟି, ସବ୍ ଡିଭିଜନାଲ୍ ହେଡ ଏଇ ତଥା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମଞ୍ଜୁଲତା ବେହେରା ଓ ଠିକାଦାର ଅନୀଲ କୁମାର ବିଶ୍ୱାଳ, ପୂର୍ବତନ ତହସିଲଦାର ପ୍ରୀତିବାଳା ରଣା ଓ ବିଡିଓ ସାଗର କୁମାର ନନ୍ଦଙ୍କ ଉପସ୍ଥିତିରେ ବହୁ ତର୍ଜମା ହେବା ପରେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ପ୍ରତିଶ୍ରୁତି ମୁତାବକ ଗଣିଆଠାରୁ ୧୦ କିଲୋମିଟର ମା' କଳାପାଟଙ୍କ ପୀଠ ପର୍ଯ୍ୟନ୍ତ ଜୁନ୍ ୩୦ ତାରିଖ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ। ଦ୍ୱିତୀୟରେ ମା' କଳାପାଟଙ୍କ ମନ୍ଦିରଠାରୁ ବଡ଼ମୂଳ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟକୁ ନଭେମ୍ବର ୩୦ ସୁଦ୍ଧା ଶେଷ କରାଯିବ ବୋଲି ବିଭାଗୀୟ ଅଧିକାରୀ ଓ ଠିକାଦାର ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଯଦି ଲିଖିତ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ କାର୍ଯ୍ୟରୁ ବହିଷ୍କୃତ ହେବି ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି ଅନୁଯାୟୀ କିଛିଦିନ ତଳେ ଅଳ୍ପ ରାସ୍ତା କାର୍ଯ୍ୟ କରାଯାଇଥିବା ବେଳେ ରାସ୍ତାରେ ପାଣି ପକାଉ ନ ଥିବାରୁ ଫାଟିବା ସହ ଯାତାୟାତ ସମୟରେ ଧୂଳିରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ୭୦୦ମିଟର ରାସ୍ତା କଂକ୍ରିଟ କରି ନ ଥିବା ଯୋଗୁ ଖାଲଖମାରେ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ସମସ୍ୟା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ତେବେ ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ, ଧାରଣା ପରେ ବି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଅଦାଲତର ଦ୍ୱାରସ୍ଥ ହେବା ପାଇଁ ନିଷ୍ପତ୍ତି ନେଇଥିବା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଜୟଦେବ ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଭିଜନାଲ ହେଡ୍ ଦିବ୍ୟରାଣୀ ପୃଷ୍ଟିଙ୍କୁ ପଚାରିବାରେ ବାହାରେ ଅଛି, ଏ ବାବଦରେ ପଚାରି ବୁଝିବା ପରେ ଆପଣଙ୍କୁ କହିବି ବୋଲି ସେ କହିଛନ୍ତି।

# ଧାନଖରି ଜାଳିଦେଲେ ଦୁର୍ବୃତ୍ତ



ଚାଷୀଙ୍କ ଧାନଖରି ଜଳିଯାଉଛି।

ଦେଓଗାଁ, ୭।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉଡାର ଗାଁରେ ରବିବାର ଜନୈକ ଚାଷୀଙ୍କ ଧାନଖରିକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି । ଗାଁର ଗୋବିନ୍ଦ ପଧାନ ତାଙ୍କ ଅମଳ ଧାନକୁ ମଡାଇବା ପାଇଁ ଖଳାରେ ଖରି ଆକାରରେ ରଖିଥିଲେ । ରବିବାର ପ୍ରାତଃ ସମୟରେ କେହି ଉକ୍ତ ଧାନଖରିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଗୋବିନ୍ଦ ଖଳାରେ ପହଞ୍ଚିଲାବେଳକୁ ନିଆଁ ଚାରିପଟେ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବାବେଳକୁ ଧାନସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏବେ ବର୍ଷକର କଷ୍ଟୋପାର୍ଜିତ ଫସଲକୁ ହରାଇ ଗୋବିନ୍ଦଙ୍କ ପରିବାର ଚିନ୍ତାରେ ପଡ଼ିଥିବା ପ୍ରକାଶ କରିଛନ୍ତି। ଏ ଦିଗରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଚାଷୀ ବର୍ଷକର ଅମଳ ହରାଇଥିବାରୁ ଏ ଦିଗରେ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଯୁବକଙ୍କୁ ହତ୍ୟା ସନ୍ଦେହ

କନ୍ଧମାଳ, ୭।୧୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୋହିପିଟା ଗ୍ରାମ ପୋଖରୀ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ (୪୫)। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମନମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କୈବଲ୍ୟ ବୁକୁରାମୁଣ୍ଡା–ଜୟଦପୁର ମଧ୍ୟରେ ଥିବା ଏକ ଠିକା ସଂସ୍ଥା କ୍ୟାମ୍ପରେ ରୋଷେୟା କାମ କରିଆସୁଥିଲେ। କାମ ସରିବା ପରେ ସବୁଦିନ ରାତିରେ ସେ ଘରକୁ ଫେରିଥାନ୍ତି। କିନ୍ତୁ ଶନିବାର ରାତିରେ କୈବଲ୍ୟ ଘରକୁ ଫେରି ନ ଥିଲେ। ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଗୋହିପିଟା ପୋଖରୀ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ କୈବଲ୍ୟଙ୍କର ବୋଲି ଚିହ୍ନଟ କରିଥିଲେ। ତାଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ କେହି ପଥରରେ ଛେଚି ହତ୍ୟା କରିଛନ୍ତି। ହତ୍ୟା ପରେ କୈବଲ୍ୟଙ୍କ ବାଇକ୍ ଓ ମୋବାଇଲ ଲୁଟ୍ ହୋଇଛି। ଲୁଟ୍ ପାଇଁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରି କୈବଲ୍ୟଙ୍କ ଭାଇ ଘୁଣ୍ଟୁ ପ୍ରଧାନ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ପର୍ଯ୍ୟଟନ ସ୍ଥଳରେ ନାବାଳିକାଙ୍କୁ ଅସଦାଚରଣ, ୨ ଗିରଫ

ପାରଳାଖେମୁଣ୍ଡି,୭।୧୨ (ଗିରିଧାରୀ ପରିଚ୍ଛା)



ଗିରଫ ୨ ଅଭିଯୁକ୍ତ।

ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ଗଣ୍ଡାହାତୀ ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ଜଣେ ନାବାଳିକା ରବିବାର ଅସଦାଚରଣର ଶିକାର ହୋଇଛନ୍ତି। ଏନେଇ ଅଭିଯୋଗ ପରେ ସମ୍ପୃକ୍ତ ୨ ଯୁବକ ଗିରଫ ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ଅନ୍ତର୍ଗତ ଗୋକର୍ଣ୍ଣପୁରମ୍‌ର ଡି. ନରେଶ ଓ ଏସ. ହରିଶ। ଉଭୟେ ପର୍ଯ୍ୟଟକ ରୂପେ ଏହି ଜଳପ୍ରପାତକୁ ବୁଲି ଆସିଥିଲେ। ଗଣ୍ଡାହାତୀ ଗ୍ରାମାଞ୍ଚଳର ଜଣେ ନାବାଳିକା ସ୍ନାନ ଶୌଚ ପାଇଁ ଜଳପ୍ରପାତକୁ ଅପରାହ୍ନ ୧ଟାରେ ଯାଇଥିଲେ। ଏହି ସମୟରେ ଡି.ନରେଶ ଓ ଏସ. ହରିଶ ନାବାଳିକାଙ୍କ ଚୁଟି ଟାଣିଧରି ପାଟି ଚାପି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଗ୍ରାମର କେତେଜଣ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେଠାରୁ ସେମାନେ ଉଭୟଙ୍କୁ ଧରି ଗାରାବନ୍ଧ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଅସଦାଚରଣ କରିଥିବା ଡି. ନରେଶ ଓ ଏସ. ହରିଶଙ୍କୁ ଗିରଫ କରିଥିଲା। ଏନେଇ ନଂ. ୧୦୬/୨୫ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରତାପ ବେହେରା କହିଛନ୍ତି।

# ଶୁଳିଆ ପାହାଡ଼ରୁ ମୃତଦେହ ଜବତ

ଖଲ୍ଲିକୋଟ,୭।୧୨(ପ୍ରଶାନ୍ତ କୁମାର ମିଶ୍ର)

**ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ସନ୍ଦେହ**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଟିକିଲି ନିକଟସ୍ଥ ମେଦିପୁର–ଆଲପୁର ରାସ୍ତାର ଶୁଳିଆ ପାହାଡ଼ରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ରବିବାର ଜବତ ହୋଇଛି। ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ପରିଚୟ ମିଳିନାହିଁ। ସକାଳ ସାଢେ ୯ଟାରେ ମେଦିପୁର–ଆଲପୁର ରାସ୍ତା ଦେଇ କେତେଜଣ ବ୍ୟକ୍ତି ଯାଉଥିବା ବେଳେ ଶୁଳିଆ ପାହାଡ଼ ଆଡୁ ଦୁର୍ଗନ୍ଧ ଆସୁଥିବା ଜାଣି ସେଠାକୁ ଯାଇଥିଲେ। ସେଠାରେ ଖାଲୁଆ ସ୍ଥାନରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ, ଏସ୍‌ଆଇ ପିଙ୍କିନି ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହଟି ୩/୪ ଦିନ ତଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ମୃତ ବ୍ୟକ୍ତିଙ୍କ ଶରୀରରେ ବିଭିନ୍ନ ଆଘାତ ଚିହ୍ନ ରହିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଗଞ୍ଜାମ ଅପରାଧୀଙ୍କ ପସନ୍ଦ 'ମେଡ୍‌ଇନ୍ ମୁଙ୍ଗେର' ବନ୍ଧୁକ

ଭୁବନେଶ୍ୱର,୭।୧୨(ତ୍ରିନାଥ ମହାନ୍ତି)

ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଅନୁଗୋଳର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ ଗିରଫ ହେବା ପରେ ସେମାନଙ୍କ ଆପରାଧିକ ରେକର୍ଡ ଘାଣ୍ଟୁଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍। ବ୍ରହ୍ମପୁରକୁ ନେଉଥିବା ଏକ କାର୍ବାଇନ ସମେତ ୧୧ ବନ୍ଧୁକ କାହାକୁ ହସ୍ତାନ୍ତର କରିଥାନ୍ତେ, ତାହାକୁ ନେଇ ଖୋଳତାଡ଼ କରାଯାଉଛି। ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଛି ଯେ, ଦୁଇ ଅପରାଧୀ ଅଧିକାଂଶ ସମୟରେ ଗଞ୍ଜାମର ବହୁ ହାର୍ଡକୋର୍ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି। ତେବେ 'ମେଡ୍ ଇନ୍ ମୁଙ୍ଗେର ବନ୍ଧୁକ' ସେମାନଙ୍କର ପ୍ରଥମ ପସନ୍ଦ। କାରଣ ବିହାରର ମୁଙ୍ଗେର ବନ୍ଧୁକ କେବେ ସେମାନଙ୍କୁ ଧୋକା ଦେଉନି। ପ୍ରତି ସପ୍ତାହରେ ଏହି ୨ ବନ୍ଧୁକ ମାଫିଆଙ୍କୁ ଗଞ୍ଜାମରୁ ୧୫ରୁ ଅଧିକ ବନ୍ଧୁକ ଅର୍ଡର ଆସେ। ତେବେ ଚର୍ଚ୍ଚାରେ ଥିବା ଜବତ କାର୍ବାଇନକୁ ଗଞ୍ଜାମର ଜଣେ ହାର୍ଡକୋର ଅପରାଧୀ ଅର୍ଡର କରିଥିବା ଜଣାପଡ଼ିଛି।

# ଲୁହାରଡ଼ରେ ଆକ୍ରମଣ: ମା',ବାପା, ପୁଅ ଗୁରୁତର

ବଇଣ୍ଠା,୭।୧୨ (ପରିକ୍ଷିତ ସାହୁ)

**■ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**

**■ପୋଲିସକୁ ଘେରିଲେ ଲୋକେ**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁର୍ଡ଼ିବାସପୁର ଗ୍ରାମରେ ମା' ବାପା ଓ ପୁଅଙ୍କୁ ୩ ଜଣ ଲୁହାରଡ଼ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ସୂଚନା ଅନୁଯାୟୀ, କୁର୍ଡ଼ିବାସପୁର ଗ୍ରାମର ଛବି ରଣା (୪୮), ସ୍ତ୍ରୀ ଶୈଳବାଳା (୪୨) ଓ ପୁଅ ସିଦ୍ଧାନ୍ତ(୨୫)ଙ୍କୁ ଜରପଡ଼ା ଅଞ୍ଚଳର ୩ଜଣ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଟାୟାର ଜାଳି ନାକିଚି–ଠାକୁରଗଡ଼ ପୂର୍ତ୍ତ ବିଭାଗ ରାସ୍ତାର କୁର୍ଡ଼ିବାସପୁରଠାରେ ରାସ୍ତାରୋକୋ କରିଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, କୁର୍ଡ଼ିବାସପୁର ଗ୍ରାମ ହାଇସ୍କୁଲ ଛକ ନିକଟରେ ଛବି ଏକ ସାଇକେଲ ଦୋକାନ କରିଛନ୍ତି। ଉକ୍ତ ଜାଗାକୁ ଜରପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର କହୁଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗୁଥିଲା। ରବିବାର ଉକ୍ତ ବ୍ୟକ୍ତି ୫ ଟ୍ରିପ୍ ମୋରମ ଆଣି ଦୋକାନ ସମ୍ମୁଖରେ ଗଦା କରିଥିଲେ। ଏନେଇ ଶୈଳବାଳା ଓ ସିଦ୍ଧାନ୍ତ ପ୍ରତିବାଦ କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ତାଙ୍କର ସହଯୋଗୀଙ୍କ ସହ ମିଶି ଲୁହାରଡ଼ରେ ଆକ୍ରମଣ କରିଥିଲେ। ପରେ ସେମାନଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ଠାକୁରଗଡ଼ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। କିନ୍ତୁ ଉତ୍ତେଜିତ ଲୋକେ ପୋଲିସକୁ ଘେରାଉ କରିଥିଲେ। ପରେ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## Business

# ଜନଧନ ଆକାଉଣ୍ଟରେ ୨.୭୪ ଲକ୍ଷ କୋଟି ଜମା

ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

**ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ି ହୋଇଛନ୍ତି ୫୭ କୋଟି ଲୋକ**

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଦେଶରେ ବ୍ୟାଙ୍କିଙ୍ଗ ସେବା ସହିତ ଜଡିତ ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ମାଧ୍ୟମରେ ପ୍ରାୟ ୫୭.୧୧ କୋଟି ଆକାଉଣ୍ଟ ଖୋଲାଯାଇଛି ଏବଂ ଏହି ଆକାଉଣ୍ଟଗୁଡ଼ିକରେ ମୋଟ ଜମା ୨.୭୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଯୋଜନାର ସରକାରୀ ୱେବସାଇଟରେ ପ୍ରକାଶିତ ସଦ୍ୟତମ ତଥ୍ୟରେ ଏହି ସୂଚନା ପ୍ରକାଶ ପାଇଛି। ଏହି ସରକାରୀ ଯୋଜନା ଯୋଗୁ, ପ୍ରତ୍ୟେକ ଗାଁରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚିଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ପ୍ରାୟ ୧୩.୫୫ ଲକ୍ଷ ବ୍ୟାଙ୍କ ମିତ୍ର ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି, ଶାଖା ନଥିବା ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରୁଛନ୍ତି। ଏହି ବ୍ୟାଙ୍କ ମିତ୍ରମାନେ ଗ୍ରାମ ଏବଂ ଦୁର୍ଗମ ଅଞ୍ଚଳ ଗସ୍ତ କରି ଆକାଉଣ୍ଟ ଖୋଲିବା, ଜମା କରିବା ଏବଂ ଟଙ୍କା ଉଠାଣ ଭଳି ସେବା ପ୍ରଦାନ କରନ୍ତି। ଏକ କାର୍ଯ୍ୟକ୍ରମରେ ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁ କହିଛନ୍ତି ଯେ, ଜନଧନ ଆକାଉଣ୍ଟରେ ହାରାହାରି ବାଲାନ୍ସ ବର୍ତ୍ତମାନ ପ୍ରାୟ ୪,୮୧୫କୁ ବୃଦ୍ଧି ପାଇଛି। ଏହା ସୂଚାଇଥାଏ ଯେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁନାହାନ୍ତି ବରଂ ନିୟମିତ ଭାବରେ ସେଥିରେ ସଞ୍ଚୟ ମଧ୍ୟ କରୁଛନ୍ତି। ସେ କହିଛନ୍ତି, ସରକାର ଚଳିତ ଆର୍ଥିକ ବର୍ଷରେ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରାୟ ୩.୬୭ ଲକ୍ଷ କୋଟି ଟଙ୍କା ଲୋକଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ୨୦୧୪ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରଥମ ଥର ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହିତ ଯୋଡ଼ିଥିଲା। ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ୫୭୦ ନିୟୁତରୁ ଅଧିକ ଲୋକ ବ୍ୟାଙ୍କିଙ୍ଗ ସେବାରୁ ଉପକୃତ ହେଉଛନ୍ତି। ତଥ୍ୟ ଅନୁଯାୟୀ, ପ୍ରାୟ ୬୮.୨ ପ୍ରତିଶତ ଜନଧନ ଆକାଉଣ୍ଟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ–ସହରୀ ଅଞ୍ଚଳରେ ଅଛି। ଏହି ଆକାଉଣ୍ଟଗୁଡ଼ିକରେ ପ୍ରାୟ ୫୦ ପ୍ରତିଶତ ମହିଳା, ଯାହା ସୂଚାଇଥାଏ ଯେ ମହିଳାମାନେ ଅଧିକ ଆର୍ଥିକ ଭାବରେ ସଶକ୍ତ ହେଉଛନ୍ତି। ଏହା ସେମାନଙ୍କର ସଞ୍ଚୟ ଏବଂ ସରକାରୀ ଯୋଜନାଗୁଡ଼ିକର ସିଧାସଳଖ ପ୍ରବେଶକୁ ସହଜ କରିଛି। ଭାରତର ଆର୍ଥିକ ଅନ୍ତର୍ଭୁକ୍ତି ସୂଚକାଙ୍କ ମାର୍ଚ୍ଚ ୨୦୨୫ ସୁଦ୍ଧା ୬୭ରେ ପହଞ୍ଚିଛି, ଯାହା ଦେଶରେ ବ୍ୟାଙ୍କିଙ୍ଗ, ବୀମା, ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସେବାର ପ୍ରବେଶ ଏବଂ ବ୍ୟବହାରରେ ସ୍ଥିର ଉନ୍ନତିକୁ ସୂଚିତ କରୁଛି। ଏହି ସୂଚକାଙ୍କ ୯୭ଟି ଭିନ୍ନ ମାନଦଣ୍ଡ ଉପରେ ଆଧାରିତ, ଯେଉଁଥିରେ ଲୋକମାନେ କେବଳ ଆକାଉଣ୍ଟ ଖୋଲୁଛନ୍ତି କି ପ୍ରକୃତରେ ଏହି ସେବାଗୁଡ଼ିକୁ ବ୍ୟବହାର କରୁଛନ୍ତି ତାହା ସୂଚାଉଛି। ସାମଗ୍ରିକ ଭାବରେ ଜନଧନ ଯୋଜନା ସାଧାରଣ ନାଗରିକ, ବିଶେଷକରି ଗ୍ରାମୀଣ ଏବଂ ଗରିବ ବର୍ଗଙ୍କୁ ମୁଖ୍ୟଧାରାର ବ୍ୟାଙ୍କିଙ୍ଗ ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଭବିଷ୍ୟତରେ ଏହା ଆହୁରି ବିସ୍ତାର ଲାଭ କରିବ ବୋଲି ଆଶା କରାଯାଉଛି।

## ମହଙ୍ଗା ହେବ ଲାପଟପ୍, ସ୍ମାର୍ଟଫୋନ୍

ଭୁବନେଶ୍ୱର,୭।୧୨

କିଛି କମ୍ପାନୀ ମେମୋରୀ ଚିପ୍ ଉତ୍ପାଦନ ବର୍ଗରୁ ଓହରି ଯିବା ଯୋଗୁଁ ଏହାର ଉତ୍ପାଦନ ଯାହା ହ୍ରାସ ପାଇବ। ଫଳରେ ୨୦୨୬ରେ ମେମୋରୀ ଚିପ ଅଭାବ ଆଶଙ୍କା କରାଯାଉଛି। କିଛି ଦିନ ଧରି ମେମୋରୀ ଚିପ ମୂଲ୍ୟ ବୃଦ୍ଧି ପାଉଛି ଏବଂ ଡାଇନାମିକ ରାଣ୍ଡମ ଆକ୍ସେସ ମେମୋରି ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ ହୋଇସାରିଛି। ଫଳସ୍ୱରୂପ ଡେସ୍କଟପ, ଲାପଟପ ଏବଂ ସ୍ମାର୍ଟଫୋନ ଭଳି ମେମୋରୀ ଚିପ ବ୍ୟବହାର କରୁଥିବା ଉତ୍ପାଦଗୁଡ଼ିକ ମହଙ୍ଗା ହେବ ବୋଲି ଆକଳନ କରାଯାଉଛି। ଡେଲ, ଆସସ, ଲିନୋଭୋ, ଏବଂ ଏଚ୍‌ପି ଭଳି କମ୍ପାନୀ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କମ୍ପାନୀଗୁଡ଼ିକ ଏବେ ଏଆଇ ଏଣ୍ଟରପ୍ରାଇଜ କମ୍ପାନୀଗୁଡ଼ିକର ଚାହିଦା ପୂରଣ କରିବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ସ୍ମାର୍ଟଫୋନ ଏବଂ ଅନ୍ୟାନ୍ୟ ଡିଭାଇସ ପାଇଁ ଚିପ୍‌ର ଅଭାବ ଦେଖାଦେବ। କମ୍ପାନୀଗୁଡ଼ିକ ଏବେ ଚିପ୍ କିଣିବା ପାଇଁ ଅଧିକ ଖର୍ଚ୍ଚ କରିବେ ଏବଂ ସେମାନେ ଏହି ବୋଝ ସେମାନଙ୍କ ଗ୍ରାହକମାନଙ୍କ ଉପରେ ପଡ଼ିବ।

## ଆଧାର ଫଟୋକପି ରଖୁଥିବା ସଂସ୍ଥା ଉପରେ ଲାଗିବ ଅଙ୍କୁଶ

ଭୁବନେଶ୍ୱର,୭।୧୨

ଆଧାର କାର୍ଡର ଫଟୋକପି ନେଇ ଗ୍ରାହକଙ୍କ ତଥ୍ୟ ରଖୁଥିବା ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ସଂସ୍ଥା ଉପରେ ଅଙ୍କୁଶ ଲାଗିବ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ(ୟୁଆଇଡିଏଆଇ) ଏନେଇ ଖୁବ୍‌ଶୀଘ୍ର ନୂଆ ନିୟମ ଜାରି କରିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଆଧାର କାର୍ଡର ଫଟୋକପି ରଖିବା ବର୍ତ୍ତମାନର ଆଧାର ଆଇନର ଉଲ୍ଲଂଘନ। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ କୁମାର କହିଛନ୍ତି, ହୋଟେଲ, ଇଭେଣ୍ଟ ଅର୍ଗାନାଇଜର ଆଦି ଅଫଲାଇନ୍ ଆଧାର ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ କରୁଥିବା ନୂଆ ନିୟମକୁ ଅଥରିଟି ଅନୁମୋଦନ କରିସାରିଛି ଏବଂ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ନିୟମ ଅନୁଯାୟୀ, ଅଫ୍ ଲାଇନ୍ ଯାଞ୍ଚ କରୁଥିବା ସଂସ୍ଥାଗୁଡ଼ିକୁ ପଞ୍ଜୀକୃତ ହେବାକୁ ପଡ଼ିବ ଏବଂ ସେମାନଙ୍କୁ ଏକ ନୂଆ ଟେକ୍ନୋଲୋଜି ଯୋଗାଇ ଦିଆଯିବ, ଯାହା ଦ୍ୱାରା କ୍ୟୁଆର୍ କୋଡ୍ ସ୍କାନ୍ କରି କିମ୍ବା ନୂଆ ଆଧାର ଆପ(ନିର୍ମାଣାଧୀନ) ସହିତ ସଂଯୋଗ କରି ବ୍ୟକ୍ତିଙ୍କ ଆଧାର ଯାଞ୍ଚ କରାଯାଇପାରିବ। ଏହି ନିୟମ କେବଳ କାଗଜଭିତ୍ତିକ ଆଧାର ଯାଞ୍ଚକୁ ରୋକିବ ନାହିଁ ବରଂ ସର୍ଭରର ଡାଉନଟାଇମ ଯୋଗୁ ହେଉଥିବା ଅସୁବିଧା ମଧ୍ୟ ଦୂର ହେବ। ପଞ୍ଜୀକୃତ ହୋଇଥିବା ସଂସ୍ଥାଗୁଡ଼ିକୁ ଏପିଆଇ ଯୋଗାଇ ଦିଆଯିବ, ଯାହା ଦ୍ୱାରା ସେମାନେ ନିଜ ସିଷ୍ଟମକୁ ଅପଡେଟ୍ କରି ଅଫଲାଇନ୍ ଯାଞ୍ଚ କରିପାରିବେ। ୟୁଆଇଡିଏଆଇ ବର୍ତ୍ତମାନ ଏକ ନୂଆ ଆପର ବିଟା ଟେଷ୍ଟିଙ୍ଗ କରୁଛି, ଯାହା ଆପ–ଟୁ–ଆପ ଯାଞ୍ଚ ସୁବିଧା ଦେବ ଏବଂ ପ୍ରତ୍ୟେକ ଥର କେନ୍ଦ୍ରୀୟ ଆଧାର ଡାଟାବେସ ସହିତ ସଂଯୋଗ କରିବାର ଆବଶ୍ୟକତା ରହିବ ନାହିଁ। ଏହି ଆପ ବିମାନବନ୍ଦର, ଦୋକାନ ଆଦି ସ୍ଥାନରେ ବ୍ୟବହାର ହୋଇପାରିବ। ଏହା ବ୍ୟବହାରକାରୀଙ୍କ ଗୋପନୀୟତା ଓ ଆଧାର ତଥ୍ୟ ଲିକ ହେବାର ବିପଦକୁ ରୋକିବ ବୋଲି କୁମାର କହିଛନ୍ତି। ଆଗକୁ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନ ଅନୁଯାୟୀ ଆଧାର ଯାଞ୍ଚ ସେବାକୁ ଆହୁରି ସୁଦୃଢ଼ କରିବ। ଏଥିରେ ବ୍ୟବହାରକାରୀ ନିଜ ଠିକଣା ପ୍ରମାଣପତ୍ର ଅପଡେଟ କରିପାରିବେ ଏବଂ ମୋବାଇଲ ନଥିବା ପରିବାର ସଦସ୍ୟଙ୍କୁ ମଧ୍ୟ ଯୋଡ଼ି ପାରିବେ।

# ଟିପିସିଓଡିଏଲ୍ ଷ୍ଟଲ୍ ପରିଦର୍ଶନ କଲେ ୩ ଅଲିମ୍ପିଆନ




ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

କଳିଙ୍ଗ ଷ୍ଟାଡିୟମ ପରିସରରେ ଟିପିସିଓଡିଏଲ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା ସମ୍ପର୍କିତ ଏକ ଷ୍ଟଲ ଲାଗିଛି। ଅଲିମ୍ପିୟାନ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଶ୍ରାବଣୀ ନନ୍ଦ ଓ ଦୀପଗ୍ରେସ ଏକ୍କା ଏହି ଷ୍ଟଲ ପରିଦର୍ଶନ କରିବା ସହ ରୁଫ୍‌ଟପ ସୋଲାର ସ୍ଥାପନ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ଏକ ଭଲ ସ୍କିମ୍, ସମସ୍ତେ ଏହି ଯୋଜନାରେ ସାମିଲ ହୋଇ ନିଜ ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିବା ସହ ସରକାରଙ୍କ ସବ୍‌ସିଡିର ଲାଭ ଉଠାଇପାରିବେ ବୋଲି ସେମାନେ ମତ ଦେଇଛନ୍ତି । ଏହି ଅବସରରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ମଧ୍ୟ ଷ୍ଟଲ ବୁଲିବା ସହ ଏହି ଯୋଜନା ମାଧ୍ୟମରେ କିପରି ସୁଲଭ ମୂଲ୍ୟରେ ଓ ସହଜରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇପାରିବ ସେ ବିଷୟରେ ବୁଝିଥିଲେ । ସୂଚନାଥାଉକି, ଉପଭୋକ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡି ସୁବିଧାର ଲାଭ ଉଠାଇ ଏହି ଯୋଜନାରେ ସାମିଲ ହୋଇପାରିବେ। ମାତ୍ର ୫୦୦୦ ଟଙ୍କାରେ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା – ୟୁଏଲ୍‌ଏ ମଡେଲ ମାଧ୍ୟମରେ ୧ କିଲୋୱାଟ ରୁଫ୍‌ଟପ ସୋଲାର ସ୍ଥାପନ କରିପାରିବେ। ସୋଲାର ମଡ୍ୟୁଲ ଉପରେ ୨୫ ବର୍ଷର ୱାରେଣ୍ଟି ଉପଲବ୍ଧ । ଡିସକମ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟରେ ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ସେବା କରାଯିବ ।

# ବିକ୍ରି, ମାର୍ଜିନ୍ ବୃଦ୍ଧି ଆଶାରେ ରଙ୍ଗ କମ୍ପାନୀ

ଭୁବନେଶ୍ୱର,୭।୧୨



ଦେଶର ପ୍ରମୁଖ ରଙ୍ଗ ଉତ୍ପାଦକ କମ୍ପାନୀଗୁଡ଼ିକ ଚଳିତ ତୃତୀୟ ତ୍ରୟମାସରେ (ଅକ୍ଟୋବର–ଡିସେମ୍ବର) ବିକ୍ରି ଓ ମାର୍ଜିନ ବୃଦ୍ଧିଆଶା କରୁଛନ୍ତି। କଞ୍ଚାମାଲର ମୂଲ୍ୟ ସ୍ଥିର ରହିବା ଯୋଗୁ ମୁନାଫା ମାର୍ଜିନ ମଧ୍ୟ ଉନ୍ନତ ହେବ ବୋଲି ସେମାନେ ଆଶାବାଦୀ। ତଥାପି ନୂଆ କମ୍ପାନୀଙ୍କ ପ୍ରବେଶ ଯୋଗୁ ବଜାରରେ ପ୍ରତିଯୋଗିତା ଆଗାମୀ ଦିନରେ ତୀବ୍ର ରହିପାରେ। ଏସିଆନ ପେଣ୍ଟ୍‌ସ, କାନସାଇ ନେରୋଲାକ, ବର୍ଗର ପେଣ୍ଟ୍‌ସ ଓ ଆକ୍ଜୋନୋବେଲ ଇଣ୍ଡିଆ ଭଳି କମ୍ପାନୀଗୁଡ଼ିକ ନିକଟରେ ହୋଇଥିବା ଇନଭେଷ୍ଟର କଲରେ କହିଛନ୍ତି ଯେ, ଦୀର୍ଘ ମୌସୁମୀ ବର୍ଷା ଯୋଗୁ ଦ୍ୱିତୀୟ ତ୍ରୟମାସରେ ବିକ୍ରି ପ୍ରଭାବିତ ହୋଇଥିଲା। ତଥାପି ସେପ୍ଟେମ୍ବରଠାରୁ ବିକ୍ରିରେ ସୁଧାର ଦେଖାଯାଇଛି ଏବଂ ନଭେମ୍ବର–ଡିସେମ୍ବରରେ ଏହା ଆହୁରି ବଢ଼ିବ। ଏସିଆନ ପେଣ୍ଟ୍‌ସର ଏମ୍‌ଡି ଓ ସିଇଓ ଅମିତ ସିଙ୍ଗଲ କହିଛନ୍ତି, ସେପ୍ଟେମ୍ବର ଓ ଅକ୍ଟୋବରରେ ବଜାରରେ ଗ୍ରୀନ ସୁଟ୍ସ ଦେଖାଯାଇଛି। ଭଲ ମୌସୁମୀ ବର୍ଷା, ବିବାହ ସିଜନ ଓ ଜିଏସ୍‌ଟି ସଂଶୋଧନ ଯୋଗୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟରେ ଚାହିଦା ବଢ଼ିବ। ତଥାପି ଆଗାମୀ ୩–୬ ମାସ ପାଇଁ ଆମେ ସତର୍କ ରହିବୁ। ପ୍ରତିଯୋଗିତା ତୀବ୍ର ରହିବ। କାନସାଇ ନେରୋଲାକର ଏମ୍‌ଡି ପ୍ରବୀଣ ଚୌଧୁରୀ କହିଛନ୍ତି, ନଭେମ୍ବର–ଡିସେମ୍ବରରେ ଚାହିଦାରେ ଉନ୍ନତି ହେବ। ଚତୁର୍ଥ ତ୍ରୟମାସ ଡେକୋରେଟିଭ ଓ ଇଣ୍ଡଷ୍ଟ୍ରିଆଲ ଉଭୟ ସେଗମେଣ୍ଟରେ ଅଧିକ ବୃଦ୍ଧି ଦେଖାଯିବ। ଆମେ ମୁନାଫାହୀନ ଉତ୍ପାଦରେ ନଯାଇ ଠିକ୍ ବିନିଯୋଗ କରି ବଜାର ଅଂଶ ସୁରକ୍ଷିତ ରଖିବୁ। ବର୍ଗର ପେଣ୍ଟ୍‌ସର ଏମଡି ଓ ସିଇଓ ଅଭିଜିତ ରାୟ କହିଛନ୍ତି, ନୂଆ କମ୍ପାନୀଙ୍କ ପ୍ରଭାବ କମିବ ଏବଂ ବର୍ତ୍ତମାନର ପ୍ରତିଯୋଗୀଙ୍କ ଉପରେ ଚାପ ହ୍ରାସ ପାଇବ। ଆକ୍ଜୋନୋବେଲ ଇଣ୍ଡିଆର ସିଏମ୍‌ଡି ରାଜୀବ ରାଜଗୋପାଳ କହିଛନ୍ତି, ନୂଆ ପ୍ରବେଶକାରୀଙ୍କ ଯୋଗୁ ବଡ଼ ଡିସ୍କାଉଣ୍ଟ ହେବା ପରେ ବଜାରରେ ସଞ୍ଚୟୀ ଭାବେ ୧.୫–୨ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି। ଆଗାମୀ ତ୍ରୟମାସରେ ଭଲ୍ୟୁମରେ ଓ ରେଭିନ୍ୟୁରେ ବୃଦ୍ଧି ଆଶା କରୁଛୁ। ଗତ ୫–୬ ବର୍ଷ ମଧ୍ୟରେ ପିଡିଲାଇଟ (ହାଇଶା ପେଣ୍ଟସ), ଗ୍ରାସିମ (ବିର୍‌ଲା ଓପସ) ଓ ଜେଏସଡବ୍ଲ୍ୟୁ ପେଣ୍ଟସ ଭଳି ନୂଆ କମ୍ପାନୀ ବଜାରକୁ ପ୍ରବେଶ କରିଛନ୍ତି। ତଥାପି ଏସିଆନ ପେଣ୍ଟ୍‌ସ, ବର୍ଗର, କାନସାଇ ନେରୋଲାକ ଓ ଆକ୍ଜୋନୋବେଲ ମିଶାଇ ବଜାରର ୭୫ ପ୍ରତିଶତରୁ ଅଧିକ ଅଂଶ ନିୟନ୍ତ୍ରଣ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ପେନ ପ୍ରଥମ ଥର ଫାଇନାଲରେ

**ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍ ହକି**

ଚେନ୍ନାଇ, ୭।୧୨ (ପି.ଟି.)

ଆର୍ଜେଣ୍ଟିନାକୁ ୨-୧ ଗୋଲରେ ହରାଇ ସ୍ପେନ ପ୍ରଥମ ଥର ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚର ଆରମ୍ଭରୁ ସ୍ପେନ ଅଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ୭ମ ମିନିଟରେ ମ୍ୟାଚର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାରିଓ ମେନା ଏକ ରିବାଉଣ୍ଡରୁ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏକ ମିନିଟ ପରେ ଆର୍ଜେଣ୍ଟିନା ଏହାର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ମାତ୍ର ଦଳ ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ସ୍ପେନ ଆକ୍ରମଣ ଖେଳ ଜାରି ରଖି ୧୭ତମ ମିନିଟ୍‌ରେ ଏକ ଶଟ କର୍ନର ପାଇଥିଲା। ମାତ୍ର ଆର୍ଜେଣ୍ଟିନା ଗୋଲ୍‌କିପର ଜୋକ୍ୱିନ ଏସ୍. ରୁଇଜ୍ ତାହାକୁ ଅକାମି କରିଦେଇଥିଲେ। ମାତ୍ର ୨୧ତମ ମିନିଟ୍‌ରେ ଜୁଆନ ଫର୍ନାଣ୍ଡିଜଙ୍କ ଏକ ପେନାଲ୍ଟି କନଭର୍ଜନ ଜରିଆରେ ଆର୍ଜେଣ୍ଟିନା ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲା। ଆର୍ଜେଣ୍ଟିନାକୁ ପ୍ରଥମାର୍ଦ୍ଧ ଖେଳର ୨୮ତମ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ମାତ୍ର ଷ୍ଟପର ବଲ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ଆର୍ଜେଣ୍ଟିନାକୁ ୪୩ତମ ମିନିଟରେ ଚତୁର୍ଥ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଶେଷରେ ଖେଳର ୫୬ତମ ମିନିଟ୍‌ରେ ଆଲବର୍ଟ ସେରାହିମାଙ୍କ ଗୋଲ୍ ଜରିଆରେ ସ୍ପେନ ମ୍ୟାଚରେ ବିଜୟ ଲାଭ କରିଥିଲା। ଅନ୍ୟପକ୍ଷରେ ରବିବାର ୫ମ ଓ ୬ଷ୍ଠ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ବେଲଜିୟମ ଗତ ସଂସ୍କରଣ ରନର-ଅପ୍ ଫ୍ରାନ୍ସକୁ ୩-୨ ଗୋଲ୍‌ରେ ହରାଇ ଦେଇଛି।



ବିଜୟ ପରେ ଉଲ୍ଲସିତ ସ୍ପେନ୍ ଦଳ।

# ମଣିପୁର ଟାଇଟଲ ବିଜେତା

ଅନନ୍ତପୁର, ୭।୧୨ (ପି.ଟି.)

ମଣିପୁର ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ ଚାମ୍ପିୟନଶିପ୍ ଟିଅର-୧ ଟାଇଟଲ ହାସଲ କରିଛି। ଏଠାରେ ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ବେଙ୍ଗଲକୁ ୯-୦ ଗୋଲ୍‌ରେ ପରାସ୍ତ କରିଛି। ମଣିପୁର ଏଥରକୁ ମିଶାଇ ୧୨ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଦଳ ପକ୍ଷରୁ ଚିନ୍‌ଘାମାୟୁମ୍ ରେଦିମା ଦେବୀ (୮ମ, ୪୧ତମ ଓ ୬୫ତମ ମିନିଟ), ଓ ଲଇଜାମ୍ ନୀରା ଚାନୁ (୨୯ତମ, ୫୫ତମ, ୫୯ତମ) ପ୍ରତ୍ୟେକ ହାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ୟାଫାବି ଥୋକ୍‌ଚୋମ୍ (୬୮ତମ, ୭୬ତମ) ଦୁଇଟି ଗୋଲ୍ ଦେଇଥିବା ବେଳେ ମଇଂଜମ୍ ପୁଷ୍ପାରାଣୀ ଦେବୀ (୭୫ତମ) ଗୋଟିଏ ଗୋଲ୍ ଦେଇଥିଲେ। ମଣିପୁର ଏହି ମ୍ୟାଚରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ରବିବାରର ଏହି ବିଜୟ ଦ୍ୱାରା ମଣିପୁର ହାଟ୍ରିକ ଟାଇଟଲ ବିଜୟୀ ହୋଇଛି। ଦଳ ଏହା ପୂର୍ବରୁ ୨୦୨୩-୨୪ ଓ ୨୦୨୪-୨୫ରେ ଚାମ୍ପିୟନ ହୋଇଥିଲା।



ବାରବାଟୀ ଟି୨୦ ପାଇଁ ରବିବାର ଭୁବନେଶ୍ୱରରେ (ବାମରୁ) ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରାମ, ଟେମ୍ବା ବଭୁମା, ଟୋନି ଡି ଜର୍ଜି, ଭାରତର ତିଳକ ବର୍ମା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

# ପହଞ୍ଚିଲେ ଖେଳାଳି, ଆଜି ଅଭ୍ୟାସ

ଭୁବନେଶ୍ୱର, ୭।୧୨ (ଅନାଦି କର)

ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏଥିଲାଗି ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରାଙ୍କ ଭଳି କିଛି ଭାରତୀୟ ଖେଳାଳି ପୂର୍ବରୁ ଆସିଥିବା ବେଳେ ରବିବାର ଦୁଇ ଦେଶର ପ୍ରାୟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଖେଳିଥିବା ତିଳକ ବର୍ମା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ ରାଣା, ୱାଶିଂଟନ ସୁନ୍ଦରଙ୍କ ଭଳି ଖେଳାଳି ଆସିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଦଳର ସପୋର୍ଟ ଷ୍ଟାଫ ସଦସ୍ୟ ମଧ୍ୟ ପହଞ୍ଚିଛନ୍ତି। ସେହିଭଳି ଟେମ୍ବା ବଭୁମା, ଏଡେନ ମାରକ୍ରାମ, ଟ୍ରିଷ୍ଟାନ ଷ୍ଟବ୍ସ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, କ୍ୱିଣ୍ଟନ ଡି କକ୍, କର୍ବିନ ବୋଶ୍ଚ, କେଶବ ମହାରାଜଙ୍କ ଭଳି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଖେଳାଳି ପହଞ୍ଚି ସାରିଛନ୍ତି।

ଦୁଇ ଦଳର ଖେଳାଳି ପ୍ରାୟ ଅପରାହ୍ନ ୨ଟା ୫୦ରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବିମାନ ବନ୍ଦରରେ ପହଞ୍ଚିଲେ। ଏହାପରେ ସେମାନଙ୍କୁ ଦୁଇଟି ସ୍ୱତନ୍ତ୍ର ବସ ମାଧ୍ୟମରେ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ ମେଫେୟାରକୁ ନିଆଯାଇଥିଲା। ସେଠାରେ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ନୃତ୍ୟ, ବାଦ୍ୟ ଓ ଗୀତ ସହିତ ଫୁଲରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏପରି କି ଦକ୍ଷିଣ ଆଫ୍ରିକୀୟ ଦଳର ଜଣେ ସଦସ୍ୟ ବାଦ୍ୟର ତାଳେ ତାଳେ ନାଚି ପରିବେଶର ଆନନ୍ଦ ନେଇଥିଲେ। ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ଦେଖିବା ପାଇଁ ଉଭୟ ହୋଟେଲ ଓ ବିମାନବନ୍ଦର ବାହାରେ କିଛି ପ୍ରଶଂସକ ଅପେକ୍ଷା କରି ରହିଥିଲେ।

## ପାରମ୍ପରିକ ବାଦ୍ୟ, ନୃତ୍ୟ, ଗୀତରେ ସ୍ୱାଗତ



ଖେଳାଳିଙ୍କୁ ସ୍ୱାଗତ ବେଳେ ପାରମ୍ପରିକ ସାନ୍ତାଳୀ ନୃତ୍ୟ ପରିବେଷଣ। (ଫଟୋ: ବିକାଶ ନାୟକ)

## ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି

ଦୁଇ ଦଳର ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ୱେଲକମ୍ ଡ୍ରିଙ୍କ୍ସରେ ପଇଡ଼ ପାଣି ଦିଆଯାଇଥିଲା। ଖେଳାଳିଙ୍କ ରାତ୍ରୀ ଭୋଜନ ପାଇଁ ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଟିମ୍ ମ୍ୟାନେଜରଙ୍କ ସହ କଥା ହେଲା ପରେ ଖେଳାଳିଙ୍କ ଡାଏଟ୍ ପ୍ରୋଗ୍ରାମ ଆଧାରରେ ରାତ୍ରିଭୋଜନ ଲାଗି ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ହୋଟେଲ କର୍ତ୍ତୃପକ୍ଷ କହିଛନ୍ତି।

## ପୂର୍ବାହ୍ନରେ ଭାରତ, ସନ୍ଧ୍ୟାରେ ଦ. ଆଫ୍ରିକାର ଅଭ୍ୟାସ

ସୋମବାର ଉଭୟ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦଳ ଭିନ୍ନ ଭିନ୍ନ ସମୟରେ ବାରବାଟୀକୁ ଅଭ୍ୟାସ ନିମନ୍ତେ ଯିବେ। ପୂର୍ବାହ୍ନରେ ଭାରତ ନେଟ୍ ପ୍ରାକ୍ଟିସ କରିବାକୁ ଥିବା ବେଳେ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ଦଳ ଅଭ୍ୟାସ କରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତୀୟ ଦଳ ଦିନ ୧.୩୦ରେ ବାରବାଟୀରେ ପହଞ୍ଚିବ। ପ୍ରାୟ ୩ ଘଣ୍ଟା ଧରି ପ୍ରାୟ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳ ଅଭ୍ୟାସ କରିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡ୍‌ଲାଇଟ୍ସରେ ଦ. ଆଫ୍ରିକା ଦଳ ଅଭ୍ୟାସ ପାଇଁ ପଡ଼ିଆକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ତେବେ ଦର୍ଶକ ମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ ଏବଂ ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ ୬ ଏବଂ ୭ ଖୋଲା ରହିବ। ଏହାସହ ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ ୧ ଏବଂ ୨ ମଧ୍ୟ ଖୋଲି ଦିଆଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

# ଅଭ୍ୟାସ କଲେ ହାର୍ଦ୍ଦିକ

**ଦର୍ଶକଙ୍କ ପାଇଁ ଖୋଲିବ ୬ ଓ ୭ ଗ୍ୟାଲେରୀ**

**କଟକ,୭।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚାଲିଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତୀୟ ଦଳର ପ୍ରାୟତଃ ସଦସ୍ୟଙ୍କଠାରୁ ଆଗୁଆ ଆସିଥିବା ମୁଖ୍ୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ସନ୍ଧ୍ୟାରେ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ହାର୍ଦ୍ଦିକ ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ନେଟ୍ସରେ ବୋଲିଂ ଅଭ୍ୟାସ କରିବା ପରେ ପ୍ୟାଡ୍ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରଙ୍କ ସହିତ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ।



ବୋଲିଂ ଅଭ୍ୟାସ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା। (ଫଟୋ: ରାଜକିଶୋର ମହାନ୍ତି)

# ସମ୍ପର୍କ ଛିନ୍ନ କଲେ ମନ୍ଧାନା, ପଲାଶ

ନୂଆଦିଲ୍ଲୀ, ୭।୧୨(ପି.ଟି.)

ଭାରତୀୟ ମହିଳା ବ୍ୟାଟର ସ୍ମୃତି ମନ୍ଧାନା ରବିବାର ବାହାଘର ଭାଙ୍ଗିବାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଅନ୍ୟପକ୍ଷରେ ମନ୍ଧାନାଙ୍କ ସହ ସମ୍ପର୍କ ଛିନ୍ନ କରିଥିବା ନେଇ ମ୍ୟୁଜିକ କମ୍ପୋଜର ପଲାଶ ମୁଚଲ ସ୍ପଷ୍ଟ କରିବା ସହ ତାଙ୍କ ସମ୍ପର୍କରେ ଅପମାନଜନକ ଗୁଜବ ପ୍ରସାର କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଛନ୍ତି। ମନ୍ଧାନା ଓ ମୁଚଲଙ୍କ ବିବାହ ଗତ ନଭେମ୍ବର ୨୩ ତାରିଖରେ ହେବାର ଥିଲା। କିନ୍ତୁ ମନ୍ଧାନାଙ୍କ ବାପା ଶ୍ରୀନିବାସ ହସ୍ପିଟାଲରେ ଭର୍ତ୍ତି ହେବା ପରେ ବାହାଘରକୁ ସ୍ଥଗିତ ରଖାଯାଇଥିଲା। ମୁଁ ବାହାଘର ଭାଙ୍ଗିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଚାହୁଁଛି। ମୁଁ ଏହି ବିଷୟକୁ ଏଠାରେ ଶେଷ କରିବାକୁ ଚାହେଁ। ଗତ କିଛି ସପ୍ତାହ ହେଲା ମୋ ଜୀବନକୁ ନେଇ ଅନେକ କିଛି ଚର୍ଚ୍ଚା କରାଯାଉଛି। ଏ ସମ୍ପର୍କରେ ବର୍ତ୍ତମାନ କଥା ହେବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଅନୁଭବ କରୁଛି। ମୁଁ ସର୍ବଦା ବ୍ୟକ୍ତିଗତ ରହିବାକୁ ପସନ୍ଦ କରେ। ଏଣୁ ମୋର ଏବଂ ମୋ ପରିବାର ଗୋପନୀୟତାକୁ ସମ୍ମାନ ଦେବା ପାଇଁ ଫ୍ୟାନ୍ସଙ୍କୁ ଅନୁରୋଧ କରୁଛି ବୋଲି ମନ୍ଧାନା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।


# Classified Everyday
0674-2580101, 9692975378



REAL ESTATE

SALE


Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14


FOR RENT

3500sqft. Godown space available at Esplanade Mall, Bhubaneswar. 9040019183. D-2777


Healthcare

The massage felt totally professional! & comfortable at all times-7978109255.

All types of physiotherapy with massage, Contact number 9556924059/ 7656969134. D-2766

AFFIDAVIT

By virtue of an affidavit sworn before the Executive Magistrate, Saintala, Dtd. 06.12.2025, I, Tikeswari Bishi, D/o.- Late Baisakhu Bishi, R/o. Village- Rautmunda, P.O.- Mahulbahali, P.S.- Turekela, Dist.- Balangir (Odisha), PIN- 767039 declare that now I have changed my name from Tikeswari Nag to Tikeswari Bishi. Henceforth, I shall be known as Tikeswari Bishi for all purposes.
Tikeswari Bishi
D-2778

By virtue of an affidavit sworn before Executive Magistrate, Bhubaneswar, I, Debashree Palai, W/o.- Prasanta Kumar Pradhan, R/o. Madhuban, Balia, P.S.- Chandanpur, Dist.- Puri, Odisha, PIN- 752002, declare that my actual and correct name is Debashree Palai which has been mentioned in my Aadhaar card and the actual and correct name of my husband is Prasanta Kumar Pradhan which has been mentioned in his Aadhaar card, but in my daughters school certificate my name and my husbands name are wrongly recorded as Debashree Pradhan and Prasanta Pradhan instead of Debashree Palai and Prasanta Kumar Pradhan. So Debashree Palai and Debashree Pradhan is one and same person, Prasanta Kumar Pradhan and Prasanta Pradhan is one and same person. D-2779


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କେଦାରନାଥ ସାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।

### SHRADHANJALI

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



✓ SMT. KAMALA PATNAIK
LEFT FOR HER HEAVENLY ABODE ON
27.11.2025
FONDLY REMEMBERED BY :
PATNAIK FAMILY.
RASULGARH, BHUBANESWAR.

# କୃତ୍ରିମ ଉପଗ୍ରହର ବହୁଳତା



ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ଜୁନ୍ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକାର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ।''



ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। କିନ୍ତୁ ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଅନେକ କୃତ୍ରିମ ଉପଗ୍ରହ ପୃଥିବୀ କକ୍ଷରେ ଏହାକୁ ପରିକ୍ରମଣ କରୁଛି। ରୁଷିଆ ୧୯୫୭ ମସିହାରେ ଭୂକକ୍ଷକୁ ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ ପ୍ରେରଣ କରିବା ପରଠାରୁ ଏହାର ସଂଖ୍ୟା ବଢ଼ିଚାଲିଛି। ପ୍ରଥମ ମହାକାଶ ଅଭିଯାନରେ ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା ଏବଂ ଏହି ଦୁଇ ଦେଶ ଅନେକ ଉପଗ୍ରହ ପ୍ରେରଣ କରିଥିଲେ। ପରେ ଅନେକ ଦେଶ ନିଜ ନିଜର ଉପଗ୍ରହକୁ ପ୍ରେରଣ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ବେସରକାରୀ ସଂସ୍ଥା ମହାକାଶ ଅଭିଯାନରେ ସାମିଲ ହୋଇ ଅନେକ ଉପଗ୍ରହ ପଠାଇଛନ୍ତି। ଫଳରେ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ମହାକାଶ ଅଭିଯାନର ଆରମ୍ଭରେ ବିଜ୍ଞାନ ଜିଜ୍ଞାସା ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା। ମହାକାଶରେ ବିଭିନ୍ନ ବସ୍ତୁପିଣ୍ଡରୁ ଆଲୋକ ଆମ ପାଖରେ ପହଞ୍ଚିବାରେ ପୃଥିବୀର ବାୟୁମଣ୍ଡଳ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଉଦାହରଣସ୍ୱରୂପ, ବସ୍ତୁପିଣ୍ଡଗୁଡ଼ିକରୁ ନିର୍ଗତ ହେଉଥିବା ଆଲୋକ ଚୁମ୍ବକୀୟ ବର୍ଣ୍ଣାଳୀର ଅତିବାଇଗଣୀ ରଶ୍ମି, ଗାମା ରଶ୍ମି ଆଦି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଏ। ଏଣୁ ପୃଥିବୀର ବାୟୁମଣ୍ଡଳ ବାହାରେ ବସ୍ତୁପିଣ୍ଡଗୁଡ଼ିକୁ ବିଭିନ୍ନ ବିକିରଣରେ ଅଧ୍ୟୟନ କରିବା ସହଜ ହେବ। ଏଥିପାଇଁ ମଧ୍ୟ ପୃଥିବୀ କକ୍ଷରେ କେତେଗୁଡ଼ିଏ ଦୂରବୀକ୍ଷଣ ଯନ୍ତ୍ର ଅବସ୍ଥାପନ କରାଯାଇଛି। କେତୋଟିର ଉଦାହରଣ ହେଉଛି-ଚନ୍ଦ୍ରା ମହାକାଶ ଦୂରବୀକ୍ଷଣ ଯନ୍ତ୍ର, ହବଲ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏବଂ ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଇତ୍ୟାଦି। ଏଗୁଡ଼ିକ ଦ୍ୱାରା ଅନେକ ଗ୍ରହ, ନକ୍ଷତ୍ର ଓ ଗାଲାକ୍ସିକୁ ଆବିଷ୍କାର କରାଯାଇଛି।

ବିଜ୍ଞାନ ଜିଜ୍ଞାସା ବ୍ୟତୀତ କୃତ୍ରିମ ଉପଗ୍ରହର ଅନେକ ମାନବୋପଯୋଗୀ ବ୍ୟବହାର ଅଛି। ଯୋଗାଯୋଗ ଉପଗ୍ରହ ଦ୍ୱାରା ରେଡିଓ, ଟେଲିଭିଜନ ପ୍ରସାରଣ ହେବା ସହିତ ଟେଲିଫୋନ୍ ସୁବିଧା ରହିଛି। ଦୂର ସଂବେଦୀ ଉପଗ୍ରହ ଦ୍ୱାରା ପୃଥିବୀର ଯେ କୌଣସି ସ୍ଥାନର ସର୍ବେକ୍ଷଣ ହୋଇପାରୁଛି ଏବଂ ପୃଥିବୀର ବିଭିନ୍ନ ସମ୍ପଦର ସୂଚନା ମିଳୁଛି। ପାଣିପାଗ ଉପଗ୍ରହ ଦ୍ୱାରା ଆଗତୁରା ପାଣିପାଗ ସୂଚନା ମିଳିପାରୁଛି। ଜିପିଏସ୍ ସାହାଯ୍ୟରେ ପୃଥିବୀର ଯେ କୌଣସି ସ୍ଥାନର ଅବସ୍ଥିତି ଜାଣିହେଉଛି। ଉପଗ୍ରହର ବିବିଧ ଉପକାରିତା ଯୋଗୁ ଅନେକ ଦେଶ ଏଥିରେ ଭାଗ ନେଉଛନ୍ତି।

ପ୍ରଥମ ଉପଗ୍ରହ ପ୍ରେରଣଠାରୁ ବର୍ତ୍ତମାନ ୭୦ବର୍ଷ ମଧ୍ୟରେ ଭୂକକ୍ଷକୁ ହଜାର ହଜାର ଉପଗ୍ରହ ପଠାଯାଇଛି ଏବଂ ପ୍ରତିବର୍ଷ ଏହାର ସଂଖ୍ୟା ବଢୁଛି। ୧୯୫୭ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ବର୍ଷକୁ ୫୦ରୁ ୧୧୦ ମଧ୍ୟରେ ଉପଗ୍ରହ ଉତ୍କ୍ଷେପଣ କରାଯାଉଥିଲା। କିନ୍ତୁ ଏହାପରେ ସ୍ପେଶଏକ୍ସ ଭଳି ବେସରକାରୀ ସଂସ୍ଥାର ଆଗମନ ପରେ ଏହାର ସଂଖ୍ୟା ଘାତାଙ୍କୀ ଭାବରେ ବୃଦ୍ଧି ପାଇଛି। ୨୦୨୪ ମସିହାରେ ହାରାହାରି ପ୍ରତି ୩୪ ଘଣ୍ଟାରେ ଗୋଟିଏ ରକେଟ ମହାକାଶକୁ ଉତ୍କ୍ଷେପଣ କରାଯାଇଛି, ଯାହାଫଳରେ ଭୂକକ୍ଷକୁ କେବଳ ଏହି ବର୍ଷ ୨୮୦୦ରୁ ଅଧିକ ଉପଗ୍ରହକୁ ପ୍ରେରଣ କରାଯାଇଛି।

ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ଭୂକକ୍ଷରେ ୧୨୯୫୨ଟି ସକ୍ରିୟ ଉପଗ୍ରହ ରହିଛି ଏବଂ ଏଗୁଡ଼ିକ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର କେବଳ ହେଉଛି ୮୫୩୦ ଉପଗ୍ରହ। ଆମେରିକର ବେସରକାରୀ ସଂସ୍ଥାର ଷ୍ଟାରଲିଙ୍କ୍ ଉପଗ୍ରହ ସଂଖ୍ୟା ହେଉଛି ୭୪୦୦। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ନିମ୍ନ-ପୃଥିବୀ କକ୍ଷରେ ଅଛି। ପୃଥିବୀ ପୃଷ୍ଠରୁ ୨୦୦୦ କିମି ଉଚ୍ଚତା ତଳେ ଏହି କକ୍ଷ ଅଛି। କିନ୍ତୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ ମିଶାଇଲେ ଭୂକକ୍ଷରେ ଉପଗ୍ରହ ସଂଖ୍ୟା ୧୫୦୦୦ରୁ ଅଧିକ ହେବ। ପ୍ରତ୍ୟେକ ଉପଗ୍ରହର ଏକ ନିର୍ଦ୍ଦିଷ୍ଟ ଆୟୁଷ ଅଛି। ଏହା ଦେହରେ ଥିବା ବ୍ୟାଟେରି ଶେଷ ହୋଇଗଲେ ଏହା ସହିତ ଯୋଗାଯୋଗ କରି ହୁଏନାହିଁ ଏବଂ ଏହା ଆଉ କୌଣସି କାର୍ଯ୍ୟରେ ଆସେ ନାହିଁ। କିନ୍ତୁ ତଥାପି ଏହା କିଛି ବର୍ଷ ଭୂକକ୍ଷରେ ରହି ପୃଥିବୀକୁ ପରିକ୍ରମଣ କରିଥାଏ। କେତେଗୁଡ଼ିଏ କକ୍ଷଚ୍ୟୁତ ହୋଇ ପୃଥିବୀର ବାୟୁମଣ୍ଡଳକୁ ଖସିପଡ଼ି ଜଳିଯାଏ ଏବଂ ଅନ୍ୟ କେତେକକୁ ଉଚ୍ଚ କକ୍ଷକୁ ପଠାଯାଏ ଯାହାକୁ 'ଶ୍ମଶାନ କକ୍ଷ' ଅର୍ଥାତ୍ 'ମୃତ ଉପଗ୍ରହଙ୍କ କକ୍ଷ କୁହାଯାଏ।

ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, କିଛି ବର୍ଷ ମଧ୍ୟରେ ଉପଗ୍ରହ ସଂଖ୍ୟା ଦଶଗୁଣ ହୋଇପାରେ, ଯାହା ମହାକାଶ ଟ୍ରାଫିକ ପରିଚାଳନାରେ ସଙ୍କଟ ସୃଷ୍ଟି କରିବ। ଏଥିରୁ ନିର୍ମିତ କିଛି ବସ୍ତୁ ମହାକାଶ ପ୍ରଦୂଷଣ କରିଥାଏ ଏବଂ ଏହାର ଉତ୍କ୍ଷେପଣ ସମୟରେ ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ। ସ୍ପେଶଏକ୍ସର ଷ୍ଟାରଲିଙ୍କ ଉପଗ୍ରହ ପ୍ରେରଣ ପରେ ୟୁଟେଲସାଟ୍, ଆମାଜନ୍ ଏବଂ ଚାଇନାର 'ଥାଉଜାଣ୍ଡ ସେଲ୍ସ' କମ୍ପାନୀ ଅନେକ ଉପଗ୍ରହ ଉତ୍କ୍ଷେପଣ ପାଇଁ ଯୋଜନା କରିଛନ୍ତି।

ନିମ୍ନ ପୃଥିବୀ କକ୍ଷରେ ଉପଗ୍ରହ ସଂଖ୍ୟାର ଗୋଟିଏ ସୀମା ରହିବା ଉଚିତ। ଏହାକୁ କକ୍ଷର 'ଧାରଣ କ୍ଷମତା' କୁହାଯାଏ। ଏହାଠାରୁ ଅଧିକ ହେଲେ ଉପଗ୍ରହ ମଧ୍ୟରେ ମଧ୍ୟ ସଂଘର୍ଷ ହୋଇପାରେ। ଅନେକ ମହାକାଶ ବିଜ୍ଞାନୀ ଧାରଣ କ୍ଷମତାକୁ ଏକ ଲକ୍ଷ ଉପଗ୍ରହ ଭାବେ ପ୍ରକାଶ କରିଛନ୍ତି। ଏହାଠାରୁ ଅଧିକ ହେଲେ ଅନେକ ସମସ୍ୟା ହୋଇପାରେ। ୨୦୫୦ ମସିହା ସୁଦ୍ଧା ଏକ ଲକ୍ଷରେ ପହଞ୍ଚିପାରେ।

ଅଧିକ ଉପଗ୍ରହ ପ୍ରେରଣର ମୁଖ୍ୟ ସମସ୍ୟା ହେଉଛି ମହାକାଶ ପ୍ରଦୂଷଣ। ଉପଗ୍ରହକୁ ପ୍ରେରଣ କରୁଥିବା ରକେଟଗୁଡ଼ିକ ବାୟୁମଣ୍ଡଳରେ ଧ୍ୱଂସ ହୋଇଯାଆନ୍ତି ଏବଂ ଉପଗ୍ରହରେ ଥିବା ବୁଷ୍ଟରଗୁଡ଼ିକ କକ୍ଷରେ ଏଥିରୁ ବାହାରି ଯାଆନ୍ତି। ପୁନଶ୍ଚ ଦୁଇଟି ଉପଗ୍ରହ ମଧ୍ୟରେ ସଂଘର୍ଷ ହେଲେ ସେଥିରୁ ଅନେକ ଟୁକୁଡ଼ା ଅଂଶ ମହାକାଶକୁ ପ୍ରଦୂଷିତ କରେ। ଉପଗ୍ରହଗୁଡ଼ିକ ମଧ୍ୟ ଭୂପୃଷ୍ଠକୁ ଆଲୋକ ପ୍ରତିଫଳନ କରନ୍ତି, ଯାହା ଆଲୋକୀୟ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ଅସୁବିଧା ସୃଷ୍ଟି କରେ। ନିଷ୍କ୍ରିୟ ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲେ ତାହା ଧାତବ ପ୍ରଦୂଷଣ କରିଥାଏ।

ଏହିସବୁ କାରଣରୁ ଉପଗ୍ରହ ପ୍ରେରଣରେ କିଛି ନିୟନ୍ତ୍ରଣ ଆବଶ୍ୟକ। ଏହା ସାଙ୍ଗକୁ ନିଷ୍କ୍ରିୟ ଉପଗ୍ରହଗୁଡ଼ିକୁ କକ୍ଷରୁ ବାହାର କରିବା ଜରୁରୀ।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ସୁଗାର ସ୍ତର ସନ୍ତୁଳିତ ରହିଲେ...




ବିଶେଷ ଭାବରେ ଡାଇବେଟିସ୍ ଥିଲେ ଖାଦ୍ୟପେୟ ବ୍ୟତୀତ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସତର୍କ ରହିବା ଦରକାର। ଯଦି ଜଣେ ଡାଇବେଟିସ୍ ବ୍ୟକ୍ତି ନିଜର ସୁଗାର ସ୍ତରକୁ ସନ୍ତୁଳିତ ରଖନ୍ତି ତେବେ ଭବିଷ୍ୟତରେ ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ପ୍ରାୟ ସୁଗାର ସ୍ତର ସନ୍ତୁଳିତ ରହୁଥିବା କେତେକ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା କେତେ ରହୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍‌ର କୌଣସି ଲକ୍ଷଣ ପ୍ରାୟ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ସର୍ଭେ ସମୟରେ ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ସୁଗାର ସ୍ତର କିପରି ସନ୍ତୁଳିତ ରହିବ ସେ ନେଇ ସୂଚନା ଦିଆଯାଇଥିଲା, ଯାହାକୁ ସେମାନେ ଟିକିନିଖି ଭାବରେ ଅନୁସରଣ କରିଥିଲେ। ତେବେ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯେତେ ସତର୍କ ରହିବେ ତାହା ସେତେ ଭଲ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆଲ୍‌ଜିମର୍ସର ସହଜ ଉପଚାର



ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବି ବାଧା ସୃଷ୍ଟି କରିଥାଏ। ତେବେ ଏହାକୁ ସୁରକ୍ଷା ଦେବା ପାଇଁ ଏକ ନୂଆ ପ୍ରଣାଳୀ ଉଦ୍ଭାବିତ ହୋଇଛି। ତାହା ହେଲା ଲାଇଟ୍ ଥେରାପି। ଏହାଦ୍ୱାରା ଆଲ୍‌ଜିମର୍ସ ରୋଗୀର ମସ୍ତିଷ୍କ ଭିତରେ ଥିବା ସ୍ନାୟୁ ଅନେକାଂଶରେ ସୁରକ୍ଷିତ ରହିଥାଏ। ଏହି ଥେରାପି ଶରୀରରେ ଏକ ପ୍ରକାର ତରଙ୍ଗ ପ୍ରେରଣ କରି ଆଲ୍‌ଜିମର୍ସ ରୋଗ ସୃଷ୍ଟି କରୁଥିବା ଜୀବାଣୁଗୁଡ଼ିକୁ ଅନେକାଂଶରେ ନଷ୍ଟ କରିଦେଇଥାଏ। ଏହାର ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ି ନ ଥାଏ। ଲାଇଟ୍ ଥେରାପି ଦ୍ୱାରା ଭଲ ନିଦ ହୋଇଥାଏ। 'ଲାଇଟ୍ ଥେରାପି ଏବଂ ଆଲ୍‌ଜିମର୍ସ' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଦୀର୍ଘଦିନ ଧରି ଆଲ୍‌ଜିମର୍ସ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ସେମାନଙ୍କୁ ଲାଇଟ୍ ଥେରାପି ଦିଆଯିବା ଦ୍ୱାରା ସେମାନେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଜାଣିରଖନ୍ତୁ



►ଖାଇ ସାରିବା ପରେ ଆମକୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଠିକ୍ ଖାଇବା ପରେ ପରେ ଥଣ୍ଡାଜାତୀୟ ପାନୀୟ, ଚା', କଫି ଆଦି ଆଦୌ ପିଅନ୍ତୁ ନାହିଁ। ଏହାଦ୍ୱାରା କେବଳ ପାଚନ କ୍ରିୟା ନୁହେଁ, ରକ୍ତ ସଞ୍ଚାଳନ ମଧ୍ୟ ପ୍ରଭାବିତ ହୋଇଥାଏ।

►ଅବସର ସମୟରେ ମନ ପସନ୍ଦର ବହି ପଢ଼ନ୍ତୁ କିମ୍ବା ଗୀତ ଶୁଣନ୍ତୁ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ।

►ଯଦି ଆପଣଙ୍କର ଦାନ୍ତଜନିତ ସସମ୍ୟା ରହିଛି ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

►ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ୍ୟ ଠିକ୍ ନୁହେଁ।

►ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିପାରିଲେ ତାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି କରିବାରେ ସହାୟକ ହୋଇଥାଏ।

►କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ସେ ରୋଗ ବିଷୟରେ ଟିକିନିଖି ବିଶ୍ଳେଷଣ କରିବା ପରେ ଆବଶ୍ୟକୀୟ ଔଷଧ ଲେଖିଥାଆନ୍ତି।


►ପ୍ରତିଦିନ କିଛି ତଟକା ଫଳମୂଳ ଖାଆନ୍ତୁ। ଏଥିରେ ଭିଟାମିନ୍ ଭରି ରହିଛି।

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର

ଅଙ୍ଗୁରରେ ଭିଟାମିନ୍ 'ସି' ଏବଂ 'କେ' ପ୍ରଚୁର ପରିମାଣରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଅଙ୍ଗୁର ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗକୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ବର୍ଲିନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରୁ ଏଭଳି ତତ୍ତ୍ୱ ରହିଛି ଯାହା କେତେକ ରୋଗରୁ ଉପଶମ ଦେବାରେ ସହାୟକ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଭରି ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଆରାମ ମିଳିଥାଏ। ଏହାକୁ ଡାଇବେଟିସ୍ ଏପରିକି ଉଚ୍ଚ ରକ୍ତଚାପ ରୋଗୀ ମଧ୍ୟ ଖାଇପାରିବେ। ଅଙ୍ଗୁର ମଧ୍ୟ ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଦୃଷ୍ଟିଶକ୍ତି ପାଇଁ ମଧ୍ୟ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହା ଖାଇବା ଦ୍ୱାରା ଆମ ଅସ୍ଥି ମଧ୍ୟ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।



## କିପରି ନେବେ ଆଖିର ଯତ୍ନ



ଆମର ପ୍ରମୁଖ ଅଙ୍ଗ ମଧ୍ୟରୁ ଆଖି ଅନ୍ୟତମ। ଏହାର ଯତ୍ନ ଠିକ୍ ଭାବରେ ନେବା ଦରକାର। ଯଦି ଏ ନେଇ କିଛି ସମସ୍ୟା ଦେଖାଦେଲା, ତେବେ ଏହାର ତୁରନ୍ତ ଚିକିତ୍ସା କରାଇ ନେବା ଆବଶ୍ୟକ। ହେଲେ ସୁସ୍ଥ ଆଖି ପାଇଁ ଆମେ କେତୋଟି ପ୍ରମୁଖ ବିଷୟକୁ ଧ୍ୟାନ ଦେବା ନିହାତି ଦରକାର। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ କରନ୍ତୁ। ଏହାସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ତଟକା ଫଳମୂଳ ଖାଆନ୍ତୁ। ଅନ୍ୟପକ୍ଷରେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ସହ ନିୟମିତ ସମୟ ବ୍ୟବଧାନରେ ଆଖିର ଚେକଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ। ଆଖି ଉପରେ ଯେପରି ଚାପ କମ୍ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ କାମ କରୁଥିଲେ କାମ ମଝିରେ ମଝିରେ ବିଶ୍ରାମ ନିଅନ୍ତୁ ଏବଂ ଆଣ୍ଟିଗ୍ଲେୟାର ଚଷମା ପିନ୍ଧନ୍ତୁ। ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖିବା ସହ ନିୟମିତ ଚେକଅପ୍ କରାନ୍ତୁ। ଆଖିରୋଗ ସବୁ ବୟସରେ ହୋଇଥାଏ। ସେଥିପାଇଁ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ସହ ଏଥିରେ ସାମାନ୍ୟ ସମସ୍ୟା ଦେଖାଦେଲେ ଅବହେଳା ନ କରି ତୁରନ୍ତ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ।

## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।

➢ପ୍ରତିଦିନ ସକାଳେ ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ।



➢କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି। ଏଥିରେ ଥିବା ତତ୍ତ୍ୱ ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିଥାଏ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।


➢ ଆବଶ୍ୟକତା ଠାରୁ ଅତି ଅଧିକ ପାଣି ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

➢ପ୍ରତିଦିନ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଆନ୍ତୁ। ଏହି ଖାଦ୍ୟ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବା ସହ ମନକୁ ଫୁର୍ତ୍ତି ରଖିଥାଏ।

➢ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି କାମ କରନ୍ତୁ ନାହିଁ। ମଝିରେ ମଝିରେ କିଛି ସମୟ ଉଠି ଟିକେ ଚାଲବୁଲ କରନ୍ତୁ।

## ସନ୍ତୁଳିତ ଓଜନ କମାଏ ଆଜ୍‌ମା ଆଶଙ୍କା

ଆଜ୍‌ମା ଏଭଳି ଏକ ସସମ୍ୟା, ଯାହାକୁ ଔଷଧ ଖାଇବା ସହ ଆଉ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ତାହା ନିୟନ୍ତ୍ରଣରେ ରହିଥାଏ। ତେବେ ଏଥିରୁ ଦୂରେଇ ରହିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ନିଜର ଓଜନକୁ ସନ୍ତୁଳିତ ରଖନ୍ତି ତେବେ ସେ ନିଜକୁ ଆଜ୍‌ମା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ଆଜ୍‌ମା ଏବଂ ସନ୍ତୁଳିତ ଓଜନ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର ଓଜନ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ପରିଶେଷରେ ଜଣାପଡ଼ିଲା ଯେ, ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କଠାରେ ଆଜ୍‌ମା ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏହାର ସଂଯୋଗ ଓଜନ ନିୟନ୍ତ୍ରଣ ସହ ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୮/୨୦୨୫ Bhubaneswar, Monday, December 8/ 2025




# ବ୍ରିସବେନ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

**ବ୍ରିସବେନ,୭।୧୨**

ମିଚେଲ ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଆଶେସ ତଥା ପିଙ୍କ ବଲ ଟେଷ୍ଟରେ ଇଂଲଣ୍ଡକୁ ୮ ଉଇକେଟରେ ପରାସ୍ତ କରିଛି। ଚଳିତ ଆଶେସ ସିରିଜ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳର ଏହା ଦ୍ୱିତୀୟ ବିଜୟ। ଏଥିଯୋଗୁ ୫ ମ୍ୟାଚ୍ ବିଶିଷ୍ଟ ଆଶେସ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଆଗରେ ରହିଛି। ଏହି ବିଜୟ ସହ ପିଙ୍କ-ବଲ

**ଆଶେସ୍**

ଟେଷ୍ଟ ଓ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ବିଜୟ ଧାରା ଜାରି ରହିଛି। ମ୍ୟାଚ୍‌ରେ ୮ ଉଇକେଟ ନେବା ସହ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆରେ ଜୋ ରୁଟ୍‌ଙ୍କ ପ୍ରଥମ ଶତକ ଏବଂ ଅଷ୍ଟ୍ରେଲିଆର ଷ୍ଟାର୍କ ଓ ମାଇକେଲ ନେସରଙ୍କ ୫ ଉଇକେଟ ସଫଳତା ଏହି ମ୍ୟାଚ୍‌ର ମୁଖ୍ୟାଂଶ ଥିଲା। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୭ ତାରିଖଠାରୁ ଆଡିଲେଡ୍‌ରେ ଖେଳାଯିବ।



୫ ଉଇକେଟ ନେବା ପରେ ଅଷ୍ଟ୍ରେଲିଆର ମାଇକେଲ ନେସର।

ପ୍ରଥମ ଇନିଂସରେ ଇଂଲଣ୍ଡ ୩୩୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୧୧ ରନ କରିଥିଲା। ଫଳରେ ୧୭୭ ରନରେ ପଛୁଆ ଥିବା ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୪/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ବେନ ଷ୍ଟୋକ୍ସ ଓ ୱିଲ ଜ୍ୟାକ୍ସ ରବିବାର ପ୍ରଥମ ସେସନ ଧୈର୍ଯ୍ୟର ସହ ଖେଳି ଅଷ୍ଟ୍ରେଲିଆର ବିଜୟରେ ବିଳମ୍ବ କରିଥିଲେ। ଦୁହେଁ ସପ୍ତମ ଉଇକେଟରେ ୯୬ ରନ ଯୋଡ଼ିଥିଲେ। ଷ୍ଟୋକ୍ସ ୫୦ ଓ ଜ୍ୟାକ୍ସ ୪୧ ରନ କରି ନେସରଙ୍କ ବଲରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୪୧ ରନରେ ସୀମିତ ରହିଥିଲା। ଅଷ୍ଟ୍ରେଲିଆ ପାଇଁ ନେସର ୫ ଉଇକେଟ ନେଇଥିବାବେଳେ ସ୍କଟ ବୋଲାଣ୍ଡ ଓ ଷ୍ଟାର୍କ ୨ ଲେଖାଏ ଉଇକେଟ ନେଇଥିଲେ। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୬୫ ରନର ଛୋଟିଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ଦୁଇ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜେକ ୱେଦରାଲ୍ଡ ୧୭ ଓ ଅଧିନାୟକ ଷ୍ଟିଭ ସ୍ମିଥ ଅପରାଜିତ ୨୩ ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଇଂଲଣ୍ଡ ପାଇଁ ଗସ ଆଟକିନସ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୧/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୪୧/ଅଲଆଉଟ୍ (ବେନ ଷ୍ଟୋକ୍ସ-୫୦, ୱିଲ ଜ୍ୟାକ-୪୧, ମାଇକେଲ ନେସର-୫/୪୨, ମିଚେଲ ଷ୍ଟାକ-୨/୬୪, ସ୍କଟ ବୋଲାଣ୍ଡ-୨/୪୭)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୬୯/୨(ଷ୍ଟିଭ ସ୍ମିଥ-୨୩, ଟ୍ରାହିସ ହେଡ-୨୨, ଗସ ଆଟକିନସନ-୨/୩୭)।

# ସିମରନପ୍ରୀତ୍ ସ୍ୱର୍ଣ୍ଣ, ଐଶ୍ୱରୀଙ୍କୁ ରୌପ୍ୟ

**ଦୋହା, ୭।୧୨ (ପି.ଟି.)**

ସିମରନପ୍ରୀତ୍ କୌର ବ୍ରାର୍ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲର ମହିଳା ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ରଥମ ପଦାର୍ପଣ କରି ଭାରତର ୫୦ମିଟର ରାଇଫଲ ୩ ପୋଜିଶନ ଚାମ୍ପିୟନ ଐଶ୍ୱରୀ ପ୍ରତାପ ସିଂ ତୋମାର ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ସୀମରନପ୍ରୀତ୍ ଫାଇନାଲରେ ୪୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି କ୍ରମରେ ସେ ବିଶ୍ୱ ଜୁନିୟର ରେକର୍ଡ ସମକକ୍ଷ ହୋଇପାରିଛନ୍ତି।

ସୂଚନାଯୋଗ୍ୟ, ଐଶ୍ୱରୀ ଏଠାରେ ରୌପ୍ୟ ଜିତିବା ଦ୍ୱାରା ଖେଳର ସମ୍ଭାବ୍ୟ ବିଶ୍ୱ ଓ ମହାଦେଶୀୟ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଫଳରେ ୪୦ ଶଟ୍ ବିଶିଷ୍ଟ ଆଇଏସ୍‌ଏସ୍‌ଏଫ୍‌ର ଏହି ନୂଆ ଫର୍ମାଟରେ ଏହି ଭାରତୀୟ ଶୁଟର ଚେଟିଆର ଜିରି ପ୍ରିଭରାଟସ୍କିଙ୍କଠାରୁ ୦.୯ ପଏଣ୍ଟ ପଛରେ ୪୧୪.୨ ଶଟ୍ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅଲିମ୍ପିକ ଚାମ୍ପିୟନ ଲିଉ ୟୁକୁନ୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଐଶ୍ୱରୀ ହେଉଛନ୍ତି ଜଣେ ଡବଲ ଅଲିମ୍ପିଆନ, ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଓ ବର୍ତ୍ତମାନର ଏସିଆନ ଚାମ୍ପିୟନ। ସେ ଆହୁରି ମଧ୍ୟ ଗତମାସରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ଲୁସେଲ ଶୁଟିଂ ରେଞ୍ଜ୍‌ରେ କ୍ୱାଲିଫିକେଶନରେ ଐଶ୍ୱରୀ ୫୯୫ ଶଟ୍ ସହ ଚାଇନାର ତିଆନ ଜିଆମିଙ୍ଗ୍‌ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜିଆମିଙ୍ଗ୍ ୫୯୮ ସ୍କୋର ସହ ଏକ ବିଶ୍ୱ ରେକର୍ଡ ମଧ୍ୟ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ